NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY 10 JULY 2025
ଗୁରୁବାର ୧୦ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 56 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୫୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


### ରତ୍ନବେଦୀରେ ଆରମ୍ଭ ହେଲା ନୀତିକାନ୍ତି

## ନୀଳାଚଳ ଅବଢ଼ା ପାଇ କୃତାର୍ଥ ଶ୍ରଦ୍ଧାଳୁ



**ପୁରୀ,୯।୭/ଏନ୍‌ଏନ୍‌ଏସ୍:** ଶେଷହେଲା ରଥଯାତ୍ରା। ନୀଳକନ୍ଦରକୁ ବିଜେ କଲେ ନୀଳାଦ୍ରୀନାଥ। ଆଜିଠାରୁ ରତ୍ନସିଂହାସନରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି। ଦୀର୍ଘ ଏକମାସ ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ନୀଳାଚଳ ଅବଢ଼ା ପାଇ ଭକ୍ତମାନେ ଆତ୍ମସନ୍ତୋଷ ଲାଭ କରିଛନ୍ତି। ଗତକାଲି ଥିଲା ରଥଯାତ୍ରାର ଶେଷ ଦିନ। ଗତକାଲି ଗୋଟି ପହଣ୍ଡିରେ ରଥରୁ ରତ୍ନସିଂହାସନକୁ ବିଜେ କରିବା ପରେ ଭୋର୍ ସମୟରେ ମହାପ୍ରଭୁଙ୍କ ରୁନ୍ଧାନୀତି ସମ୍ପନ୍ନ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଥିବାରୁ ଗତକାଲି ମହାପ୍ରଭୁ ପହୁଡ଼ ହୋଇନାହାନ୍ତି। ବୁଧବାର ପୂର୍ବାହ୍ନ ୧୧.୦୦ରେ ମଙ୍ଗଳଆଳତୀ ହୋଇ ଅନ୍ୟାନ୍ୟ ନୀତି ବଢ଼ିବା ପରେ ସକାଳଧୂପରେ ବାହାରିଥିଲା ଅନ୍ନ ମହାପ୍ରସାଦ। ତେବେ ଶ୍ରୀମହାପ୍ରସାଦ ବାହାରିଲା ▶▶ ୫

## ବଦଳିଲା ପଞ୍ଚମ ଓ ଅଷ୍ଟମଶ୍ରେଣୀ ପରୀକ୍ଷା ଢାଞ୍ଚା

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୧୦ରେ ସଂଶୋଧନ କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ-୨୦୨୫ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରଟିଏ ଯେପରି ତାହାର ମୌଳିକ ଶିକ୍ଷାସ୍ତର ହାସଲ କରିପାରିବ ସେ ନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ଯଦି କୌଣସି ପିଲା ଏହି ପରୀକ୍ଷାରେ ବିଫଳ ହୁଅନ୍ତି, ତେବେ ଫଳାଫଳ ଘୋଷଣାର ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷା ପାଇଁ ସୁଯୋଗ ପ୍ରଦାନ କରାଯିବ। ପୁନଃ ପରୀକ୍ଷା ପରେ ମଧ୍ୟ ଆବଶ୍ୟକୀୟ ପଦୋନ୍ନତି ମାନଦଣ୍ଡ ପୂରଣ କରିବାରେ ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସମାନ ଶ୍ରେଣୀରେ ରଖାଯାଇପାରିବ। ସଂଶୋଧନ ମାଧ୍ୟମରେ ସ୍ପଷ୍ଟ କରାଯାଇଛି ଯେ ପ୍ରାଥମିକ ଶିକ୍ଷା ସମାପ୍ତ ନହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର ▶▶ ୫

## ଭିଜିଲାନ୍ସ ଜାଲରେ ଜିଲ୍ଲା ଯୋଗାଣ ଅଧିକାରୀ



### ଗାଡ଼ିରୁ ୩ ଲକ୍ଷ ଟଙ୍କା ଜବତ

**ଛତ୍ରପୁର,୯।୭/ଏନ୍‌ଏନ୍‌ଏସ୍:** ଭିଜିଲାନ୍ସ ଜାଲରେ ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା। ଛତ୍ରପୁର ନିକଟ ଜାତୀୟ ରାଜପଥରେ ବୁଧବାର ଯାଉଥିବା ବେଳେ ତାଙ୍କ ଗାଡ଼ିକୁ ଅଟକାଇଥିଲା ଭିଜିଲାନ୍ସ ଟିମ୍। ଯାଞ୍ଚବେଳେ ଗାଡ଼ିରୁ ୩ ଲକ୍ଷ ଟଙ୍କା ଜବତ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ। ସେ ଛତ୍ରପୁର ବ୍ୟାଙ୍କ କଲୋନୀ ଭଡ଼ାଘରୁ ଅଫିସକୁ ଯାଉଥିବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ୩ ଦିନ ଧରି ଭିଜିଲାନ୍ସ ଟିମ୍ ତାଙ୍କୁ ନଜରରେ ରଖିଥିବା ସୂଚନା ମିଳିଛି। ତାଙ୍କ ଗାଡ଼ିରୁ ୫୦୦ ଟଙ୍କିଆ ନୋଟ୍ ଭର୍ତ୍ତି ୬ଟି ବଣ୍ଡଲ୍ ଜବତ କରାଯାଇଛି। ପରେ ଯୋଗାଣ ଅଧିକାରୀ ଶ୍ରୀ ମୁଣ୍ଡାଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଆଶୀର୍ବାଦ ଆପାର୍ଟମେଣ୍ଟରେ ଥିବା ତାଙ୍କ ଭଡ଼ାଘରେ ଭିଜିଲାନ୍ସ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ତେବେ ନଗଦ ୩ ଲକ୍ଷ ଟଙ୍କା ପୁଷା ମୁଣ୍ଡାଙ୍କ ଗାଡ଼ିରେ କାହିଁକି ରଖାଯାଇଥିଲା, ଉକ୍ତ ଟଙ୍କା ସେ କାହା ପାଖରୁ ନେଇଥିଲେ ତାହା ଅସ୍ପଷ୍ଟ ରହିଛି। ଯୋଗାଣ ଅଧିକାରୀ ଶ୍ରୀ ମୁଣ୍ଡାଙ୍କୁ ନୂଆପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲା।

### ଚଳିତ ବର୍ଷର ଟାର୍ଗେଟ୍ ୫୦ ମିଲିଅନ୍ ଟନ୍ ଖଣିଜ ଉତ୍ପାଦନ

## ୨୦୨୬ ମେ' ସୁଦ୍ଧା ଓଏମ୍‌ସି ପେଲେଟ୍ ପ୍ରକଳ୍ପ



### ଖଣି ଅଞ୍ଚଳର ଲୋକଙ୍କ ଜୀବିକା ଓ ଜୀବନଶୈଳୀରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:**

ଓଡ଼ିଶା ଖଣି ନିଗମ ବା ଓଏମ୍‌ସି ୨୦୨୬ ମେ' ମାସ ସୁଦ୍ଧା ଆରମ୍ଭ କରିବ ପେଲେଟ୍ ପ୍ରକଳ୍ପ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଓଏମ୍‌ସି ୫୦ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହିତ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ କରିବାର ଲକ୍ଷ୍ୟ ରଖିଛି। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଖଣିଜ ପଦାର୍ଥ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ସହ ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବାବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ୍ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି। ଖଣି ଅଞ୍ଚଳର ଲୋକମାନଙ୍କ ଜୀବିକା ସୃଷ୍ଟି ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ପାଇଁ ଓଏମ୍‌ସି ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଖଣି ଅଞ୍ଚଳରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ସ୍ଥାନୀୟ ଲୋକଙ୍କ ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଖଣି ଅଞ୍ଚଳର ବିକାଶ ପାଇଁ ରହିଥିବା ▶▶ ୫

## ଭୁଶୁଡ଼ିଲା ପୋଲ, ୧୧ ମୃତ



### ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ
### ମୃତକଙ୍କୁ ୨ ଲକ୍ଷ, ଆହତଙ୍କୁ ୫୦ହଜାର ଲେଖାଏଁ ଆର୍ଥିକ ସହାୟତା ଘୋଷଣା

**ବଡ଼ୋଦରା,୯।୭/ଏଜେନ୍ସି:**

ଗୁଜରାଟ ବଡ଼ୋଦରା ଜିଲ୍ଲା ପାଦରା ତାଲୁକାର ମୁଜାପୁର ଅଞ୍ଚଳରୁ ଏକ ଦୁର୍ଭାଗ୍ୟଜନକ ଘଟଣା ନଜରକୁ ଆସିଛି। ଉକ୍ତ ଅଞ୍ଚଳ ଦେଇ ପ୍ରବାହିତ ମହିସାଗର ନଦୀ ଉପରେ ୪୩ବର୍ଷର ଏକ ପୁରୁଣା ପୋଲ ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ଅନେକ ଗାଡ଼ିମୋଟର ନଦୀରେ ଖସି ପଡ଼ିଛି। ଫଳରେ ଗୋଟିଏ ପରିବାରର ୩ ସଦସ୍ୟଙ୍କ ସମେତ ମୋଟ୍ ୧୧ଜଣ ପ୍ରାଣ ହରାଇଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ୪୩ ବର୍ଷର ଏହି ପୁରୁଣା ପୋଲ ଆନନ୍ଦ ଜିଲ୍ଲାର ମୁଜାପୁରକୁ ଗମ୍ଭୀରା ଏବଂ କେନ୍ଦ୍ରୀୟ ଗୁଜରାଟକୁ ସୌରାଷ୍ଟ୍ର ସହିତ ସଂଯୋଗ କରୁଥିଲା। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ପ୍ରମୁଖ 'ଏକ୍ସ' ଯୋଗେ ପୋଷ୍ଟକରି ଗଭୀର ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ 'ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି'ରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ମଧ୍ୟ ୫୦ହଜାର ଲେଖାଏଁ ଆର୍ଥିକ ସହାୟତା ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ପୋଲର ଯେଉଁ ଅଂଶ ଭୁଶୁଡ଼ି ପଡ଼ିଛି, ତାହା ଉପରେ ପ୍ରାୟ ୫ଟି ଗାଡ଼ି ଯାତାୟାତ କରୁଥିଲେ। ଆଗକୁ ପଛକୁ ମଧ୍ୟ ଅନେକ ଗାଡ଼ି ରହିଥିଲେ। ତେବେ ହଠାତ୍ ପୋଲ ଭୁଶୁଡ଼ି ପଡ଼ିବା ଯୋଗୁ ପୋଲର ସେହି ଭାଗରେ ଥିବା ସମସ୍ତ ଯାନବାହନ ସିଧାସଳଖ ନଦୀରେ ଖସି ପଡ଼ିଥିଲା। ଘଟଣା ଜଣାପଡ଼ିବା ମାତ୍ରେ ସ୍ଥାନୀୟ ପୁଲିସ ଏବଂ ଅଗ୍ନିଶମ ବିଭାଗର ଦଳ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ ତତ୍ପରତାରେ ୩ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା ବେଳେ ୧୧ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ କେତେଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ସେତୁ ଭୁଶୁଡ଼ିବାର କାରଣ ବିଷୟରେ କୌଣସି ସ୍ପଷ୍ଟ ସୂଚନା ନାହିଁ, କିନ୍ତୁ ଅନୁମାନ କରାଯାଉଛି ଯେ ନିରନ୍ତର ବର୍ଷା ଏବଂ ସେତୁର ଜରାଜୀର୍ଣ୍ଣ ଅବସ୍ଥା ଏହାର କାରଣ ହୋଇପାରେ। ଜିଲ୍ଲା ପ୍ରଶାସନ ଏହି ଦୁର୍ଘଟଣାର ତଦନ୍ତ ▶▶ ୫

### ଆଇପିଏସ୍ ସ୍ତରରେ ଅଦଳବଦଳ

## ସଞ୍ଜୀବ ପଣ୍ଡା ଆଣ୍ଟି-ନକ୍ସଲ ଅପରେସନ୍‌ର ଏଡିଜି



**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:**

ଆଇପିଏସ୍ ସ୍ତରରେ ଅଦଳବଦଳ ହୋଇଛି। ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ଟ୍ରେନିଂ ଏଡିଜି ଥିବା ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡା ଆଣ୍ଟି-ନକ୍ସଲ ଅପରେସନ୍‌ର ଏଡିଜି ଭାବେ ବଦଳି ହୋଇଛନ୍ତି। ସେହିପରି ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଖିଳେଶ୍ୱର ସିଂ ଏସ୍‌ଆଇଡବ୍ଲ୍ୟୁର ଡିଆଇଜି ଓ ୨୦୧୦ ବ୍ୟାଚ୍‌ର ଆଇପିଏସ୍ କେଭି ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜର ଡିଆଇଜି ଭାବେ ବଦଳି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

## ପତ୍ନୀ ବିଦ୍ୟାଭାରତୀଙ୍କ ଆବେଦନ ଖାରଜ



**କଟକ,୯।୭/ଏନ୍‌ଏନ୍‌ଏସ୍:**

ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ବୁଧବାର ହାଇକୋର୍ଟ ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଏଥିସହିତ ଏହି ପ୍ରସଙ୍ଗରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଏବଂ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଅଭିଯୋଗ ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ▶▶ ୫

## ଆଉ ଏକ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ, ୨ ମୃତ

**ଜୟପୁର,୯।୭/ଏଜେନ୍ସି:**

ରାଜସ୍ଥାନର ଚୁରୁ ଜିଲ୍ଲା ଅନ୍ତର୍ଗତ ରତନଗଡ଼ ସହର ନିକଟବର୍ତ୍ତୀ ଗ୍ରାମ ଭାନୁଦାଠାରେ ଭାରତୀୟ ବାୟୁସେନାର ଏକ ଲଢୁଆ ବିମାନ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହା ଏକ ଜାଗୁଆର ଲଢୁଆ ବିମାନ ହୋଇଥିବା ବେଳେ ଦୁର୍ଘଟଣାରେ ୨ ପାଇଲଟ୍ ମୃତ୍ୟୁ ହୋଇଛି। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଖୋଲାପଡ଼ିଆରେ ପଡ଼ିଥିଲା ବେଳେ ପ୍ରଚଣ୍ଡ ଶବ୍ଦ ବିସ୍ଫୋରଣ ହୋଇଥିଲା। ଏସମ୍ପର୍କରେ ଭାରତୀୟ ବାୟୁସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି।

ବାୟୁସେନା ଏକ ପୋଷ୍ଟକରି ମୃତ ଦୁଇଜଣଙ୍କୁ ଲଢୁଆ ପାଇଲଟ୍ ଭାବେ ଅଭିହିତ କରିଥିବା ବେଳେ ସେମାନଙ୍କ ପାଇଁ ଦୁଃଖ ବ୍ୟକ୍ତ କରିଛି। ଏତଦ୍‌ବ୍ୟତୀତ ଏହି ଦୁର୍ଘଟଣାରେ କୌଣସି ସାଧାରଣ ଲୋକଙ୍କ ଧନଜୀବନ କ୍ଷତି ହୋଇନଥିବା ବାୟୁସେନା ସ୍ପଷ୍ଟ କରିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ କୋର୍ଟ ଅଫ୍ ଇନକ୍ୱାରୀ ଗଠନ କରାଯାଇଛି ବୋଲି ଆଇଏଏଫ୍ ଉଲ୍ଲେଖ କରିଛି। ଏହି ପରିପ୍ରେକ୍ଷୀରେ ଆଇଏଏଫ୍ ଦର୍ଶାଇଛି, ବିମାନଟି ଟ୍ରେନିଂ ପ୍ରକ୍ରିୟାରେ ସାମିଲ ଥିବା ସମୟରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ତେବେ ଉଭୟ ପାଇଲଟ୍ ବିମାନଟିକୁ ଜନଗହଳି ଅଞ୍ଚଳରୁ ଦୂରେଇ ନେଇଯିବା ପାଇଁ ଚେଷ୍ଟା କରିଥିଲେ ଏବଂ ଶେଷ ମୁହୂର୍ତ୍ତରେ ଉଭୟ ବିମାନରୁ ବାହାରି ପାରିନଥିଲେ। ପ୍ରକାଶ, ଜାଗୁଆର ଯୁଦ୍ଧ ବିମାନଟି ଏକ ବ୍ରିଟିଶ-ଫ୍ରାନ୍ସିକ ସୁପରସୋନିକ୍ ଜେଟ୍ ଆକ୍ରମଣ ବିମାନ। ଏହା ୩୬ ହଜାର ଫୁଟ ଉଚ୍ଚତାରେ ଉଡ଼ିବାକୁ ସକ୍ଷମ। ଏହା ଦେଢ଼ ମିନିଟ୍ ମଧ୍ୟରେ ୩୦ ହଜାର ଫୁଟ ଉଚ୍ଚତାରେ ପହଞ୍ଚିପାରିବ। ଏହା



ସହିତ, ଏହା ୬୦୦ ମିଟରର ଏକ ଛୋଟ ରନ୍‌ୱେରୁ ମଧ୍ୟ ଉଡ଼ାଣ କିମ୍ବା ଅବତରଣ କରିପାରିବ। ଗତ ପାଞ୍ଚ ମାସ ମଧ୍ୟରେ ଏହା ତୃତୀୟ ଯୁଦ୍ଧ ବିମାନ ଦୁର୍ଘଟଣା।

ଅନ୍ୟପକ୍ଷେ ଚୁରୁ ଏସ୍‌ପି ଜୟ ଯାଦବ କହିଛନ୍ତି, ରାଜଲଦେଶର ଥାନା ଅଞ୍ଚଳର ଭାଣୁଦା ଗ୍ରାମରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇ ପାଇଲଟ୍ ମଧ୍ୟ ସହିଦ୍ ହୋଇଛନ୍ତି। ରାଜଲଦେଶର ପୁଲିସକୁ ଘଟଣାସ୍ଥଳକୁ ପଠାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଦୁର୍ଘଟଣା ସମ୍ପର୍କରେ ସର୍ବପ୍ରଥମେ ପୁଲିସ୍‌କୁ ସୂଚନା ଦିଆଯାଇଥିଲା।

## କୁକୁଡ଼ା ମଡ଼କ, ବାର୍ଡଫ୍ଲୁ ଆଶଙ୍କା

**ଡେଲାଙ୍ଗ,୯।୭/ଏନ୍‌ଏନ୍‌ଏସ୍:**

ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ ବାର୍ଡଫ୍ଲୁ ସନ୍ଦେହରୁ ଆତଙ୍କ ଖେଳିଯାଇଛି। ଘଟଣାର ଗୁରୁତ୍ୱ ଦେଖି ଏକ ରାପିଡ୍ ରେସ୍‌ପନ୍ସ ଟିମ୍ ଡେଲାଙ୍ଗରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ ଡେଲାଙ୍ଗ ବ୍ଲକରେ ପୁଣି ଦେଖାଦେଇଛି କୁକୁଡ଼ା ମଡ଼କ। ଗତ ୭ଦିନ ମଧ୍ୟରେ ବିଭିନ୍ନ ଫାର୍ମରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମରିଥିବା ବେଳେ ଲୋକଙ୍କ ମନରେ ବାର୍ଡଫ୍ଲୁ ସନ୍ଦେହ ପ୍ରକାଶ ପାଇଛି। କ୍ଷତି ଭୟରେ ଫାର୍ମ ମାଲିକମାନେ ଏହି ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିବା ବେଳେ କୁକୁଡ଼ା ମଡ଼କରେ ରୋକ ନଲାଗିବାରୁ ଫାର୍ମ ମାଲିକମାନେ ଏନେଇ ପଶୁ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସଂକ୍ରମଣର କୌଣସି ନିରାକରଣ ବ୍ୟବସ୍ଥା କରାଯାଇ ନାହିଁ। ଗତ ୧୫ଦିନ ପୂର୍ବରୁ ସଂକ୍ରମଣ ବ୍ୟାପିଥିବା ସନ୍ଦେହ କରାଯାଉଛି। ଆଙ୍କୁଲା, ଶିଶୁଆପଡ଼ା, ଗୋଡ଼ିପୁଟ ମାଟିଆପଡ଼ା, ବେଗୁନିଆପଡ଼ା, ସିଂହବ୍ରହ୍ମପୁର, ଚାଇଁପୁର, ଗଡ଼ ମୋଟରୀ ଆଦି ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଫାର୍ମରେ ହଜାର ହଜାର ସଂଖ୍ୟାରେ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। ବିଭାଗ ପକ୍ଷରୁ ୩ ଜଣିଆ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍‌ରେ ଡେଲାଙ୍ଗ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରିତିତୋଷ ମହାପାତ୍ରଙ୍କ ସମେତ ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଦାଶ, ଡା. ରାଜେଶ ସାହୁ ପ୍ରମୁଖ ଆଙ୍କୁଲା ଗ୍ରାମରେ ପହଞ୍ଚି ବିଭିନ୍ନ ଫାର୍ମରେ କୁକୁଡ଼ାଙ୍କ ମଳ ଓ ଲାଳ ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷା ପାଇଁ ପଠାଇଛନ୍ତି। ଅନ୍ୟପକ୍ଷରେ କମ୍ପାନୀ କିମ୍ବା ବିଭାଗ ପକ୍ଷରୁ ମଲା କୁକୁଡ଼ାଗୁଡ଼ିକୁ ଉଠାଇବାର କୌଣସି ବନ୍ଦୋବସ୍ତ କରିନଥିବାରୁ ଚାଷୀମାନେ ସେଗୁଡ଼ିକୁ କେନାଲ, ସଫେଇ, ନଦୀ ଓ ▶▶ ୫

▶ ୭ ଦିନରେ ମଲେଣି ୨୦ ହଜାରରୁ ଊର୍ଦ୍ଧ୍ୱ
▶ ନମୁନା ସଂଗ୍ରହ କଲା ରାପିଡ୍ ରେସ୍‌ପନ୍ସ ଟିମ୍






ନିତିଦିନ NITIDIN

## ଭୁବନେଶ୍ୱରରେ ଭାରତ ବନ୍ଦର ପ୍ରଭାବ

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରେ ଭାରତ ବନ୍ଦର ପ୍ରଭାବ ବୁଧବାର ଦେଖିବାକୁ ମିଳିଛି। ଶ୍ରମିକ ସଂଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ବସଷ୍ଟାଣ୍ଡରେ ପ୍ରତିବାଦ କରି ବସ ଚଳାଚଳ ଓ ରାସ୍ତା ବନ୍ଦ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ, ସର୍ବ ଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ୪ ଶ୍ରମ କୋଡ୍ ବାତିଲ, ସ୍କିମ ୱାର୍କରଙ୍କୁ ଶ୍ରମିକର ମାନ୍ୟତା ରାଷ୍ଟ୍ରୀୟ ଉଦ୍ୟୋଗୀକୁ ଘରୋଇକରଣ ବିରୁଦ୍ଧରେ ଭାରତ ବନ୍ଦ ଡାକରା ଦେଇଥିଲା ସଂଗଠନ।

## ୱାଟର୍ ଲଗିଙ୍ଗ କମ୍ କରିବାକୁ ପଦକ୍ଷେପ ନିଆଯାଉଛି: ମନ୍ତ୍ରୀ

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ରାଜଧାନୀରେ ୱାଟର ଲଗିଙ୍ଗ କମ୍ କରାଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରୁଛନ୍ତି। ଏହାକୁ ନେଇ ଆହୁରି ଯୋଜନା କରାଯାଉଛି। ଯେଉଁ ଯେଉଁ ଜାଗାରେ ୱାଟର ଲଗିଙ୍ଗ ହେଉଛି ସେସବୁ ଜାଗାରେ ନ ହେବା ପାଇଁ ପ୍ରୟାସ ଜାରି ରହିଛି। ବର୍ଷା ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ୱାଟର ଲଗିଙ୍ଗ ପଏଣ୍ଟ ସବୁକୁ ମନିଟରିଙ୍ଗ କରାଯାଇଥିଲା। ସେସବୁ ପଏଣ୍ଟରେ ଜଳ ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଉଛି। ୱାଟର ଲଗିଙ୍ଗ କେମିତି ନ ହେବ ସେଥିପାଇଁ ଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ ରାଜଧାନୀ ରାସ୍ତାରେ ଅଯଥା ଖୋଳା ଯିବା ଅଭିଯୋଗ ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ ଅଯଥା ଖୋଳା ଯାଉନଥିବ। ଯେଉଁଠି ଆବଶ୍ୟକତା ବା କାମ ଥିବ ସେଠାରେ ଖୋଳା ଯାଉଥିବ। ଯଦି ସେମିତି ଅଭିଯୋଗ ଆସେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

## ସ୍ୱାମୀ ଡଃ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ



**କଟକ,୯।୭/ଏନ୍‌ଏନ୍‌ଏସ୍:** ସିଡିଏ ସେକ୍ଟର ୧୦ସ୍ଥିତ ସୁବୋଧ କୃଷ୍ଣ ମିଶନ ପରିସରରେ ମିଶନର ପ୍ରତିଷ୍ଠାତା ସ୍ୱାମୀ ଡ଼ଃ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ମହାରାଜଜୀଙ୍କ ୫୪ତମ ସ୍ୱନକ୍ଷତ୍ର ପାଳିତ ହୋଇଯାଇଛି। ସୁବୋଧ କୃଷ୍ଣ ମିଶନର ରାଜ୍ୟ ଲୋକ-ସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ ଜୟନ୍ତୀ ଉତ୍ସବରେ ଅଧକ୍ଷତା କରିଥିଲେ। ମିଶନ୍‌ର ମହା ସଚିବ ବିନୟ କୁମାର ନାୟକଙ୍କ ସଂଯୋଜନାରେ ନିତ୍ୟାନନ୍ଦ ମିଶ୍ର, ନକୁଳ ଚନ୍ଦ୍ର ମହାରଣା, ଶ୍ରଦ୍ଧାଞ୍ଜଳି ବେହୁରା, ସଂଗୀତା ନାୟକ, ବିଭୁତି ଭୂଷଣ ସାହୁ, ପ୍ରଫୁଲ୍ଲ କୁମାର ମହାନ୍ତି, ନିବାସିନୀ ମଣ୍ଡଳ, ମିନତୀ ପଣ୍ଡା, ଜଗନ୍ନାଥ ବେହେରା, ରାଜକିଶୋର ସାହୁ, ପ୍ରଦୀପ୍ତ ନିଶାଙ୍କ, ନୀଳମଣି ଦେବତା ଓ ପଞ୍ଚାନନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭୁଦତ୍ତ ବେହୁରା ଓ ଅଜିତ ମଣ୍ଡଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମିଶନର ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର ଧନ୍ୟବାଦ୍ ଦେଇଥିଲେ।

## ଶାରୀରିକ କାର୍ଯ୍ୟକଳାପ ପ୍ରତ୍ୟେକ ବୟସବର୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ଶାରୀରିକ କାର୍ଯ୍ୟକଳାପ ପ୍ରତ୍ୟେକ ବୟସବର୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଏସ୍‌ଏ ଖାଁ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଯୋଗ କିମ୍ବା ବୈଠକ ଘରେ ନୃତ୍ୟ ହୋଇଥାଉ କିମ୍ବା ବିଛଣାକୁ ଯିବା ପୂର୍ବରୁ କିଛି ସମୟ ପାଇଁ ଏକାଠି ହାଲୁକା ମାନସିକ ଶାନ୍ତି ପ୍ରଦାନକାରୀ କିଛି କାର୍ଯ୍ୟ ଆମକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ। କମ୍ ସମୟ ପାଇଁ ହେଉ ମଧ୍ୟ ପ୍ରତ୍ୟେକ ଦିନ କିଛି ନା କିଛି ଶାରୀରିକ କାର୍ଯ୍ୟକଳାପ ସ୍ୱାସ୍ଥ୍ୟ ପାଇଁ ଏକ ଭିନ୍ନ ପରିବର୍ତ୍ତନ ଆଣିଥାଏ ବୋଲି ଫିଟନେସ ଟ୍ରେନର ଜସ୍ମିନ କରାଚିୱାଲା ଆଜି କହିଛନ୍ତି। ତେବେ ଭିଟାମିନ୍ 'ଇ', ମ୍ୟାଗ୍ନେସିୟମ୍ ଏବଂ ଆଲମଣ୍ଡର ସୁସ୍ଥ ଚର୍ବିରେ ପରିପୂର୍ଣ୍ଣ ବାଦାମ ଏକ ପୁଷ୍ଟିକର ଖାଦ୍ୟ। ସୁସ୍ଥ ଲାଗି ଅଧିକ ମାତ୍ରାରେ ପ୍ରୋଟିନ ଥିବା ଖାଦ୍ୟ ଯଥା ଗୋଟା ଡ଼ାଲି ଏବଂ ତଟକା ପନିପରିବା ଖାଇବା ଉଚିତ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିଶେଷକରି ଦୈନିକ ବାଦାମ ଟିଫିନବକ୍ସରେ ପିଲାଙ୍କୁ ଦେବା ଉଚିତ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

## 'ଭବିଷ୍ୟତରେ ପ୍ରସ୍ତୁତ ଉର୍ଜା ଶିକ୍ଷା' ସମ୍ମିଳନୀକୁ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ

# 'ସମାଜର ଉର୍ଜା ଆବଶ୍ୟକତା ପୂରଣ କରିବା ଦିଗରେ ଭାରତ ଅଗ୍ରସର'

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର। ଏହି ପରିପ୍ରେକ୍ଷୀରେ ଆମ ସମାଜର ଆକାଂକ୍ଷା ଏବଂ ଉର୍ଜା ଆବଶ୍ୟକତା ପୂରଣ କରିବା ସହିତ ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ପ୍ରତିବଦ୍ଧତା ହାସଲ କରିବା ଦିଗରେ ଅଗ୍ରସର ବୋଲି ବୁଧବାର ଆଇଆଇଟି ଦିଲ୍ଲୀରେ ଆୟୋଜିତ 'ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ଶିକ୍ଷା: ସୁଯୋଗ ଏବଂ ଚ୍ୟାଲେଞ୍ଜ' ଶୀର୍ଷକ ଜାତୀୟ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମକୁ ଏକ ସ୍ମାର୍ଟ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ, ଯାହା ଜ୍ଞାନର ସମନ୍ୱୟରେ ସାମାଜ ପାଇଁ ଲାଭଦାୟକ ହେବ। ଆଇଆଇଟି ଦିଲ୍ଲୀ ଉର୍ଜା ଶିକ୍ଷା ପାଇଁ ଭବିଷ୍ୟତର ପଥ ସୃଷ୍ଟି କରିବା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛି, ଯାହା ପ୍ରଶଂସନୀୟ। ଏହି ପଦକ୍ଷେପ ସାମଗ୍ରିକ ଶିକ୍ଷା ପାଠ୍ୟକ୍ରମ ସହିତ ଶକ୍ତି ଶିକ୍ଷାକୁ ସମନ୍ୱିତ କରିବା ପାଇଁ ଏକ ଦୀର୍ଘ ଯାତ୍ରାର ମୂଳଦୁଆ ଅଟେ। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ ଏକ ଉତ୍ତମ ଉର୍ଜା ଶିକ୍ଷା ପାଠ୍ୟକ୍ରମ ସୃଷ୍ଟି କରିବାରେ ଯୋଗଦାନ ରଖିବାକୁ ଆଇଆଇଟି ଦିଲ୍ଲୀକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଏହାବ୍ୟତୀତ ଆଉ ଏକ ପୃଥକ କାର୍ଯ୍ୟକ୍ରମ ଅନୁଯାୟୀ, ଗୁଜରାଟର କେଭାଡିଆରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜୁଲାଇ ୧୦ ରୁ ୧୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଦୁଇଦିନିଆ କୁଳପତି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ; ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଏବଂ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ ଜୁଲାଇ ୨୦୨୫ରେ ଜାତୀୟ ଶିକ୍ଷା ନୀତି ୨୦୨୦ କ୍ରିୟାନ୍ୱୟନର ପାଞ୍ଚ ବର୍ଷ ପୂର୍ତ୍ତି ହେବ। ଏହାର ଅଂଶବିଶେଷ ଭାବରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଶୀର୍ଷ ନେତୃତ୍ୱମାନଙ୍କୁ ନେଇ ସାଂଗଠନିକ ପ୍ରଗତି ସମୀକ୍ଷା କରିବା




ସହ ସାମୂହିକ ଭାବରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ବିଚାରବମର୍ଶ ହେବ। ଦୁଇ ଦିନ ଧରି ତିନୋଟି ପ୍ରମୁଖ କ୍ଷେତ୍ର ଯଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ନୀତି ଅନୁସାରେ ଆଗାମୀ ଦିନର ଲକ୍ଷ୍ୟ, ତା' ଉପରେ ରଣନୈତିକ ସହଯୋଗ ଉପରେ ଆଲୋଚନା ହେବ। ସାଂଗଠନିକ ନବସୃଜନ, ସକ୍ଷମ ପରିବେଶ ଏବଂ ମିଳିତ ଆହ୍ୱାନ ଉପରେ ସମକକ୍ଷ ଶିକ୍ଷା ଏବଂ ଜ୍ଞାନର ଆଦାନପ୍ରଦାନ ଉପରେ ଶିକ୍ଷାବିତଙ୍କ ମଧ୍ୟରେ ଆଲୋଚନାକୁ ପ୍ରୋତ୍ସାହିତ କରାଯିବ। ସେହିପରି ୨୦୪୭ର ବିଶ୍ୱ ଶୈକ୍ଷିକ ଦୃଶ୍ୟପଟ୍ଟ ପାଇଁ ଆଗୁଆ ଯୋଜନା ଏବଂ ପ୍ରସ୍ତୁତି ଉପରେ ଚର୍ଚ୍ଚା ହେବ। ଏହି ସମ୍ମିଳନୀ ଉଚ୍ଚଶିକ୍ଷାର ପ୍ରମୁଖ ଦିଗ ଯଥା ଶିକ୍ଷାଦାନ, ଗବେଷଣା, ଜାତୀୟ ଶିକ୍ଷା ନୀତିର ପ୍ରମୁଖ ସ୍ତମ୍ଭ ସହିତ ଦୁଇ ଦିନ ଧରି ୧୦ଟି ବିଷୟବସ୍ତୁ ଅଧିବେଶନ ମାଧ୍ୟମରେ ବିଚାରବିମର୍ଶ ହେବ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆସାମ ବିଶ୍ୱବିଦ୍ୟାଳୟ, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କାଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟ, ସିକିମ୍ ବିଶ୍ୱବିଦ୍ୟାଳୟ, ତ୍ରିପୁରା ବିଶ୍ୱବିଦ୍ୟାଳୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ସେମିତ ଅନେକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ୧୧ରେ କଂଗ୍ରେସର 'ସମ୍ବିଧାନ ବଚାଓ' ମହାସମାବେଶ

**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ଆସନ୍ତା ୧୧ ତାରିଖରେ କଂଗ୍ରେସର 'ସମ୍ବିଧାନ ବଚାଓ' ମହାସମାବେଶରେ ଯୋଗଦେବା




ପାଇଁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ଓ ସଂଗଠନ ସାଧାରଣ ସମ୍ପାଦକ ଭେଣୁଗୋପାଳ ଭୁବନେଶ୍ୱର ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତାଙ୍କ ଗହଣରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ଗସ୍ତ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସେମାନେ ସେଦିନ ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦର ରେ ପହଞ୍ଚିବେ। ବିମାନ ବନ୍ଦରରୁ ସିଧା ବରମୁଣ୍ଡା ପଡ଼ିଆ ଯିବେ। ସଭା ସରିବା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ଓ ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ବସିବ ବଡ଼ ବୈଠକ। ପ୍ରଥମେ ପଲିଟିକାଲ ଏଫାୟର୍ସ କମିଟି ସହ ବୈଠକ କରିବେ ରାହୁଲ ଓ ଏଆଇସିସି ସଭାପତି। ଏହା ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ହେବ ଆଲୋଚନା। ସନ୍ଧ୍ୟା ୫ଟାରେ ଦିଲ୍ଲୀ ଫେରିଯିବେ। ପୂର୍ବତନ ସଭାପତି ନିରଂଜନ ପଟ୍ଟନାୟକ ରାହୁଲଙ୍କ ଆଗାମୀ ଗସ୍ତ ରାଜ୍ୟରେ କଂଗ୍ରେସକୁ ପୁଣି ବଳଶାଳୀ କରିବ ବୋଲି ଆଶାପ୍ରକାଶ କରିଥିବା ବେଳେ ଅନ୍ୟତମ ଦୁଇ ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଓ ଜୟଦେବ ଜେନା ବି ନିଜ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସର ଐତିହ୍ୟ ସ୍ମରଣ କରାଇଦେଇଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ସେସ୍ ନକରିବା ଦ୍ୱାରା ରାଜ୍ୟ ଦୁଇ ଲକ୍ଷ କୋଟିର ଅଣରାଜସ୍ୱ ଆୟ କାହା ସ୍ୱାର୍ଥରେ ହରାଇଲେ ବୋଲି ପ୍ରଶ୍ନ କରିବା ସହ ପଛୁଆ ବର୍ଗ ପାଇଁ ଆବଶ୍ୟକ ସଂରକ୍ଷଣ ଲାଗୁ କରିବାକୁ ଦାବି କରିଥିଲେ। ନବନିଯୁକ୍ତ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବହାନିପତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମେଧାବୀ ସମ୍ବର୍ଦ୍ଧନା ସମାରୋହ



**ଭୁବନେଶ୍ୱର,୯।୭/ଏନ୍‌ଏନ୍‌ଏସ୍:** ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ-୮ରେ ଚଳିତ ବର୍ଷ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜୀବବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ଡଃ ଦେବାଶିଷ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୟା, ସଚ୍ଚୋଟତା, ଏକାଗ୍ରତା ଓ ସାହସିକତା ଆଦି ଗୁଣକୁ ଗ୍ରହଣ କରି ସମାଜର ହିତ ସାଧନ ପାଇଁ ଉପଯୋଗୀ ପଦକ୍ଷେପ ନେବା ପାଇଁ ଛାତ୍ରସମାଜକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟ ସଭାପତି ସନ୍ତୋଷ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ. ସି. ଶତପଥୀ ଦୃଢ଼ ସଂକଳ୍ପ ଓ କଠିନ ପରିଶ୍ରମ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୪-୨୫ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୬୮ଜଣ ଓ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗ)ରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୦୯ଜଣ, ଜେଇଇ ଆଡ୍‌ଭାନ୍ସଡ ଓ ନିଟ୍ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଈପ୍‌ସିତା ଦାସ ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ପ୍ରଦର୍ଶିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଡିଏଭିର ସଭାପତି ମଦନ ମୋହନ ପଣ୍ଡା, ଡଃ ଓମ୍‌କାର ନାଥ ମହାନ୍ତି, ପ୍ରଫେସର କାଞ୍ଚନବାଳା ପଟ୍ଟନାୟକ, ଡିଏଭି ଆଞ୍ଚଳିକ ଅଧିକାରୀ ଡଃ ସୁଜାତା ସାହୁ, ଅଧ୍ୟକ୍ଷଅଧ୍ୟକ୍ଷା, ମାନ୍ୟଗଣ୍ୟବ୍ୟକ୍ତି, ଅଭିଭାବକ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପର୍ଯ୍ୟବେକ୍ଷିକା ଡଃ ସୁନିତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ ଓ ବନ୍ଦ ପାଳନ

**କଟକ,୯।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରାରେ ଆଜି ବିଭିନ୍ନ ଅଫିସ ଓ ଦପ୍ତର ସମ୍ମୁଖରେ ଶ୍ରମିକ ସଂଗଠନମାନେ ପିକେଟିଙ୍ଗ ସହ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରିଛନ୍ତି। ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା, ୨୦୨୦ ଜାତୀୟ ଶିକ୍ଷାନୀତି ବାତିଲ କରିବା, ବିଦ୍ୟୁତ ଆଇନ ୨୦୨୨ ବାତିଲ କରିବା ପ୍ରମୁଖ ୧୭ ଦଫା ଦାବିରେ ଆଇଏଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ ଏଆଇୟୁଟିୟୁସି ପ୍ରମୁଖ ୧୧ଟି ଶ୍ରମିକ ସଂଗଠନ ପକ୍ଷରୁ କଟକ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା, ଜିଲ୍ଲାପାଳ ଅଫିସ୍ ଓ ଅନ୍ୟାନ୍ୟ ଅଫିସ୍‌ମାନଙ୍କ ସମ୍ମୁଖରେ ପିକେଟିଙ୍ଗ୍ କରିଥିଲେ। ଏହି ଧର୍ମଘଟକୁ ସମର୍ଥନ କରି ସିଟି କୋଅର୍ଡ଼ିନେସନ, ସିଟି ଫେଡ଼େରେସନ୍, ଏଆଇଡିଏସଓ ଇତ୍ୟାଦି ସଂଗଠନ ଧର୍ମଘଟରେ ସାମିଲ ହୋଇଥିଲେ। ଏହି ଧର୍ମଘଟରେ ଶ୍ରମିକ ନେତା କିଶୋର ଜେନା, ରବି ନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ଲକ୍ଷ୍ମୀପ୍ରିୟା ମହାନ୍ତି, ସନ୍ତୋଷ ଭୋଳ, ମନୋରଞ୍ଜନ ମହାରଣା, ଯୁଧିଷ୍ଠିର ମହାରଣା, ପ୍ରଶାନ୍ତ ମିଶ୍ର, ଅମରେନ୍ଦୁ ମହାନ୍ତି, ବବି




ବଳବନ୍ତ ରାୟ, ଶିବାଶିଷ ପଟ୍ଟନାୟକ, ବସନ୍ତ ନାୟକ, ପ୍ରିୟଦର୍ଶନ ପାଢେଲ, ପ୍ରସନ୍ନ ମହାପାତ୍ର, ଈର୍ଷାଧର, ଉଜ୍ଜୟିନୀ ଦିକ୍ଷିତ, ତରୁଣସେନ ନାୟକ, ଦୀପକ ଦାସ, ବୁଲି ସାହୁ, ଭାଗ୍ୟଧର ନାୟକ, ଶୋଭା ଦେଉରୀ, ସିପ୍ରା ମହାନ୍ତି, ଝରଣା ଦାସ ଓ ଉମେଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ ସିପିଆଇଏମ୍ ପକ୍ଷରୁ ଭାରତ ବନ୍ଦ ଡାକରାକୁ ସମର୍ଥନ କରି ରାଜପଥ ଅବରୋଧ କରାଯାଇଛି। ଭାରତ ବନ୍ଦକୁ ସମର୍ଥନ ଜଣାଇ ଓଡ଼ିଶା କୃଷକ ସଭା ଓ ସିଆଇଟିୟୁ ଟାଙ୍ଗୀ -ଚୌଦ୍ୱାର ବ୍ଲକ କମିଟି ତରଫରୁ ଭଗତପୁରଠାରୁ ରମେଶ ବେହେରା ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ବ୍ଲକ ଛକ ଦେଇ ଡ୍ରିମ୍ସ ଛକ ୧୬ ନଂ ରାଜପଥ ନିକଟରେ ପହଞ୍ଚିଥିଲା। ପରେ ଭଟିମୁଣ୍ଡା ପଞ୍ଚାୟତରୁ ସିପିଆଇଏମ୍ ନେତା ଡମ୍ବରୁଧର ସାହୁ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ସମସ୍ତ ଦୋକାନ ବଜାର ବ୍ୟାଙ୍କ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହ ରାଜପଥରେ ଏକତ୍ରିତ ହୋଇ ବିଜେପି ସରକାର ବିରୋଧରେ ନାନା ବାଜି କରିଥିଲେ। ଫଳରେ ରାଜପଥର ଉଭୟ ପକ୍ଷରେ ଶହ ଶହ ଗାଡ଼ିଗୁଡ଼ିକ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ବେହେରା ଚନ୍ଦ୍ର ମୋହନ ମାଝୀ, ସୁନାରାମ ହେମ୍ବ୍ରମ, ମୁକୁନ୍ଦ କୁଇନକାଲ, ମହେନ୍ଦ୍ର ବେହେରା, ପର୍ଶୁରାମ ମହାରଣା, ନରେନ୍ଦ୍ର ହେମ୍ବ୍ରମଙ୍କ ସମେତ ୩୦୦ରୁ ଅଧିକ କର୍ମୀ ଯୋଗ ଦେଇଥିଲେ।

## ମଧୁପାଟଣା ଶିଳ୍ପାଞ୍ଚଳରେ ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ

**କଟକ,୯।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମଧୁପାଟଣା ଶିଳ୍ପାଞ୍ଚଳରେ ବହୁ ସଂଖ୍ୟାରେ ଶିଳ୍ପ କାର୍ଯ୍ୟକଳାପ ସହ ଜଡ଼ିତ ଭାରି ଯାନବାହନ ଚଳାଚଳ କରିବା ହେତୁ ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୪ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଦୈନନ୍ଦିନ ମାର୍କେଟିଙ୍ଗ କରିବା, ଅଫିସ ଯିବାଆସିବା କରିବା, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଯିବା ଆସିବା କରିବା ସମୟରେ ଅସୁବିଧା ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ମଧୁପାଟଣା ଓ ଆଖପାଖ ଅଞ୍ଚଳର ବାସିନ୍ଦା ଏବଂ ଛୋଟ ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କଟକ ଶିଳ୍ପାଞ୍ଚଳ ମଧ୍ୟରେ ଭାରି ବାଣିଜ୍ୟିକ ଯାନବାହନ ଚଳାଚଳକୁ ସକାଳ ୬ଟାରୁ ଦିନ ୧୧ଟା ଏବଂ ସନ୍ଧ୍ୟା ୪ଟାରୁ ୬ ପର୍ଯ୍ୟନ୍ତ ପ୍ରତିବନ୍ଧିତ କରିଛନ୍ତି। ଏହି ପ୍ରତିବନ୍ଧକ ଆସନ୍ତା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ମୋଟର ଭେହିକିଲ୍ ଆଇନ, ୧୯୮୮ର ବିଭାଗ ୧୧୫ ଅଧୀନରେ ଏବଂ ଓଡ଼ିଶା ମୋଟର ଯାନ ନିୟମ, ୧୯୯୩ର ନିୟମ ୧୭୩ ସହିତ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଏହି ନିର୍ଦ୍ଦେଶ ଜାରି କରାଯାଇଛି।

## ୯୦ ବ୍ୟାପୀ ମଧ୍ୟସ୍ଥତା କାର୍ଯ୍ୟକ୍ରମର ଶୁଭାରମ୍ଭ

**କଟକ,୯।୭/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନ ସେବା ପ୍ରାଧୀକରଣ, ମଧ୍ୟସ୍ଥତା ଏବଂ ମିଳାମିଶା ପ୍ରକଳ୍ପ କମିଟି ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ୯୦ଦିନ ବ୍ୟାପୀ ମଧ୍ୟସ୍ଥତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଯାହାକି ଚଳିତମାସ ପହିଲାରୁ ୩୧ତାରିଖ ପର୍ଯ୍ୟନ୍ତ ସମସ୍ତ କଟକ ଜିଲ୍ଲା କୋର୍ଟ ତଥା କଟକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ତାଲୁକ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ମଧ୍ୟସ୍ଥତା କାର୍ଯ୍ୟକ୍ରମ ମଧ୍ୟରେ କୋର୍ଟରେ ବିଚାରାଧୀନ ଥିବା ସମସ୍ତ ଘରୋଇ ହିଂସା, ଦୁର୍ଘଟଣାଜନିତ ମୋକଦ୍ଦମା, ଘରୋଇ ହିଂସା, ଚେକ ବାଉନ୍ସ କେସ, ରଫା ଯୋଗ୍ୟ ଫୌଜଦାରୀ ମକୋଦ୍ଦମା, ବାଣିଜ୍ୟିକ ମୋକଦ୍ଦମା, ସେବା ମାମଲା, ସମସ୍ତ ଦେବାନୀ ମୋକଦ୍ଦମା, ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ। ଯାହା ଜନସାଧାରଣଙ୍କର ସମୟ ଓ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା କରିଥାଏ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ମଧ୍ୟସ୍ଥତା ମାଧ୍ୟମରେ ସମସ୍ତ ବିଚାରାଧୀନ ମାମଲାର ସମାଧାନ କରିବ।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଉପଲକ୍ଷେ ପ୍ରତିଯୋଗିତା

**କଟକ,୯।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ -୨୦୨୫ ପାଳନ ଅବସରରେ କଟକ ଜିଲ୍ଲାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱରାଜ ଆଶ୍ରମ ପରିସରରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ତଥା କଟକ ମହାନଗର ନିଗମରୁ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଯୋଗଦେଇ ପ୍ରତିଯୋଗିତାରେ ବିଜେତା ହେବା ଅପେକ୍ଷା ଅଂଶଗ୍ରହଣ କରିବା ଛାତ୍ରଛାତ୍ରୀମାନଙ୍କ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ମତ ଦେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଲକ୍ଷ୍ମୀପ୍ରିୟା ନାୟକ, ରାମଚନ୍ଦ୍ର ପଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଙ୍କୀ ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ



ଅଭିଲିପ୍ସା ଆଞ୍ଜେଲ ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର, ଡମପଡ଼ା, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ସୋମ ପ୍ରୟାସ ମହାରଣା, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, କବିତା ଆବୃତ୍ତି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଆଦ୍ୟାଶା ମହାଭୋଇ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚମ୍ପେଶ୍ୱର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ପ୍ରବନ୍ଧ ପ୍ରତିଯୋଗିତାରେ ସସ୍ମିତା ରାଉତ, ପଦ୍ମପୁର ଉଚ୍ଚ ବିଦ୍ୟାଳୟ, ବକ୍ତୃତା ପ୍ରତିଯୋଗିତାରେ ପ୍ରତୀକ ପାତ୍ର, ସାଲେପୁର ସରକାରୀ ଉଚ୍ଚବିଦ୍ୟାଳୟ, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଭୁ ସାରଥୀ ନାୟକ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, କବିତା ଆବୃତ୍ତି ପ୍ରତିଯୋଗିତାରେ ଆକାଂକ୍ଷା ଦାସ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ପରିଚାଳନାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ସବିତା ତ୍ରିପାଠୀ, ପ୍ରତିଭା ବେହେରା, ଗଗନ ମହାନ୍ତି, ପ୍ରଦ୍ୟୁମ୍ନ ବେହେରା, ସର୍ଫରାଜ୍ ଖାନ, ଗୟାଧର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ପ୍ରତିମା ଶତପଥୀ, ବୈଜୟନ୍ତୀ ମିଶ୍ର, ବିପିନ ବିହାରୀ ଶତପଥୀ, ରାଜୀବ ଷଡ଼ଙ୍ଗୀ, ଜ୍ଞାନପ୍ରିୟ କାନୁନ୍‌ଗୋ, ନୃସିଂହ ଚରଣ ପଣ୍ଡା ଓ ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ଯୋଗ ଦେଇଥିଲେ।

## ନୂଆବଜାର ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ




**କଟକ,୯।୭/ଏନ୍‌ଏନ୍‌ଏସ୍:** ନୂଆବଜାର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ମନୋଜ ସାହୁ, ଅରୁଣ ପରିଡ଼ା, ଗୀତାଞ୍ଜଳି ଛାଟୋଇ, ନମିତା ତ୍ରିପାଠୀ, ଦିବାକର ବେହେରା ଓ ପ୍ରମିଳା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## କଟକରେ ଉପଲବ୍ଧ ହେଉଛି ରୋବଟିକ୍ ସର୍ଜରୀ

**କଟକ,୯।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଓଏମ୍‌ପି ସ୍ଥିତ ଶ୍ରୀଯା ହସ୍‌ପିଟାଲରେ ସହରର ପ୍ରଥମ ରୋବଟିକ ଆଣ୍ଠୁ ରିପ୍ଲେସମେଣ୍ଟ ସର୍ଜରୀ ଆରମ୍ଭ ହୋଇଛି ବୋଲି ହସପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ରାଜ୍ୟ ବାହାରେ ଓ ଭୁବନେଶ୍ୱରର ହାତଗଣତି ହସ୍‌ପିଟାଲ୍‌ରେ ଏହି ଚିକିତ୍ସା ଉପଲବ୍ଧ ହେଉଥିଲା। ବର୍ତ୍ତମାନ ରୋଗୀମାନେ କଟକରେ ମଧ୍ୟ ଏହି ଚିକିତ୍ସା ପାଇପାରିବେ। ରୋବଟିକ ସର୍ଜରୀ ଦ୍ୱାରା ରୋଗୀ ଶୀଘ୍ର ସୁସ୍ଥ ହେବା ସହ ସଂକ୍ରମଣର ଆଶଙ୍କା ପ୍ରାୟତଃ ରହିବ ନାହିଁ। ଆଗକୁ ଶ୍ରୀଯା ହସ୍‌ପିଟାଲ୍‌ରେ ରୋବଟିକ ହିପ୍ ସର୍ଜରୀ ମଧ୍ୟ ଆରମ୍ଭ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

୧୬ ତମ ଏଗ୍ରିକଲଚର ଲିଡରଶିପ୍ କନ୍‌କ୍ଲେଭ୍

# କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର




**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବରେ ମାନ୍ୟତା ଦେଇ ଏଗ୍ରିକଲଚର ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର୍ ଲିଡରଶିପ୍ ପୁରସ୍କାର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର ଟୁଡେ ଗ୍ରୁପ୍ ଦ୍ୱାରା ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡରଶିପ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଥାଶିବମ୍ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏହି ସମ୍ମାନ ଓଡ଼ିଶାର ଅନ୍ନଦାତାଙ୍କୁ ଉତ୍ସର୍ଗୀକୃତ: ଉପମୁଖ୍ୟମନ୍ତ୍ରୀ

ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ପୁରସ୍କାର ଓଡ଼ିଶାର ଚାଷୀଙ୍କ ନବସୃଜନ ଓ କଠିନ ପରିଶ୍ରମର ନିଦର୍ଶନ। ଓଡ଼ିଶାର ଅନ୍ନଦାତାଙ୍କୁ ଏହି ପୁରସ୍କାର ମୁଁ ଉତ୍ସର୍ଗୀକୃତ କରୁଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏହି ଜାତୀୟ ମାନ୍ୟତା କୃଷି ଅଭିବୃଦ୍ଧି, ନବସୃଜନ ଓ ଅନ୍ତର୍ଭୁକ୍ତିମୂଳକ ବିକାଶରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ଓଡ଼ିଶାର ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତରେ ପ୍ରାୟ ୧୯% ଅବଦାନ ରଖିଥିଲେ, ଯାହା ଗତ ପାଞ୍ଚ ବର୍ଷର ଜାତୀୟ ହାରକୁ ଅତିକ୍ରମ କରି ୩.୩% ବୃଦ୍ଧି ପାଇଛି। କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରଗୁଡ଼ିକ ମିଳିତ ଭାବରେ ମୋଟ ଶ୍ରମଶକ୍ତିର ୪୯.୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରି ରାଜ୍ୟର ଏକମାତ୍ର ବୃହତ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଭାବେ ବିବେଚିତ ହୁଏ। ଓଡ଼ିଶା ୧୨୧.୮୨ ମେଟ୍ରିକ ଟନ୍ ଉଦ୍ୟାନଜାତୀୟ ଉତ୍ପାଦ ଯଥା ଡ୍ରାଗନ୍ ଫଳ, କାଜୁ, ଆମ୍ବ ଓ ବିଭିନ୍ନ ପ୍ରକାରର ପନିପରିବା ମଧ୍ୟ-ପୂର୍ବ ଦେଶ ଯେପରିକି ୟୁଏଇ, କତାର, ଇଂଲଣ୍ଡ, ଆୟରଲ୍ୟାଣ୍ଡ, ଫ୍ରାନ୍ସ, ଇଟାଲୀ, ସ୍ୱିଡେନ, ବେଲଜିୟମ, ପୋଲାଣ୍ଡ ଓ ଜର୍ମାନୀକୁ ରପ୍ତାନି କରିଛି। ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ପି. ସଥାଶିବମ୍, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ଯୋଗ ଦେଇଥିଲେ।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ରାଜ୍ୟସ୍ତରୀୟ ପ୍ରସ୍ତୁତି



**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଆଲୋଚିତ ସୂଚନା ଅନୁସାରେ ଜୁଲାଇ ୧୪ ତାରିଖ ସଂଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ ଏବଂ ଜୁଲାଇ ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ ପରେ ସେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜୁଲାଇ ୧୫ ତାରିଖ ଅପରାହ୍ନରେ ରାଷ୍ଟ୍ରପତି କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ନରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦର ଠାରେ ପହଞ୍ଚିବେ ଏବଂ ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ରାଷ୍ଟ୍ରପତିଙ୍କୁ ବିମାନ ବନ୍ଦର ନିକଟରୁ ପାଛୋଟି ଆଣିବା ଓ ପ୍ରତ୍ୟାବର୍ତ୍ତନ ସମୟରେ ମେଲାଣି ଦେବା ସହ ରାଜ ଭବନରେ ତାଙ୍କର ସାମୟିକ ରହଣି ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଉତ୍ସବ ସ୍ଥଳରେ ଅଗ୍ନିଶମ ସେବା ବ୍ୟବସ୍ଥା, ସଡ଼କ ପଥରେ ଯାତ୍ରା ସମୟରେ କାରକେଡ୍ ପ୍ଲାନ, ଜରୁରୀ କାଳୀନ ଡାକ୍ତରୀ ଓ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳକୁ ଯିବା ରାସ୍ତାର ଆବଶ୍ୟକ ମରାମତି ଓ ରକ୍ଷଣା ବେକ୍ଷଣ, ରାସ୍ତାର ପରିଷ୍କାର ପରିଚ୍ଛନ୍ନତା, ଉତ୍ସବ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହ ଯଥେଷ୍ଟ ସଂଖ୍ୟକ ଅତିରିକ୍ତ ଜେନେରେଟର ବ୍ୟବସ୍ଥା ରଖିବା ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ରସ୍ତୁତି ପରିପ୍ରେକ୍ଷୀରେ ଆବଶ୍ୟକ ମତେ ବିକଳ୍ପ ବ୍ୟବସ୍ଥା ରଖାଯିବା ସହ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ପୁଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

ଘୁଞ୍ଚିଲା ଧୀମାନ୍ ଚକ୍‌ମାଙ୍କ ଜାମିନ ମାମଲା

# କେଶ୍ ଡାଏରୀ ଓ ରେକର୍ଡପତ୍ର ଦାଖଲ

**କଟକ,୯/୭/ଏନ୍‌ଏନ୍‌ଏସ୍:** ହାଇକୋର୍ଟରେ ଆଜି ଆଇଏଏସ୍ ଧୀମନ୍ ଚକ୍‌ମାଙ୍କ ଜାମିନ ମାମଲାର ଶୁଣାଣି ଘୁଞ୍ଚିଛି। ଆଜି ମାମଲାର ଶୁଣାଣିବେଳେ ତଦନ୍ତକାରୀ ସଂସ୍ଥା ଭିଜିଲାନ୍ସ ପକ୍ଷରୁ ମାମଲାର କେଶ୍ ଡାଏରୀ ଓ ରେକର୍ଡପତ୍ର ଦାଖଲ କରାଯାଇଛି । ଆସନ୍ତା ସପ୍ତାହରେ ତାଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ହେବ। ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାର ଜେଲ୍ ଯାଇଥିଲେ। ୨୦୨୧ ବ୍ୟାଚ୍ ଆଇଏଏସ ଧୀମନ ଚକମା କଳାହାଣ୍ଡି ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଏହି ଘଟଣା ଘଟିବା ପରେ ଚକମାଙ୍କୁ ନିଲମ୍ବନ କରାଯାଇଥିଲା।

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଡ୍ୟାସ୍‌ବୋର୍ଡ ସମୀକ୍ଷା ବୈଠକ

# ନାଗରିକ କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୫ତମ ଡ୍ୟାସବୋର୍ଡ ସମୀକ୍ଷା ବୈଠକ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ସହିତ ମୁଖ୍ୟ ସହରାଞ୍ଚଳ ବିକାଶ ପଦକ୍ଷେପଗୁଡ଼ିକରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ଯାହାକୁ ଅଭିଯୋଗ ସମାଧାନ, ବାସ୍ତବ-ସମୟ ସହରାଞ୍ଚଳ ତଦାରଖ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସୁଗମ ସମନ୍ୱୟ ପାଇଁ ସ୍ନାୟୁ କେନ୍ଦ୍ର ଭାବରେ ଅବସ୍ଥାପିତ କରାଯାଉଛି। ନାଗରିକଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳତା ବୃଦ୍ଧି କରିବା ପାଇଁ ଆଇସିସିସିର କାର୍ଯ୍ୟକୁ ଆହୁରି ସୁଗମ କରିବାର ଆବଶ୍ୟକତା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭିନ୍ନ ସହରାଞ୍ଚଳ ଯୋଜନା ଅଧୀନରେ ବଜେଟ୍ ବ୍ୟବହାରର ସମୀକ୍ଷା , ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ପାଣ୍ଠି ବିନିଯୋଗକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳ ପରିମଳ, ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ସେବା ପ୍ରଦାନ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ସାମ୍ପ୍ରତିକ କ୍ଷେତ୍ର ପରିଦର୍ଶନରୁ ମିଳିଥିବା ଅନ୍ତର୍ଦୃଷ୍ଟି ଏବଂ ମତାମତ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା, ଯାହା ଭୂମିଗତ ଚ୍ୟାଲେଞ୍ଜ ଏବଂ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଅଧିକାରୀମାନଙ୍କୁ ନବସୃଜନଶୀଳ ଅଭ୍ୟାସ ଗ୍ରହଣ କରିବା, ଆନ୍ତଃ-ଏଜେନ୍ସି ସମନ୍ୱୟକୁ ସୁଦୃଢ଼ କରିବା ଏବଂ ସମସ୍ତ ସ୍ତରରେ ଦାୟିତ୍ୱ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀମତୀ ପାଢ଼ୀ ସଶକ୍ତ ସହର ଏବଂ ସ୍ଥିର ସହରାଞ୍ଚଳ ବ୍ୟବସ୍ଥା ପ୍ରତି ବିଭାଗର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ, ସମସ୍ତ ଅଂଶୀଦାରମାନଙ୍କୁ 'ବିକଶିତ ଓଡ଼ିଶା ୨୦୩୬' ର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି କାମ କରିବାକୁ ପରାମର୍ଶଦେଇଥିଲେ।

# ଜିଦ୍‌ରେ ଡ୍ରାଇଭର୍ ସଂଘ, ସାରା ରାଜ୍ୟରେ ଚକା ବନ୍ଦ

**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି ପରିବହନ ସେବା। ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଓ ସରକାରୀ ବସ୍ ସେବାକୁ ଛାଡ଼ି ରାଜ୍ୟରେ ପ୍ରାୟ ସମସ୍ତ ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ୭ ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସଂଘ ଓ ସରକାରଙ୍କ ମଧ୍ୟରେ ଗତକାଲି ହୋଇଥିବା ଆଲୋଚନା ବିଫଳ ହୋଇଛି ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଡ୍ରାଇଭର ସଂଘ ଚରମବାଣୀ ଶୁଣାଇଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ପୂରା ଠପ୍ ହୋଇଯାଇଛି। ବହୁ ସ୍ଥାନରେ ମଝି ରାସ୍ତାରେ ଆନ୍ଦୋଳନରତ ଡ୍ରାଇଭରମାନେ ସରକାରୀ ବସରୁ ଯାତ୍ରୀଙ୍କୁ ଓହ୍ଲାଇ ଦେଇଛନ୍ତି। ଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ପାରି ଅନେକ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସଂଘ ପକ୍ଷରୁ ରଖାଯାଇଥିବା ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ କହିଛି। ଗତ ମାସେ ତଳେ ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏହି ଦାବି ପୂରଣ ହୋଇ ନ ଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗାଡ଼ି ଚାଳକମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଥିବାରୁ ସାରା ରାଜ୍ୟରେ ଆନ୍ଦୋଳନର ଜୋରଦାର ପ୍ରଭାବ ପଡ଼ିଛି। ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି। ଡ୍ରାଇଭର ସଂଘର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ ସଂଘ ସହିତ ଆଲୋଚନା କରାଯାଇଛି। ମାତ୍ର ଏହି ଆଲୋଚନାରେ କୌଣସି ସନ୍ତୋଷ ଜନକ ପ୍ରତିଶ୍ରୁତି ମିଳି ନ ଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଡ୍ରାଇଭର ସଂଘ ପକ୍ଷରୁ ଜଣାପଡିଛି।

ପରିବହନ ସେବା ପ୍ରଭାବିତ, ଯାତ୍ରୀ ହଟହଟା

# ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ



**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ବୁଧବାର ତୋଷାଳୀ ଭବନ ସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ। ଏହି ପ୍ରଥମ ବୈଠକରେ ପାଞ୍ଚଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା ଯେଉଁଥିରେ କମିଶନର ଲୋଗୋ ଏବଂ ଇ-ମେଲ୍ ଆଇଡି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆଇନ ବିଭାଗର ୧୬.୦୩.୧୬ରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରାଯାଇଥିଲା। ଏଥିସହିତ ଧାରା ୧୪(୨) ଅନୁଯାୟୀ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନ୍‌ରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିଶ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଲୋଗୋ ଓ ଇ-ମେଲ୍ ଆଇଡି ଉନ୍ମୋଚିତ

# ଜେଲ୍‌ରୁ ବାହାରିଲେ ଜଗନ୍ନାଥ ପ୍ରଧାନ



**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ କରିବା ଘଟଣାରେ ଗିରଫ ହୋଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନ ବୁଧବାର ଝାରପଡ଼ା ଜେଲ୍‌ରୁ ବାହାରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଦୌରାଜଜ ବୁଧବାର ସକାଳେ ଶ୍ରୀ ପ୍ରଧାନଙ୍କୁ ଜାମିନ ଦେଇଥିଲେ। ଏହା ପରେ ସନ୍ଧ୍ୟାରେ ସେ ଜେଲରୁ ମୁକୁଳିଥିଲେ।

ଜଗନ୍ନାଥ ପ୍ରଧାନଙ୍କୁ ପାଛୋଟି ନେବାକୁ ଝାରପଡ଼ା ଜେଲ୍ ସମ୍ମୁଖରେ ତାଙ୍କ ସମର୍ଥକ ଓ ଶୁଭେଚ୍ଛୁଙ୍କର ପ୍ରବଳ ଭିଡ଼ ଜମି ଥିଲା। ସେ ଜେଲ୍‌ରୁ ବାହାରିବା ପରେ ସେମାନେ ତାଙ୍କୁ ସ୍ୱାଗତ କରିବା ସହ ବାଣ ଫୁଟାଇ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଭୁବନେଶ୍ୱରର ଏକାମ୍ର ବିଧାୟକ ବାବୁ ସିଂହ ମଧ୍ୟ ଉପସ୍ଥିତ ରହିଥିଲେ।

ଜେଲ୍‌ରୁ ବାହାରିବା ପରେ ଶ୍ରୀ ପ୍ରଧାନ କହିଥିଲେ ଯେ ବିରୋଧୀ ଷଡ଼ଯନ୍ତ୍ର ରଚିଥିଲା। ଆଉ ଓଏଏସ୍ ସଂଘ ଏହାର ଶିକାର ହୋଇଥିଲା। ଓଏଏସ୍ ଅଫିସରମାନେ ବିରୋଧୀଙ୍କ ଚକ୍ରାନ୍ତର ଶିକାର ହେଲେ। ଏହି ଘଟଣାରେ ମୋର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପୃକ୍ତି ନାହିଁ। କେହି ମୋହନ ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମକୁ ବନ୍ଦ କରିପାରିବେନି। ଦଳ ସରକାରଙ୍କ ସହ ସର୍ବଦା ଦୃଢ଼ ଭାବେ ଛିଡ଼ା ହୋଇଛି। ଜେଲରୁ ବାହାରିବା ପରେ ଶୋଭାଯାତ୍ରାରେ ବିଜେପି କାର୍ଯ୍ୟାଳୟକୁ ଯାଇଥିଲେ ଜଗନ୍ନାଥ। ସେଠାରେ ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଥିଲେ।

ପ୍ରକାଶ ଯେ ଗତ ୩ ତାରିଖ ରାତିରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଭୁବନେଶ୍ୱର ଡିସିପି ଅଫିସରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଏହା ପରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେସନ୍ସ କୋର୍ଟରେ ତାଙ୍କୁ ଜାମିନ ନମିଳି ନଥିଲା। କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ।

# 'ଭାରତରେ ବିପର୍ଯ୍ୟୟ ପରିଚାଳନାରେ ଘଟିଛି ଅନେକ ପରିବର୍ତ୍ତନ'



**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** ଭାରତରେ ବିପର୍ଯ୍ୟୟ ବିପଦ ପରିଚାଳନାରେ ଅନେକ ପରିବର୍ତ୍ତନ ଘଟିଛି। ୧୯୯୧ ମସିହାରେ ଓଡ଼ିଶା ମହାବାତ୍ୟା, ୨୦୦୧ ମସିହାରେ ଗୁଜରାଟ ଭୂମିକମ୍ପ ଏବଂ ୨୦୦୪ ମସିହାରେ ଭାରତ ମହାସାଗର ସୁନାମି ଭଳି ବିପର୍ଯ୍ୟୟ ଅନେକ ଶିକ୍ଷା ଦେଇଥିଲା। ୧୯୯୩ର ଲାଟୁର ଭୂମିକମ୍ପ ଏବଂ ୨୦୦୫ର କାଶ୍ମୀର ଭୂମିକମ୍ପ ଭଳି ଅନ୍ୟାନ୍ୟ ଘଟଣା ମଧ୍ୟ ଘଟିଥିଲା। ଏହାବ୍ୟତୀତ ଅନ୍ତର୍ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦଶନ୍ଧି (ଆଇଡିଏନଡିଆର) ୧୯୯୦-୧୯୯୯, ହ୍ୟୁଗୋ ଫ୍ରେମୱାର୍କ ଫର୍ ଆକ୍ସନ୍ (ଏଚଏଫଏ) ୨୦୦୦-୨୦୧୫ ଏବଂ ସେଣ୍ଡାଇ ଫ୍ରେମୱାର୍କ ୨୦୧୫-୨୦୩୦ ଭଳି ବିଶ୍ୱସ୍ତରୀୟ ନୀତି ପ୍ରକ୍ରିୟା ଆମର ଚିନ୍ତାଧାରା ଏବଂ ଅଭ୍ୟାସକୁ ବହୁଳ ଭାବରେ ପ୍ରଭାବିତ କରିଥିଲା। ଭାରତର ବିକଶିତ ବିପର୍ଯ୍ୟୟ ବିପଦ ପ୍ରଶମନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ହେଉଛି ବିପର୍ଯ୍ୟୟ ସମ୍ବନ୍ଧୀୟ ମୃତ୍ୟୁହାର ହ୍ରାସ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି କେ ମିଶ୍ର କହିଛନ୍ତି। ବାଙ୍ଗାଲୋର ଆଇଆଇଏମର ସେଣ୍ଟର ଫର୍ ପବ୍ଲିକ୍ ପଲିସିର ପ୍ରତିଷ୍ଠା ଦିବସ ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଇ ଡକ୍ଟର ମିଶ୍ର ଏହା କହିଛନ୍ତି। ତେବେ ଏକ ବ୍ୟାପକ ଆଭିମୁଖ୍ୟ ସହିତ ଗୁଜରାଟ ଭୂମିକମ୍ପ ପୁନରୁଦ୍ଧାର କାର୍ଯ୍ୟକ୍ରମ ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାରେ କିପରି ସାହାଯ୍ୟ କରିଥିଲା ତାହା ସେ ବୁଝାଇ କହିଥିଲେ।

ଉନ୍ନତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସଂସ୍ଥାଗତ ଦୃଢ଼ତା, ଉତ୍ତମ ଯୋଜନା ଏବଂ ଅଧିକ ପ୍ରତିକ୍ରିୟାଶୀଳ ଆର୍ଥିକ ସହାୟତାର ମିଳିତ ପ୍ରଭାବ ଯୋଗୁଁ ଅପ୍ରତ୍ୟାଶିତ ଏବଂ ଧୀର ବିପଦ ଉଭୟ କ୍ଷେତ୍ରରେ ମୃତ୍ୟୁହାର ସ୍ଥିର ଭାବରେ ହ୍ରାସ ପାଇଛି। ଭାରତ ଏକ ସ୍ୱାକ୍ଷରକାରୀ ଥିବା ସେଣ୍ଡାଇ ଫ୍ରେମୱାର୍କ ଫର ଡିଜାଷ୍ଟର ରିକ୍ସନ ଅଧୀନରେ ମୂଳ ପ୍ରତିବଦ୍ଧତା ସହିତ ଏହା ସମାନ ବୋଲି ସେ କହିଛନ୍ତି। 'ଗୁଜରାଟରୁ ମିଆଁମାର: ଗତ ୨୫ ବର୍ଷ ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଏବଂ ଅଭ୍ୟାସର ବିବର୍ତ୍ତନ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସଂକଳ୍ପ ଉପରେ ଆଲୋକପାତ କରିଥିଲେ। ଗତ ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଓ ଅଭ୍ୟାସ କିଭଳି ବଦଳିଛି ତାହା ଉପରେ ସେ ଆଲୋଚନା କରିଥିଲେ। ବ୍ୟାପକ ପ୍ରତିକ୍ରିୟା ଓ ପୁନଃନିର୍ମାଣ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଡକ୍ଟରମିଶ୍ର ମତ ରଖିଥିଲେ। ଏକ ଆଇନଗତ ଢାଞ୍ଚା, ନିୟାମକ ସଂସ୍କାର, ତାଲିମ ଓ ଜ୍ଞାନ ନେଟୱାର୍କ, ନିର୍ମାଣ ନିୟାମକ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ନିର୍ମାଣ ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନକୁ ସଂସ୍ଥାଗତ ରୂପ ଦେବା ପାଇଁ ପ୍ରଭାବଶାଳୀ ଓ ନିର୍ଣ୍ଣାୟକ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ।

ଗୁଜରାଟ ପଦକ୍ଷେପର ଗୁରୁତ୍ୱ ବିଷୟରେ ଆଲୋଚନା କରି ଡକ୍ଟର ମିଶ୍ର ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଜିଏସଡିଏମଏ) ଦ୍ୱାରା ଗ୍ରହଣ କରାଯାଇଥିବା ବହୁବିଧ କାର୍ଯ୍ୟକଳାପର ତାଲିକା ଦେଇଥିଲେ। ସାମ୍ପ୍ରତିକ ସମୟରେ ବିପର୍ଯ୍ୟୟ ପ୍ରଶମନରେ ଭାରତର ଗୁରୁତ୍ୱପୂର୍ଣ୍ଣ ସଫଳତା ବିଷୟରେ ଡକ୍ଟର ପି.କେ. ମିଶ୍ର ଆଲୋଚନା କରିଥିଲେ। ସେ ପ୍ରମୁଖ ସଫଳତାଗୁଡ଼ିକ ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ ପ୍ରଗତିକୁ ଗୁରୁତ୍ୱ ଦିଆଯାଇଥିବା ସେ କହିଥିଲେ। ଡକ୍ଟର ମିଶ୍ର ଆହୁରି କହିଥିଲେ, ଜଳବାୟୁ ପରିବର୍ତ୍ତନ, ଭୂ-ରାଜନୈତିକ ବିକାଶ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଉପୁଜୁଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥାର ଗତିଶୀଳତା ରହିବା ଆବଶ୍ୟକ। ଆମକୁ ଏକ ସକ୍ରିୟ, ପୁନରାବୃତ୍ତିମୂଳକ ଏବଂ ଅଭ୍ୟାସ-ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ ଯେଉଁଠାରେ ପ୍ରତ୍ୟେକ ସଂସ୍କାର ଅନ୍ୟ ଗୋଟିଏକୁ ମଜବୁତ କରିବ ବୋଲି ସେ କହିଥିଲେ।

ଚିଟ୍‌ଫଣ୍ଡ ମାମଲାରେ ରବିନ୍ଦ୍ର ଜେନାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ସିବିଆଇକୁ ତଦନ୍ତରେ ସହଯୋଗ କର

**କଟକ,୯/୭/ଏନ୍‌ଏନ୍‌ଏସ୍:** ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ବିଜେଡି ସାଂସଦ ରବିନ୍ଦ୍ର ଜେନାଙ୍କ ପାଇଁ ଅଡୁଆ ବଢ଼ିଛି । ଏହି ମାମଲାରେ ସିବିଆଇ ତାଙ୍କୁ ନୋଟିସ୍ ଜାରି କରି ତଦନ୍ତକାରୀ ସଂସ୍ଥା ନିକଟରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଛି । ତେବେ ସିବିଆଇକୁ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ଶ୍ରୀ ଜେନାଙ୍କୁ ଆଦେଶ ଦେଇଛନ୍ତି। ଆସନ୍ତା ୧୪ ତାରିଖରେ ହାଜର ହେବାକୁ ସିବିଆଇ ପକ୍ଷରୁ ନୋଟିସ କରାଯାଇଛି। ତଦନ୍ତରେ ସହଯୋଗ କରିବାକୁ ଶ୍ରୀ ଜେନାଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣିଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉକି ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ଶ୍ରୀଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ସିସୋର ଚିଟଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲାକୁ ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥି ସହିତ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ଶ୍ରୀ ଜେନା ହାଇକୋର୍ଟରେ ଆବେଦନ କରିଥିଲେ। ଉକ୍ତ ମାମଲାରେ ସିବିଆଇ ଶ୍ରୀ ଜେନାଙ୍କୁ ସମନ କରିଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଶ୍ରୀ ଜେନା ସିବିଆଇରେ ହାଜର ହୋଇନଥିଲେ। ପୂର୍ବରୁ ତାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ଶ୍ରୀ ଜେନାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢଉ କରିଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

# ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣପର୍ବ

**ଭୁବନେଶ୍ୱର,୯/୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ାର ସଂସଦ ପ୍ରାର୍ଥୀ ସିର୍ଦ୍ଧାଥ ସ୍ୱରୂପ ଦାଶ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ଉପସ୍ଥିତିରେ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ାର ବିଜେଡି ନେତା ପ୍ରଦୀପ ପ୍ରଧାନ ତାଙ୍କର ବହୁ ସମର୍ଥକମାନଙ୍କ ସହିତ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଯୁବନେତା ପ୍ରଦୀପ ପ୍ରଧାନଙ୍କ ସମେତ ଜିଲ୍ଲା ସମ୍ପାଦକ ସତ୍ୟରଞ୍ଜନ ପାଢ଼ୀ, ପୂର୍ବତନ କାଉନସିଲର କିଶୋର ସାହୁ, ରଣଜିତ ସାହୁ, ପୂର୍ବତନ ନଗର ସଭାପତି ରଙ୍ଗାଧର ମଲ୍ଲିକ, ପୂର୍ବତନ ଛାତ୍ର ସଭାପତି ଆଶିଷ ଲେଙ୍କା, ସୂର୍ଯ୍ୟକାନ୍ତ ମଲ୍ଲିକ, ସଂଗ୍ରାମ ମଳିକ, ବିନୋଦ ମଳିକ, ପ୍ରକାଶ ମଳିକ, ବିକାଶ ସାହୁ, ବାପି ସାହୁ, ତୁଷାର ତ୍ରିପାଠୀ ପ୍ରମୁଖ କଂଗ୍ରେସରେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଶ୍ରୀଯୁକ୍ତ ପ୍ରଧାନ କଂଗ୍ରେସ ଦଳରେ ପୂର୍ବତନ ପିସିସି ସଭ୍ୟ ଭାବେ କାର୍ଯ୍ୟକରିଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଉପସଭାପତି ରାଜେଶ ରାଉତ, ପ୍ରଶାନ୍ତ ରାଉତ, ଆଶିଷ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରହ୍ମପୁର ମହାନଗର ନିଗମର ସ୍ୱତନ୍ତ୍ର ବୈଠକ

## ୧୩ ପଞ୍ଚାୟତକୁ ନିଗମରେ ସାମିଲ ନେଇ ଗୁରୁତ୍ୱାରୋପ




**ବ୍ରହ୍ମପୁର,୯।୭/ଏନ୍ଏନ୍ଏସ୍:** ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ର ସ୍ୱତନ୍ତ୍ର ବୈଠକ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ଣ୍ଣାଙ୍ଗ ବ୍ରହ୍ମପୁର ମହାନଗର ନିଗମ ପାଇଁ ସହରତଳି ଅଞ୍ଚଳର ୧୩ଟି ପଞ୍ଚାୟତ ସାମିଲ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କୁକୁଡାଖଣ୍ଡି ବ୍ଲକ ଓ ରଙ୍ଗେଇଲୁଣ୍ଡା ବ୍ଲକର ମୋଟ ୧୩ ଗୋଟି ପଞ୍ଚାୟତକୁ ନିଗମରେ ସାମିଲ ପାଇଁ କର୍ପୋରେଟରଙ୍କ ମତାମତ ଲୋଡିଥିଲେ ମେୟର ସଂଘମିତ୍ରା ଦଳେଇ । ସମସ୍ତ କର୍ପୋରେଟର ଟେବୁଲ୍ ବାଡେଇ ପ୍ରସ୍ତାବକୁ ସ୍ୱାଗତ କରିଥିଲେ । ପୂର୍ବରୁ ପ୍ରସ୍ତାବିତ ୧୩ ଗୋଟି ପଞ୍ଚାୟତ ମଧ୍ୟରୁ ୪ଟି ପଞ୍ଚାୟତର ସରପଞ୍ଚ ପ୍ରସ୍ତାବକୁ ସମ୍ମତି ପ୍ରକାଶ କରିଥିବା ବେଳେ ଅବଶିଷ୍ଟ ପଞ୍ଚାୟତର ସରପଞ୍ଚ ମାନେ ଏନେଇ ଜିଲ୍ଲାପାଳଙ୍କୁ ନିଜର ନିଷ୍ପତ୍ତି ଜଣାଇଥିଲେ । ଗଞ୍ଜାମ ଜିଲ୍ଲାପାଳ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ଚିଠି କରି ଏହାର ଅନୁମୋଦନ ସମ୍ପର୍କରେ ମତାମତ ଲୋଡିଥିଲେ । ଆଜି ନିଗମର ବୈଠକରେ ଉପରୋକ୍ତ ବିଷୟ ନେଇ ଆଲୋଚନା ହେବା ସହ ୧୩ ଗୋଟି ପଞ୍ଚାୟତକୁ ମହାନଗର ନିଗମରେ ସାମିଲ ପ୍ରସ୍ତାବକୁ ଉପସ୍ଥିତ କର୍ପୋରେଟରମାନେ ସମ୍ମତି ପ୍ରକାଶ କରିଥିଲେ । ପଞ୍ଚାୟତଗୁଡିକ ମଧ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକର ଡୁରା, ଗଉଞ୍ଜୁ, ଫୁଲ୍‌ଟା, ସାତକୁଟୁଣୀ, ଭାବିନପୁର, ହଳଦିଆପଦର ଓ ବଡକୁଶସ୍ଥଳି ଏବଂ କୁକୁଡାଖଣ୍ଡି ବ୍ଲକର ଜଗଦଳପୁର, ଲାଠି, ଅନନ୍ତାଇ, ନିମଖଣ୍ଡି, ଅଙ୍କୁଶପୁର ଓ ଦକ୍ଷିଣପୁର ପଞ୍ଚାୟତ ରହିଛି । ପ୍ରସ୍ତାବ ବୈଠକରେ ପାରିତ ହୋଇଥିଲା । ଏହି ଅବସରରେ ବର୍ଷା ଦିନ ହେତୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଭଳି ରୋଗର ଆଶଙ୍କା ରହୁଛି । ତେଣୁ ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଏବଂ ବିଭିନ୍ନ ୱାର୍ଡର କର୍ପୋରେଟରମାନେ ଉପସ୍ଥିତ ଥିଲେ ।

## ଯୁବକ ନିଖୋଜ, ପରିବାର ପକ୍ଷରୁ ଏତଲା

**କନ୍ଧମାଳ, ୯।୭/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ବିନକି ମେଣ୍ଡି (ନେଡିପଦର) ଗାଁର ତପନ ରଣା (୨୧) ନିଖୋଜ ଥିବା ନେଇ ପରିବାର ଲୋକେ ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଏତଲା ଦେଇଛନ୍ତି । ସୂଚନା ଅନୁସାରେ ନିଖୋଜ ଯୁବକ ଜଣକ ଗତ ୪ ତାରିଖ ଦିନ ସମ୍ପର୍କୀୟଙ୍କ ବାଇକ ଧରି କଟିଙ୍ଗିଆ ଯାଉଛି କହି ଆଉ ଘରକୁ ଫେରିନଥିଲେ । ପରିବାର ଲୋକଙ୍କୁ ୬ ତାରିଖରେ ଯୁବକର କିଛି ସାଙ୍ଗ ତପନ ଖଜୁରୀପଡ଼ା ଥାନା ଅଞ୍ଚଳ ଗୁଦାରି ନିକଟରେ ଦୁର୍ଘଟଣା ହୋଇଥିବା ନେଇ ସୂଚନା ଦେଇଥିଲେ । ଖବର ପାଇ ପରିବାର ଲୋକେ ଦୁର୍ଘଟଣା ଘଟିଥିବାସ୍ଥାନକୁ ଜାଇ ଖୋଜାଖୋଜି



କରିଥିଲେ କିନ୍ତୁ କୌଣସି ସୂଚନା ମିଳି ନଥିଲା । ପରେ ଫୁଲବାଣୀର ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରିବା ସହ ନିଜର ସମ୍ପର୍କୀୟ ବନ୍ଧୁ ବାନ୍ଧବଙ୍କ ଘରେ ମଧ୍ୟ ଖୋଜାଖୋଜି କରିଥିଲେ । ତେବେ ଖୋଜାଖୋଜି ପରେ କୌଣସି ସନ୍ଧାନ ମିଳିନଥିବା ବେଳେ ନିଖୋଜ ଯୁବକଙ୍କ ମୋବାଇଲ ପ୍ରଥମେ ରିଙ୍ଗ ହେଉଥିଲା କିନ୍ତୁ କେହି ଫୋନ ଉଠାଇ ନଥିଲେ । ଗତକାଲି ଠାରୁ ଫୋନ ମଧ୍ୟ ସୁଇଚ ଅଫ ହେବାରୁ ପରିବାର ଚିନ୍ତାରେ ରହି ବାଧ୍ୟ ହୋଇ ତପନ ନିଖୋଜ ଥିବା ନେଇ ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଜଣାଇଛନ୍ତି । ଅନ୍ୟପଟେ ତପନ ନେଇଥିବା ବାଜାଜ ପଲସର ବାଇକ ମଧ୍ୟ ମିଳିନଥିବା ବେଳେ ଫୋନ ସୁଇଚ ଅଫ ହେବା ପରିବାର ଲୋକ ସନ୍ଦେହରେ ଅଛନ୍ତି । ଏନେଇ ଗୋଛାପଡ଼ା ଥାନାରେ ନିଖୋଜ ନେଇ ଏକ ମାମଲା ରୁଜୁ ହୋଇଥିବା ଗୋଛାପଡ଼ା ଥାନାରୁ ସୂଚନା ମିଳିଛି । ନିଖୋଜ ତପନକୁ ତୁରନ୍ତ ସନ୍ଧାନ କରି ସତ ଘଟଣା ସାମନା କୁ ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ସିଙ୍ଗାବାଡ଼ି ହତ୍ୟାକାଣ୍ଡ ମାମଲା

## ମୁଖ୍ୟ ଅଭିଯୁକ୍ତ ଗିରଫ, ଖଣ୍ଡା ଓ ରକ୍ତଭିଜା ପୋଷାକ ଜବତ

**ଗୋଳନ୍ଥରା,୯।୭/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡି ଗ୍ରାମରେ ଗତ ୬ ତାରିଖ ରବିବାର ରାତିରେ ଦିଲୀପ କୁମାର ପାତ୍ରଙ୍କୁ ହତ୍ୟା ଘଟଣାରେ ଆଜି ଗୋଳନ୍ଥରା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା ନିକଟରୁ ଖଣ୍ଡା, ରକ୍ତଭିଜା ପୋଷାକ ଓ ମୋଟର ସାଇକେଲ ପୁଲିସ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସିଙ୍ଗାବାଡି ଗାଁର ପୀତବାସ ସାହୁ(୩୮) । ସୂଚନା ଅନୁଯାଇ, ମୃତ ଦିଲୀପ ପାତ୍ର ସିଙ୍ଗାବାଡି ଗ୍ରାମରେ ହାର୍ଡୱେର୍ ବ୍ୟବସାୟ କରୁଥିବା ବେଳେ ଏକାକୀ ରହି ଆସୁଥିଲେ । ଗତ କିଛି ଦିନ ପୂର୍ବେ କନିଷି ହାଟରେ ମୃତ



ଦିଲୀପ ପାତ୍ରଙ୍କ ମୋଟର ସାଇକେଲ ସହ ଅଭିଯୁକ୍ତ ପୀତବାସଙ୍କ ମୋଟର ସାଇକେଲ ଧକ୍କା ହୋଇଥିଲା । ଏଥିର ପୀତବାସଙ୍କ ଗାଡି ଭାଙ୍ଗି ଯିବା ସହ ଆଘାତ ଲାଗିଥିଲା । ପୀତବାସ କ୍ଷତି ପୂରଣ ଦାବି କରିଥିବା ବେଳେ ଦିଲୀପ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପୀତବାସ କ୍ଷତି ପୂରଣ ମାଗିବାରୁ ଦିଲୀପ କୁଆଡେ ମନା କରିଦେଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମାନାନ୍ତର ରହିଥିଲା । ଗତ ରବିବାର ରାତି ୧୦ଟା ବେଳେ ପୀତବାସ ସହ କିଛି ଯୁବକ ଏକ ମୋଟର ସାଇକେଲରେ ଦିଲୀପଙ୍କ ଘରେ ପହଞ୍ଚି ତାଙ୍କୁ ଡାକିବା ସହ କ୍ଷତିପୂରଣ ଦାବି କରି ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା । ଦିଲୀପ ମନା କରିବାରୁ ତାଙ୍କୁ ବାରଣ୍ଡାରୁ ଘୋଷାଡ଼ି ଆଣି ସାଙ୍ଗରେ ଆଣିଥିବା ଖଣ୍ଡାରେ ଆକ୍ରମଣ କରିଥିଲେ । ତାଙ୍କ ମୁଣ୍ଡ ଓ ବିଭିନ୍ନ ସ୍ଥାନକୁ ହାଣି ପକେଇଥିଲେ । ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ତଥା ଡ଼ିଏପି ବିବେକାନନ୍ଦ ସ୍ୱାଇଁ ଘଟଣା ଗ୍ରାମବାସୀଙ୍କ ସହଯୋଗରେ ଗୁରୁତର ଦିଲ୍ଲୀପଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ମୃତ ଦିଲୀପଙ୍କ ଭାଇ ହରିଶ ଚନ୍ଦ୍ର ପାତ୍ର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାରେ କେସ୍ ନଂ ୨୮୬/୨୫ରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା । ଟାମଣା ଛକରୁ ଗିରଫ ପୀତବାସଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡ଼ିଏସପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି ।

### ବିଭିନ୍ନ ସ୍ଥାନରେ ଭାରତ ବନ୍ଦର ପ୍ରଭାବ

# ଗଡ଼ିଲାନି ଘରୋଇ ବସ୍, ଯାତ୍ରୀ ହନ୍ତସନ୍ତ

**ବ୍ରହ୍ମପୁର,୯।୭/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ନୀତି ପ୍ରତିବାଦରେ ଦେଶର ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ବ୍ରହ୍ମପୁରରେ ଆଂଶିକ ଅନୁଭୂତ ହୋଇଛି । ଆଜି ବିଭିନ୍ନ ଶ୍ରମିକ, କୃଷକ ସଂଗଠନର କର୍ମକର୍ତ୍ତା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି



### ଭାରତ ବନ୍ଦର ଆଂଶିକ ପ୍ରଭାବ ଅନୁଭୂତ

ସରକାରୀ ବିରୋଧି ସ୍ଲୋଗାନ ଦେଇଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତିକୁ ନେତାମାନେ ତୀବ୍ର ସମାଲୋଚନା କରିଥିଲେ । ଶ୍ରମିକ ସଂଗଠନର ୧୨ ଘଣ୍ଟିଆ ଧର୍ମଘଟ ଯୋଗୁଁ ରାସ୍ତାରେ ଘରୋଇ ବସ୍ ଚଳାଚଳ କରିନଥିଲା । ନୂଆ ବସ୍‌ଷ୍ଟାଣ୍ଡରେ ଆଜି ଦିନତମାମ ଘରୋଇ ବସ୍‌ଗୁଡିକ ଠିଆ ହୋଇ ରହିଥିଲା । ଫଳରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡରେ ବହୁ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ବସ୍ ମିଳିନଥିବା ଦେଖିବାକୁ ମିଳିଥିଲା । କିନ୍ତୁ ସରକାରୀ ବସ୍‌ଗୁଡିକ ପୂର୍ବଭଳି ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା । ପରିବହନ ସେବା ପ୍ରଭାବିତ ହୋଇଥିବା ବେଳେ ଦୋକାନ, ବଜାର ସ୍ୱାଭାବିକ ଚାଲିଥିଲା । ସହରର ପ୍ରାୟତଃ ଦୋକାନ, ବଜାର ସବୁ ଖୋଲା ରହିଥିଲା । ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଖୋଲାଥିଲା । ଅନ୍ୟପକ୍ଷରେ ଗତକାଲି ଠାରୁ ୭ ଦଫା ଦାବି ନେଇ ଡ୍ରାଇଭର ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଷ୍ଟିୟରିଂ ଛାଡ ଆନ୍ଦୋଳନ ହେତୁ ପ୍ରାୟତଃ ଅଟୋ ପୂର୍ବ ଭଳି ରାସ୍ତାରେ ଚଳାଚଳ କରୁନଥିବା ଦେଖିବାକୁ ମିଳିଥିଲା । ଦକ୍ଷିଣ ଓଡିଶାର ପ୍ରମୁଖ ବ୍ୟବସାୟୀକ ସହର ରୂପେ ପରିଚିତ ବ୍ରହ୍ମପୁରକୁ ବିଭିନ୍ନ କାର୍ଯ୍ୟ ସକାଳ ପାଇଲେ ଲୋକଙ୍କ ଭିଡ ଜମେ । ନିଜ କାର୍ଯ୍ୟ ସାରିବା ପରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଜନସାଧାରଣ ବସ୍‌ଯୋଗେ ନିଜ ଅଞ୍ଚଳକୁ ଫେରିଥାନ୍ତି । ହାତଗଣତି ସରକାରୀ ବସ୍ ଗଡୁଥିବାରୁ ସବୁ ଯାତ୍ରୀଙ୍କ ପକ୍ଷେ ଯିବା ସମ୍ଭବପର ହୋଇପାରିନଥିଲା । ନୂଆ ବସ୍‌ଷ୍ଟାଣ୍ଡରେ ବହୁ ଯାତ୍ରୀ ସେମାନଙ୍କ ପିଲାଛୁଆଙ୍କୁ ଧରି ବସ୍‌କୁ ଅପେକ୍ଷା କରି ବସିଥିବା ଦେଖିବାକୁ ମିଳିଥିଲା । ସେହିପରି ବ୍ରହ୍ମପୁର ଷ୍ଟେସନ୍‌ରୁ ଆସୁଥିବା ଯାତ୍ରୀମାନେ ମଧ୍ୟ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା । ଶ୍ରମ କୋଡ୍ ବାତିଲ କରିବା, ଚାଷୀ ଫସଲର ସର୍ବନିମ୍ନ ଦର ପାଇଁ ଆଇନ୍ କରିବା, ଦରଦାମ ନିୟନ୍ତ୍ରଣ, ବେକାରୀଙ୍କୁ ନିଯୁକ୍ତି, ସରକାରୀ ସମ୍ପତ୍ତି ବିକ୍ରି ବନ୍ଦ କରିବା ଏବଂ ଦେଶର ସୁରକ୍ଷା ସୁନିଶ୍ଚିତ ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା । ଶ୍ରମିକ ସଂଗଠନ ଏଆଇୱାଇଏଫ୍, ସିଆଇଟିୟୁ, ଆଇଏଫ୍‌ଟିୟୁ ସମେତ ବହୁ ଶ୍ରମିକ ସଂଗଠନର କର୍ମକର୍ତ୍ତା ସାମିଲ ହୋଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭାରେ ସରକାରୀ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ ।

**ବୁଗୁଡା:** ପୂର୍ବ ନିଷ୍ପତ୍ତି କ୍ରମେ ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିଥିବାରୁ ଆଜି ବୁଗୁଡା ଅଞ୍ଚଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା । ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ୭ ଦଫା ଦାବି ନେଇ ବିଗତ ବର୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସେମାନଙ୍କର ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ଖୋଲିଲା ନାହିଁ ବୋଲି ଆନ୍ଦୋଳନ ସାମିଲ ଡ୍ରାଇଭରମାନେ ପ୍ରକାଶ କରିଛନ୍ତି । ତାଙ୍କ କହିବା କଥା, ନିଜର ପରିବାର ପ୍ରତିପୋଷଣ ପାଇଁ ରାସ୍ତା ଉପରେ ନିଜର ଜୀବନକୁ ବାଜି ଲଗାଇ ସର୍ବସାଧାରଣଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେଇ ଆସୁଛନ୍ତି । ଖରା ଓ ବର୍ଷାରେ ଦିନ ଓ ରାତିକୁ ସମାନ କରି ସେବା ଯୋଗାଇ ଦେଇଥାନ୍ତି । ମାତ୍ର ସରକାରଙ୍କୁ ପୂର୍ବରୁ ୭ ଦଫା ଦାବି ଜଣାଇ ଆସିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ଦାବି କାର୍ଯ୍ୟକାରୀ କଲେ ନାହିଁ । ତେଣୁ ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଛୁ ବୋଲି ବୁଗୁଡା ଡ୍ରାଇଭର ସଂଘ ସଭାପତି ରାଧା ମୋହନ ସ୍ୱାଇଁ ପ୍ରକାଶ କରିଛନ୍ତି । ଆନ୍ଦୋଳନ ଯୋଗୁଁ ଆଜି ବୁଗୁଡା ଅଞ୍ଚଳର ରାଜ୍ୟ ରାଜପଥରେ କାଁଭାଁ କେତୋଟି ଭାରୀଯାନ ଚଳପ୍ରଚଳ କରୁଥିବା ବେଳେ ପ୍ରାୟ ସମସ୍ତ ଯାତ୍ରୀବାହୀ ବସ୍ ଓ ଛୋଟ ଗାଡ଼ି ମଧ୍ୟ ଦେଖିବାକୁ ମିଳି ନଥିଲା ।

**ଆସିକା:** କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ବିରୋଧୀ ଆଭିମୁଖ୍ୟକୁ ବିରୋଧ କରି ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସେମାନଙ୍କ ସହଯୋଗୀ ସଂଗଠନ ପକ୍ଷରୁ ଦିଆଯାଇଥିବା ଭାରତବନ୍ଦ ଡାକରା ଆସିକା ସହରେ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି । ଆସିକା ଅଞ୍ଚଳର ବରିଷ୍ଠ ବାମପନ୍ଥୀ ଶ୍ରମିକ ନେତା ବିଦେଶୀ ନାହାକ, ରାଜେନ୍ଦ୍ର କୁମାର ଦାଶ, ପିତବାସ ମହାପାତ୍ର, ଦେବହରି ମହାନ୍ତି, ଭଜରାମ ଲେଙ୍କା, ସନ୍ୟାସୀ ନାହାକ, ପାଚିକା, ଗ୍ରାମ ପଞ୍ଚାୟତ କର୍ମଚାରୀ ଓ ଉଦ୍ୟାନସାଥୀଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ, ଦରଦାମ୍ ନିୟନ୍ତ୍ରଣ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣକୁ ବନ୍ଦ କରିବା, ପୁରୁଣା ପେନସନ୍ ଲାଗୁ କରିବା, ସର୍ବନିମ୍ନ ଇପିଏଫ୍ ପେନସନ୍ ମାସିକ ୯ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା । ପଥପ୍ରାନ୍ତ ସଭାରେ କର୍ମଚାରୀ ସଂଘର ସଂପାଦକ



ଅଶୋକ ମହାରଣାଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ବହୁ ଶ୍ରମିକ ନେତା ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ । ଏଆଇଟିୟୁସି ଅନୁବନ୍ଧିତ ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ବିଦେଶୀ ନାହାକ ଓ ବାମପନ୍ଥୀ ନେତା ରାଜେନ୍ଦ୍ର କୁମାର ଦାଶ ଏହି ଅବସରରେ ସମବାୟ ଚିନିଶିଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ଓ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଶ୍ରମକୋର୍ଡ ତୁରନ୍ତ ବାଲିଲ୍ କରିବା, ଜାତୀୟ ଶ୍ରମ ସମ୍ମିଳନୀ ତୁରନ୍ତ କରାଇବା, ସ୍କିମ୍ ୱାର୍କର ଯଥା ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଶିବରାମ ରାଉଳ, ସହସଂପାଦକ ନାଗେଶ୍ୱର ରାଓ, କୋଷାଧ୍ୟକ୍ଷ କୈଳାଶ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଏମ୍.ରାମବାବୁ ଦୋରା, ସଂଘର ସକ୍ରିୟ ସଦସ୍ୟ ଏସ୍.ସୁଜିତ୍ କୁମାର ପୃଷ୍ଟି, ବାସୁଦେବ ସ୍ୱାଇଁ, ରାଜେଶ୍ କୁମାର ନାହାକ, ବିପିନ୍ କୁମାର ସ୍ୱାଇଁ, ସିମାଞ୍ଚଳ ମହାନ୍ତି, ପୁରେନ୍ଦ୍ର ବେହେରା, ପ୍ରଭାକର ଜେନା, ବ୍ରଜେନ୍ଦ୍ର ଦାଶ, କାଳନ୍ଦୀ ଚରଣ ସାହୁ, କାଳୁଚରଣ ସ୍ୱାଇଁ, ସଂଜୟ କୁମାର ମଲିକ, ହାଡୁ ପାତ୍ର, ତ୍ରିନାଥ ସ୍ୱାଇଁ, ପ୍ରସନ୍ନ କୁମାର ବିଷୋୟୀ, ପ୍ରସନ୍ନ କୁମାର ସ୍ୱାଇଁ, ବାଇଧର ନାହାକ, ତ୍ରିନାଥ ବେହେରା, ସୁରଜ ଗୌଡ, ହରି ବାରିକ, ଟୁନା ବିଶ୍ୱାଳ, ପ୍ରିୟବ୍ରତ ପାତ୍ର, କପିଳେଶ୍ୱର ଜେନା, ରବିନ୍ଦ୍ର ମହାରଣା, ହାଡୁ ପାତ୍ର, ସୁବାସ ପାତ୍ର, ସନ୍ତୋଷ ଗୌଡଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

### ପୁଲିସ ଅଧିକାରୀଙ୍କ ଚାପୁଡ଼ାମରାକୁ ନେଇ ଥାନାରେ ଧାରଣା

## ଆପୋଷ ସମାଧାନ ପରେ ଧାରଣାରୁ ହଟିଲେ ବିଜେପି କର୍ମୀ

**ହିଞ୍ଜିଳିକାଟୁ,୯।୭/ଏନ୍ଏନ୍ଏସ୍:** ହିଞ୍ଜିଳିକାଟୁ ନଗର ବିଜେପି ସମ୍ପାଦକ ନୀତେଶ ପଣ୍ଡାଙ୍କୁ ହିଞ୍ଜିଳି ଥାନାର ଏଏସ୍‌ଆଇ ସୁବାଷ ମିଶ୍ର ମଙ୍ଗଳବାର ରାତିରେ ଚାପୁଡ଼ା ମାରିଥିବା



ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ହିଞ୍ଜିଳିକାଟୁ ଯୁବମୋର୍ଚ୍ଚାର ବହୁ କର୍ମୀ ଆଜି ପୂର୍ବାହ୍ନରେ ହିଞ୍ଜିଳି ଥାନା ମଧ୍ୟରେ ଧାରଣା ପ୍ରଦର୍ଶନ କରିଥିଲେ । ପରେ ଆସିକା ଏସଡିପିଓ ସନ୍ତୋଷ ଜେନା ଓ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ ସ୍ଥାନୀୟ ବିଜେପି ନେତା ମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ଅଭିଯୋଗ କର୍ତ୍ତା ନୀତେଶ ପଣ୍ଡା ଓ ଏଏସଆଇ ସୁବାଷ ମିଶ୍ରଙ୍କ ମଧ୍ୟରେ ଆପୋଷ ସମାଧାନ କରିବା ପରେ ଧାରଣା ହଟିଥିଲା । ଖବର ଅନୁଯାୟୀ ନୀତେଶ ଓ ବିଜେପି ନଗର ଯୁବମୋର୍ଚ୍ଚା ସଭାପତି ବଳରାମ ପଣ୍ଡା ବିଜୁ ପଟ୍ଟନାୟକ ଛକ ଠାରେ ଅନ୍ୟ ଦୁଇ ବନ୍ଧୁଙ୍କ ମଧ୍ୟରେ ହୋଇଥିବା ବିବାଦକୁ ସମାଧାନ ସକାଶେ ଆଲୋଚନା କରୁଥିଲେ । ଏହି ସମୟରେ ହିଞ୍ଜିଳି ଥାନା ଏଏସଆଇ ସୁବାଷ ମିଶ୍ର ରାତ୍ରୀକାଳୀନ ପାଟ୍ରୋଲିଂ କରି ସେହି ସ୍ଥାନରେ ପହଞ୍ଚି ସେମାନଙ୍କୁ ଗାଳି ଗୁଲଜ କରିବା ସହିତ ନୀତେଶଙ୍କୁ ମାଡ ମାରି ତାଙ୍କ ମୋବାଇଲ ଓ ଗାଡ଼ି ଛଡେଇ ନେଇଥିଲେ । ତେବେ ବୁଧବାର ସକାଳ ୧୧ଘଣ୍ଟା ସମୟରେ ବିଜେପି ଯୁବମୋର୍ଚ୍ଚାର ବହୁ କର୍ମୀ ଏକତ୍ରିତ ହୋଇ ଉକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ହିଞ୍ଜିଳି ଥାନା ସମ୍ମୁଖରେ ଧାରଣା ଓ ନାରାବାଜି ପ୍ରଦର୍ଶନ କରିଥିଲେ । ଖବର ପାଇ ହିଞ୍ଜିଳି ବିଜେପିର କିଛି ବରିଷ୍ଠ ନେତା ଥାନାରେ ପହଞ୍ଚି ଥାନା ଆଇଆଇସିଙ୍କ ସହିତ ଆଲୋଚନା କରିଥିଲେ । ପରେ ଆସିକା ଏସଡିପିଓ, ହିଞ୍ଜିଳି ଆଇଆଇସି, ବିଜେପିର କିଛି ବରିଷ୍ଠ ନେତା, ଏଏସଆଇ ସୁବାଷ ମିଶ୍ର ଓ ବିଜେପି ନଗର ସମ୍ପାଦକ ନୀତେଶ ପଣ୍ଡାଙ୍କ ମଧ୍ୟରେ ରୁଦ୍ଧଦ୍ୱାର ଆଲୋଚନା ପରେ ଘଟଣାର ଆପୋଷ ବୁଝାମଣା ଭିତ୍ତିରେ ସମାଧାନ ହୋଇଥିଲା । ପରେ ବିଜେପି ଯୁବମୋର୍ଚ୍ଚା କର୍ମୀ ମାନେ ଧାରଣାରୁ ହଟିଥିଲେ ।

## ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ମାର୍ଗଦର୍ଶିକା ଜାରି

**ଆସିକା,୯।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲର ପରିଚାଳନା କମିଟି ଓ ସ୍କୁଲ ଉନ୍ନୟନ କମିଟିକୁ ନେଇ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ନୂତନ ନିଷ୍ପତ୍ତିକୁ ନେଇ ଶିକ୍ଷକ ସମାଜ ଓ ଶିକ୍ଷକ ସଂଗଠନ ଖୁସି ବ୍ୟକ୍ତ କରିଥିବା ଲକ୍ଷ୍ୟ କରାଯାଇଛି । ଏଣିକୁ ସ୍କୁଲରେ ଯିଏ ପ୍ରଧାନଶିକ୍ଷକ ରହିବେ ସେ ହିଁ ପରିଚାଳନା କମିଟିର ଅଧ୍ୟକ୍ଷ ବା ମୁଖ୍ୟ ଭାବେ କାର୍ଯ୍ୟ କରିବେ । ପୂର୍ବରୁ ସ୍କୁଲ କମିଟିର ଅଧ୍ୟକ୍ଷ ପିଟିଏ ଦ୍ୱାରା ମନୋନୀତ ସଦସ୍ୟଙ୍କ ଦ୍ୱାରା ନିର୍ବାଚନ ହେଲା ଭଳି ବ୍ୟବସ୍ଥା ଥିଲା । ଏବେ ଏଥିରେ ପରିବର୍ତ୍ତନ ଆସିଛି । ନୂଆଁ ନିୟମ ଦ୍ୱାରା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଧାନଶିକ୍ଷକ ରହିଥିଲା ବେଳେ ଆବାହକ ରହିବେ ସହକାରୀ ଶିକ୍ଷକ । ଏସ୍‌ଏମ୍‌ସି, ଏସ୍‌ଏମ୍‌ଡିସି ପାଇଁ ଭିନ୍ନ ଭିନ୍ନ ଗାଇଡଲାଇନ୍ ଆସିଛି । ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଗଠିତ କମିଟିରେ ୧୭ ଜଣ ସଦସ୍ୟ ରହିବେ । ସ୍କୁଲ ପ୍ରଧାନଶିକ୍ଷକ ଅଧ୍ୟକ୍ଷ ଓ ସହକାରୀ ଶିକ୍ଷକ ଆବାହକ ରହିବେ । ଜଣେ ଛାତ୍ର ବି ସଦସ୍ୟ ରହିବାର ବ୍ୟବସ୍ଥା କରାଯାଇଥିଲା ବେଳେ ଅନ୍ୟାନ୍ୟ ନୀତିନିୟମ ମଧ୍ୟ ମାର୍ଗଦର୍ଶିକାରେ ଜାରି କରାଯାଇଛି । ଶିଶୁବାଟିକାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି/ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ଗଠନ ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇସାରିଛି । ଏଲିମେଣ୍ଟାରୀ ବିଦ୍ୟାଳୟ ଗୁଡିକରେ ସମୁଦାୟ ୧୫ ଜଣକୁ ନେଇ ହେବ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକ ଏହାର ଅଧ୍ୟକ୍ଷ ରହିବେ । ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ସଦସ୍ୟ ଆବାହକ ଭାବେ ମନୋନୀତ ହେବେ ॥ ସେହିଭଳି ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ୧୭ ଜଣ କମିଟିରେ ରହିବେ । ପ୍ରଧାନଶିକ୍ଷକ ପରିଚାଳନା କମିଟିର ଅଧ୍ୟକ୍ଷ ରହିବେ ଓ ଶିକ୍ଷକ ସଦସ୍ୟ ଆବାହକ ରହିବେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ୧୫ଜଣକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହେବ । କେବଳ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଚାଲୁଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୨ ଜଣ ସଦସ୍ୟ ରହିବେ ବୋଲି ଜଣାପଡିଛି ।

## ବର୍ଷାରେ ଭାଙ୍ଗିଲା ଘର କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର



**ଫୁଲବାଣୀ, ୯।୭/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଗତ କିଛିଦିନ ହେବ ବର୍ଷା ଲାଗି ରହିଛି ଯାହାଦ୍ୱାରା ଅଧିକାଂଶ ଘର ଛପର ଉଡିଯିବା ସହ ଘର କାନ୍ଥ ଭାଙ୍ଗି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଏହି ଲଗାଣ ବର୍ଷାରେ ପାହିରେଜୁ ପଞ୍ଚାୟତର ପାହି ରେଜୁ ଗାଁର ଅସ୍ତ ଦିଗାଲଙ୍କ ଘର କାନ୍ଥ ଭାଙ୍ଗି ଯିବାରୁ ଅଳ୍ପକେ ପରିବାର ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ବେଳେ ମାଟି ଘର ଅଧିକାଂଶ ନଷ୍ଟ ହୋଇଛି । ଗୁହାଳ ଘର କାନ୍ଥ ପଡିଯାଇଥିବା ବେଳେ ଗୋଟିଏ ଗାଈ ଓ ଦୁଇଟି ଛେଳି ମୃତ୍ୟୁ ହୋଇଛି । ବର୍ତ୍ତମାନ ପରିସ୍ଥିତିରେ ଯାହା ବି ମାଟି ଘର ଥିଲା ତାହା ଲଗାଣ ବର୍ଷାରେ ନଷ୍ଟ ହେବାରୁ ପରିବାରର ଅସ୍ତ ଦିଗାଲଙ୍କ ସହ ପତ୍ନୀ, ଦୁଇ ପୁଅ ଓ ମା କୁ ନେଇଁ ୫ ପ୍ରାଣୀ କୁଟୁମ୍ବ ବହୁ ଅସୁବିଧାରେ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି । ଅସ୍ତ ଦିଗାଲ କୁଲି ମଜୁରୀ କରି ଚଳୁଥିବା ବେଳେ ନିଜେ ପରିବାର ପାଇଁ ଖାଇବାକୁ ଦୁଇ ଓଳି ଦାନା ଯୋଗାଇବାକୁ ଅସମର୍ଥ ଥିବା ବେଳେ ଘର ଖଣ୍ଡିଏ କରିବା କଷ୍ଟକର ହୋଇ ପଡିଛି । ଗୋଟାଏ ପଟେ ଗୋଟିଏ ଗାଈ ଓ ୨ ଟି ଛେଳିର ଗୁହାଳ କାନ୍ଥ ପଡ଼ି ମୃତ୍ୟୁ ହୋଇ କ୍ଷତି ହୋଇଥିବା ବେଳେ ନିଜର ରହିବା ପାଇଁ ଘର ନଥିବାରୁ ଅସହାୟ ହୋଇ ପଡ଼ିଥିବା ବେଳେ ତୁରନ୍ତ ସରକାର ପରିସ୍ଥିତିକୁ ହୃଦୟଙ୍ଗମ କରି ଘର ଖଣ୍ଡିଏ ଯୋଗାଇଦେଲେ ଉପକୃତ ହେବେ ବୋଲି କହିଥିବା ବେଳେ ପୂର୍ବରୁ ବାରମ୍ବାର ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ଲିଖିତ ଭାବରେ ଦେଇଥିଲେ ମଧ୍ୟ ଘର ଖଣ୍ଡିଏ ମିଳିନଥିବାରୁ ଦୁଃଖ ପ୍ରକାଶ କରିଛନ୍ତି । ନିଜର ସେମିତି କିଛି ଜମିବାଡ଼ି ମଧ୍ୟ ନାହିଁ ଯାହାଦ୍ୱାରା ଅନ୍ୟର ଜମିରେ ଭାଗ ଚାଷ କରି ଚଳୁଛନ୍ତି । ଘର ଭାଙ୍ଗିବା ପରେ ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ଅଧିକାରୀ ଦେଖିବାକୁ ଆସିନଥିବା ବେଳେ କୌଣସି ସହାୟତା ମିଳି ନଥିବା ବେଳେ ତୁରନ୍ତ ଆବାସ ଯୋଜନା ରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ପତାନା ଦିଗାଲ, ଗୁପ୍ତେଶ୍ୱର ଦିଗାଲଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।

## ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ



**ଶେରଗଡ,୯।୭/ଏନ୍ଏନ୍ଏସ୍:** ଓଡିଶା ଆଦର୍ଶ ବିଦ୍ୟାଳୟ ପାକିଡ଼ି ହିଲ ପରିସରରେ ବନ ମହୋତ୍ସବ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ରେଖା ଚୌଧୁରୀ, ଶେରଗଡ଼ ବନପାଳ ରାଜେନ୍ଦ୍ର କୁମାର ଗୌଡଙ୍କ ସମେତ ବିଦ୍ୟାଳୟ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ବନ ବିଭାଗ କର୍ମଚାରୀ ମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବିଭିନ୍ନ ଦାବିରେ ବୁଗୁଡ଼ା ବ୍ଲକ୍ ଆଶାକର୍ମୀ ସଂଘର ଧାରଣା

**ବୁଗୁଡ଼ା,୯।୭/ଏନ୍ଏନ୍ଏସ୍:** ଭାରତୀୟ ଟ୍ରେଡ୍ ୟୁନିଅନର ଡାକରା କ୍ରମେ ନିଖିଳ ଓଡିଶା ଆଶା କର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସାରା ରାଜ୍ୟରେ ଆଶା କର୍ମୀମାନଙ୍କ ଆନ୍ଦୋଳନ ପରିପେକ୍ଷୀରେ ବୁଗୁଡ଼ା ବ୍ଲକ ଆଶା କର୍ମୀ ସଙ୍ଘ ପକ୍ଷରୁ ସମସ୍ତ ୧୩୧ ଜଣ ଆଶା କର୍ମୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ବୁଗୁଡ଼ା ମେଡିକାଲ ପରିସରରେ ଧାରଣାରେ ବସିଥିଲେ । ଦାବିଗୁଡିକ ମଧ୍ୟରେ ଶ୍ରମିକ ବିରୋଧୀ ୪ର୍ଥ ଶ୍ରେଣୀ ଶ୍ରମ କୋଡ୍ ପ୍ରତ୍ୟାଖ୍ୟାନ କରିବା,ସର୍ବନିମ୍ନ ମଜୁରୀ ପ୍ରତି ମାସରେ ୨୬




ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ଆଶା, ଅଙ୍ଗନୱାଡି ଓ ମାଧ୍ୟାହ୍ନ ଭୋଜନ ରୋଷେୟା ସମେତ ସମସ୍ତ ଯୋଜନା କର୍ମୀଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀର ୪୫ତମ ଏବଂ ୪୬ତମ ସୁପାରିଶ ଅନୁଯାୟୀ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ସମସ୍ତ ଯୋଜନା କାର୍ଯ୍ୟ କେନ୍ଦ୍ରୀୟ ଅନୁସୂଚିତ ନିଯୁକ୍ତି ଅଧୀନରେ ସର୍ବନିମ୍ନ ମଜୁରୀ ଆଇନ୍ ଅନୁଯାୟୀ ଅଧିସୂଚିତ କରିବା, ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ରୋକିବା, ସାର୍ବଜନୀନ କ୍ଷେତ୍ର ଅନ୍ତର୍ଭୁକ୍ତିକରଣ କିମ୍ବା ବାଣିଜ୍ୟକୁ ଘରୋଇକରଣ କରିବା ବନ୍ଦ କରିବା, ପୁରୁଣା ପେନସନ ଯୋଜନାକୁ ପୁନଃସ୍ଥାପନ କରିବା ସହ ଏନପିଏସ ଏବଂ ୟୁପିଏସ ପ୍ରତ୍ୟାଖ୍ୟାନ କରିବା, ଇପିଏଫ ପେନ୍‌ସନ୍‌ର ସର୍ବନିମ୍ନ ହାର ପ୍ରତି ମାସ ୨ହଜାର ଟଙ୍କା ସ୍ଥିର କରିବା ଆଦି ଅନ୍ତର୍ଭୁକ୍ତ ରହିଛି । ବୁଗୁଡ଼ା ବ୍ଲକ ଆଶା ସଂଘ ସଭାପତି ସନ୍ତୋଷିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପାଦିକା ରଶ୍ମିତା ପଣ୍ଡା, ଉପସଭାପତି ସଫଳା ପାତ୍ର, ସହ ସମ୍ପାଦିକା ବବିତା ସୁବୁଦ୍ଧି, କୋଷାଧ୍ୟକ୍ଷ ପ୍ରୋମଦା ମିଶ୍ର ପ୍ରମୁଖ ଶତାଧିକ ଆଶା କର୍ମୀ ମେଡିକାଲ ସମ୍ମୁଖରେ ଧାରଣାରେ ବସିଥିଲେ ।

# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଙ୍ଘର ଧର୍ମଘଟ

**ପିପିଲି,୯୧୭/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଓ ସ୍ୱାଧୀନ ଫେଡେରେସନ ଡାକରାରେ ସର୍ବଭାରତୀୟ ଧର୍ମଘଟ ଡାକରାରେ ପୁରୀ ଜିଲ୍ଲା ପିପିଲି ବ୍ଲକ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଙ୍ଘ ପକ୍ଷରୁ ପିପିଲି ହାଟଛକ ଠାରୁ ଏକ ଶୋଭାଯାତ୍ରା ପିପିଲି ସିଡିପିଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ସଭାପତି ଜୟନ୍ତୀ ମଲିକ ଓ ସମ୍ପାଦିକା ସସ୍ମିତା ତ୍ରିପାଠୀଙ୍କ ନେତୃତ୍ୱରେ ଆସିଥିବା ଏହି ଶୋଭାଯାତ୍ରାରେ ଶତାଧିକ ଅଙ୍ଗନବାଡ଼ି କର୍ମୀ ପାଚିକା ଓ ଆଶାକର୍ମୀମାନେ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ। ପିପିଲି ସିଡିପିଓ କାର୍ଯ୍ୟାଳୟଠାରେ ପହଞ୍ଚି ସେଠାରେ ଏକ ପ୍ରତିବାଦ ସଭା କରିଥିଲେ। ସେଥିରେ ଉପସଭାପତି ରୁପାଲୀ ରୁଚିସ୍ମିତା ମିଶ୍ର, ସହସମ୍ପାଦିକା ସୁଚିତ୍ରା ସ୍ୱାଇଁ, ଅସୀମା ସାମନ୍ତରାୟ, କୁମିନା ସାହୁ, ପ୍ରୀତିପଦ୍ମା ମହାନ୍ତି, ମନିତା ପ୍ରଧାନ, ରେଖା ପ୍ରଧାନ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ କମିଶନର-କମ୍-ସେକ୍ରେଟାରୀ



ରାଜ୍ୟ ମହିଳା ଓ ଶିଶୁବିକାଶ ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସିଡିପିଓ ଅନୁପସ୍ଥିତ ଥିବାରୁ କାର୍ଯ୍ୟାଳୟର ଜୁନିୟର କ୍ଲର୍କ ସସ୍ମିତା ଭୋଇ ଆଠଦଫା ଦାବି ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିଗୁଡିକ ହେଲା ଶ୍ରମିକଶ୍ରେଣୀ ବିରୋଧୀ ଚାରି ଶ୍ରମ ସଂହିତାକୁ ପ୍ରତ୍ୟାଖ୍ୟାନ କରିବା, ମାସିକ ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କାକୁ ବୃଦ୍ଧି କରିବା, ଭାରତୀୟ ଶ୍ରମ ସମ୍ମିଳନୀରେ ୪୫ତମ ଓ ୪୬ତମ ସୁପାରିଶ ଅନୁଯାୟୀ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏମଡିଏମ ରୋଷେୟା, ସମେତ ସମସ୍ତ ଯୋଜନା ରେ କର୍ମୀଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ ଦେବା, ସମସ୍ତ ଯୋଜନା କାର୍ଯ୍ୟ ସର୍ବନିମ୍ନ ମଜୁରୀ ଆଇନ ଅଧୀନରେ କେନ୍ଦ୍ରୀୟ ଅନୁସୂଚିତ ନିଯୁକ୍ତି ଅଧୀନରେ ସୂଚିତ କରାଯିବା , ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ରୋକିବା, ରାଷ୍ଟ୍ରୀୟ ଉଦ୍ୟୋଗ ର ଘରୋଇକରଣକୁ ବନ୍ଦ୍ କରିବା, ପ୍ରତ୍ୟକ ମାସରେ ଇପିଏଫ୍ ପେନ୍ସନ୍ ସର୍ବନିମ୍ନ ୯ହଜାର ଟଙ୍କା ପ୍ରଦାନ କରିବା ଆଦି ଅନ୍ତର୍ଭୁକ୍ତ। ତେବେ ଏହି ଦାବିପତ୍ର ଭାରତର ପ୍ରଧାନମନ୍ତ୍ରୀ, ସେକ୍ରେଟାରୀ ମିନିଷ୍ଟ୍ରି ମହିଳା ଓ ଶିଶୁ ବିକାଶ, ନୂଆଦିଲ୍ଲୀ, ସାଧାରଣ ସମ୍ପାଦକ ଅଲ୍ ଇଣ୍ଡିଆ ଅଙ୍ଗନବାଡ଼ି ୱାର୍କଶ ଫେଡେରେସନ, ସାଧାରଣ ସମ୍ପାଦକ ଏଆଇଟିୟୁସି, ଓଡ଼ିଶା ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଚିଫ୍ ସେକ୍ରେଟାରୀ, ଜିଲ୍ଲାପାଳ, ଡିଏସ୍ଡବ୍ଲ୍ୟୁଓ, ସିଡିପିଓ ଆଦିଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

# ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନ

**ଦଶପଲ୍ଲା,୯୧୭/ଏନ୍ଏନ୍ଏସ୍:** ୧୭ଦଫା ଦାବି ନେଇ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଆହ୍ୱାନକ୍ରମେ ସାରାଦେଶରେ ଏକ ଦିନିଆ ଧର୍ମଘଟ ଦିଆଯାଇଥିବା ବେଳେ ଏହାର ପ୍ରଭାବ ଦଶପଲ୍ଲା ବ୍ଲକ୍‌ରେ ଦେଖିବାକୁ ମିଳିଛି। ଦଶପଲ୍ଲାରେ ଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କର ମିଳିତ ଆହ୍ୱାନ କ୍ରମେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ଦଶପଲ୍ଲାରେ ଶହ ଶହ କର୍ମୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିଭିନ୍ନ ସ୍ଲୋଗାନ ମାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶ୍ରମିକନେତା ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବେହେରା, ଆଦିବାସୀ ନେତା ଶ୍ରୀନିବାସ ଜାନୀ, ମଧ୍ୟାହ୍ନଭୋଜନ ପାଚିକା ସଂଘ ଜିଲ୍ଲା ସମ୍ପାଦିକା ଜୟନ୍ତୀ ଦାଶ, ଯୁବନେତା ବିପିନ୍ କୁମାର ବାଜୁ, ସୁଶାନ୍ତ ନାୟକ, ଆଶାକର୍ମୀ ସଂଘର ଦଶପଲ୍ଲା ସମ୍ପାଦିକା ସସ୍ମିତା ପଟ୍ଟନାୟକ, କୃଷକନେତା ବ୍ରଜବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ ଓ କ୍ଷେତମଜଦୁର୍ ନେତା ବିରଞ୍ଚି ନାୟକ ପ୍ରମୁଖ ବକ୍ତବ୍ୟ ରଖିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଅପରାହ୍ନରେ ଦଶପଲ୍ଲା ବଜାରରେ ଏକ ବିଶାଳ ଶୋଭାଯାତ୍ରା ବ୍ଲକ୍ ଅଫିସ୍‌ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ଓ ସେଠାରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବହୁ କର୍ମୀମାନେ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ସରପଞ୍ଚ ଖଲିଆ ନାଏକଙ୍କ ନେତୃତ୍ୱରେ ଶ୍ରମିକମାନେ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।




# ୨ୟ ଦିନରେ ଡ୍ରାଇଭର ମହାସଂଘର ଧାରଣା



**ଓଡ଼ଗାଁ,୯୧୭/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ଡ୍ରାଇଭର ସଂଘ ୭ ଦଫାନେଇ ଅଖଚକ ବନ୍ଦ କରି ଧାରଣାରେ ବସିଛନ୍ତି। ବୁଧବାର ଓଡ଼ଗାଁ ଡ୍ରାଇଭର ମହାସଂଘ ପକ୍ଷରୁ ଧାରଣା ୨ଦିନରେ ପହଞ୍ଚିଥିବା ବେଳେ ନୟାଗଡ ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଓଡଗାଁ ସିନେମାହଲ ଛକରେ ପହଞ୍ଚି ଶତାଧିକ ଡ୍ରାଇଭର ଭାଇମାନଙ୍କ ଦୁଃଖରେ ସାମିଲ ହୋଇଥିଲେ। ଷ୍ଟିଅରିଂ ଛାଡି ଆନ୍ଦୋଳନରତ ଡ୍ରାଇଭରମାନଙ୍କ ହକ୍ ଦାବିକୁ ଡବଲ ଇଞ୍ଜିନ ସରକାର କାହିଁକି ପୂରଣ କରୁନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟବ୍ୟାପି ଲକ୍ଷାଧିକ ଡ୍ରାଇଭରମାନଙ୍କ ଆନ୍ଦୋଳନ ପାଇଁ ପରିବହନ ବାଧାପ୍ରାପ୍ତ ହେବାସହ ସାଧାରଣ ଜନଜୀବନ ନାହିଁନଥିବା ଅସୁବିଧା ସୃଷ୍ଟି ହେଲାଣି ଏବଂ ଆଗକୁ ଆହୁରି ଜୋର ହେବାର ସମ୍ଭାବନାକୁ ଆଖି ଆଗରେ ରଖି ୭ଦଫା ଦାବୀକୁ ମୋହନ ସରକାର ଯଥାଶୀଘ୍ର ପୂରଣ କରିବାକୁ ଶ୍ରୀ ଦାଶ ଦାବି କରିଛନ୍ତି ସୂଚନା ଅନୁଯାୟୀ ଗତକାଲି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଏବଂ ପିସିସି ସାଧାରଣ ସମ୍ପାଦକ ଯାଶୀରନୱାଜ ନୟାଗଡ଼ ଟ୍ରାଫିକ ଛକରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ସ୍ଥଳକୁ ଯାଇ କଂଗ୍ରେସ ଦଳ ୭ଦଫା ଦାବିକୁ ସମର୍ଥନ ଜଣାଇଥିଲେ। ଓଡଗାଁ ବ୍ଲକ କଂଗ୍ରେସ ଉପସଭାପତି ଆଇନଜୀବୀ ବିଭୁତି ରାଉତ ମଧ୍ୟ ଡ୍ରାଇଭରମାନଙ୍କ ଦାବିକୁ ସମର୍ଥନ କରିଥିଲେ। ଧାରଣାରେ ସଂଘ ସଭାପତି କାର୍ତ୍ତିକ ସାହୁ ଓ ସଂପାଦକ ଈଶ୍ୱର ବିଶ୍ୱାଳଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଅଂଶଗ୍ରହଣ କରିଥିଲେ।

# ନୟାଗଡ଼ରେ ଟ୍ରେଡ୍ ୟୁନିଅନ୍‌ର ଧର୍ମଘଟ




**ନୟାଗଡ଼,୯୧୭/ଏନ୍ଏନ୍ଏସ୍:** ଶ୍ରମକୋଡ୍ ବାତିଲ୍‌କରି ପୂର୍ବବତ୍ ଶ୍ରମିକ ଆଇନ ଲାଗୁ କରିବା ଦାବିନେଇ ଶ୍ରମିକ ସଂଗଠନମାନଙ୍କର ମିଳିତ ମଞ୍ଚର ଆହ୍ୱାନ କ୍ରମେ ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ କରି ନୟାଗଡ଼ ଜିଲ୍ଲା ସଦର ମହକୁମାରେ ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ହରତାଳ ପାଳନ କରାଯାଇଛି। ଜୁଲାଇ ୯ର ଏହି ଆନ୍ଦୋଳନ ମୋଦି ସରକାରଙ୍କ ମନମାନି ତଥା ଶ୍ରମିକ-କୃଷକ ବିରୋଧୀ ପଦକ୍ଷେପ ବିରୋଧରେ ସାଧାରଣ ଜନତାର ଦୁର୍ବାର ରଣହୁଙ୍କାର ବୋଲି ବିକ୍ଷୋଭକାରୀ ଶ୍ରମିକ ନେତାମାନେ ମତବ୍ୟକ୍ତ କରିଥିଲେ। ନୟାଗଡ଼ର ପ୍ରମୁଖ ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟରେ ସତ୍ୟାଗ୍ରହୀମାନେ ପିକେଟିଙ୍ଗ୍ କରି ବନ୍ଦ କରିଥିଲେ । ଶହଶହ ମଧ୍ୟାହ୍ନ ଭୋଜନ ପାଚିକା, ଆଶାକର୍ମୀ, ବିଦ୍ୟୁତ କର୍ମଚାରୀ, ନିର୍ମାଣ ଶ୍ରମିକ, କୃଷକ ନୟାଗଡ଼ ପୂର୍ତ୍ତ ଡ଼ାକବଙ୍ଗଳା ଠାରୁ ପଟୁଆରରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବସିରହିଥିଲେ। ସିଆଇଟିୟୁର ନେତା ସରୋଜିନୀ ସାହୁ, କୁଳମଣି ପୃଷ୍ଟି, ବୁଦ୍ଧି ନାୟକ, ବିଭୁତି ପଟ୍ଟନାୟକ,ବବଲୁ ଦାସ,ଏଆଇଟିୟୁସି ନେତା ଆଡଭୋକେଟ ଅମୀୟ ପଟ୍ଟନାୟକ, ବିଦ୍ୟୁତ କର୍ମଚାରୀ ନେତା କମଲେଶ ଦାସ ପ୍ରମୁଖ ଆଲୋଚନାରେ ନେତୃତ୍ୱ ନେଇ ମୋଦି ସରକାରର ଘରୋଇକରଣ ନୀତି, କର୍ପୋରେଟ ସପକ୍ଷବାଦୀ ଅର୍ଥନୀତି, ବେକାରୀ ବୃଦ୍ଧିର କଟୁ ସମାଲୋଚନା କରିଥିଲେ।

# କିଷାନ ମଜଦୂର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

**ସାକ୍ଷୀଗୋପାଳ,୯୧୭/ଏନ୍ଏନ୍ଏସ୍:** ସର୍ବଭାରତୀୟସ୍ତରରେ ଚାଲିଥିବା ଧର୍ମଘଟକୁ ସମର୍ଥନ ଜଣାଇ ଅଲ୍ ଇଣ୍ଡିଆ କିସାନ୍ କ୍ଷେତ ମଜଦୂର ସଂଗଠନ ପକ୍ଷରୁ ସାକ୍ଷୀଗୋପାଳ ଷ୍ଟେଟ ବ୍ୟାଙ୍କ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଧର୍ମଘଟକୁ ସମର୍ଥନ କରି ସଙ୍ଘ ପକ୍ଷରୁ ଚାରି ଶ୍ରମ କୋଡ ବାତିଲ, ସ୍ମାର୍ଟ ମିଟର ବସାଇବା ବନ୍ଦ, ବିଦ୍ୟୁତ୍ ବିଲ ୨୦୨୩ ପ୍ରତ୍ୟାହାର, ମନରେଗା ଯୋଜନାରେ କୃଷି ଶ୍ରମିକ ମାନଙ୍କୁ ଦୈନିକ ୬୦୦ଟଙ୍କା ମଜୁରି ଦେଇ ବର୍ଷକୁ ୨୦୦ ଦିନ କାମ ଯୋଗାଇବା, ୬୦ବର୍ଷରୁ ଉର୍ଦ୍ଧ ଚାଷୀ ଓ ଦିନ ମୁଲିଆଙ୍କୁ ମାସିକ ୧୦ ହଜାର ଟଙ୍କା ପେନସନ ଦେବା, ଦରଦାମ ନିୟନ୍ତ୍ରଣ ପାଇଁ ରାଷ୍ଟ୍ରୀୟ ବ୍ୟବସାୟ ଚାଲୁ କରିବା, ଭାଗଚାଷୀ ମାନଙ୍କ ପାଇଁ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ଆଇନ ବ୍ୟବସ୍ଥା କରିବା ଆଦି ୧୭ ଦଫା




ଦାବି ନେଇ ୧୦ ଟି ଟ୍ରେଡ ୟୁନିୟୁନ୍ ସାଧାରଣ ଧର୍ମଘଟ ଡାକରା ଦେଇଛନ୍ତି। ଏହିଁ ଧର୍ମଘଟ ସମର୍ଥନରେ ବୁଧବାର ସତ୍ୟବାଦୀ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରାଯାଇଥିଲା। ଏହିଁ କାର୍ଯ୍ୟକ୍ରମରେ ସଂଗଠନର ସତ୍ୟବାଦୀ ବ୍ଲକ୍ କମିଟି ସଭାପତି କମ୍ରେଡ ଶ୍ୟାମସୁନ୍ଦର ମହାପାତ୍ର, ସମ୍ପାଦକ ହାଡୁ ଚରଣ ବେହେରା, ଏଆଇକେକେଏମଏସର ରାଜ୍ୟ କମିଟି ସଭ୍ୟ ସୁବାସ ବେହେରା ଓ ପ୍ରଭାକର ନାୟକପ୍ରମୁଖ ନେତୃତ୍ ନେଇ ଆଗାମୀ ଦିନରେ ଦାବି ପୂରଣ ନିମନ୍ତେ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

# ମିଳିତ ଶ୍ରମିକ ସଂଗଠନ ପକ୍ଷରୁ କୋଣାର୍କରେ ବନ୍ଦ

**କୋଣାର୍କ,୯୧୭/ଏନ୍ଏନ୍ଏସ୍:** ସର୍ବଭାରତୀୟ କେନ୍ଦ୍ରୀୟ ମିଳିତ ଶ୍ରମିକ ସଂଗଠନ ସମୂହ ପକ୍ଷରୁ ଡ଼ାକରା କ୍ରମେ କୋଣାର୍କରେ ବନ୍ଦ ଡାକରା ଆଂଶିକ ସଫଳତା ମିଳିଥିବା ଦେଖିବାକୁ ମିଳିଛି। କୋଣାର୍କ ଉଠା ବ୍ୟବସାୟୀ ସଂଘ ପକ୍ଷରୁ ପ୍ରଥମେ ବଜାର ପରିକ୍ରମା ସହ ସୂର୍ଯ୍ୟ ମନ୍ଦିର ବନ୍ଦ କରାଯାଇଥିଲା। ବିଶିଷ୍ଟ କମ୍ୟୁନିଷ୍ଟ ନେତା ମନୋରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ବନ୍ଦ ଡାକରାରେ କୋଣାର୍କ ର ଉଠା ବ୍ୟବସାୟୀ ମାନେ ଯୋଗ ଦେଇଥିଲେ। ସରକାରୀ ବିରୋଧୀ ସ୍ଲୋଗାନ ଦେବା ସହ ବଜାର ପରିକ୍ରମା କରି ସୂର୍ଯ୍ୟ ମନ୍ଦିରରେ ପ୍ରବେଶ କରି ଟିକେଟ କାଉଣ୍ଟର ବନ୍ଦ କରିବା ସହ ପ୍ରବେଶ ଗେଟ୍ ମଧ୍ୟ ବନ୍ଦ କରିଥିଲେ। ସକାଳୁ ପ୍ରାୟ ଏକ ଘଣ୍ଟା ଧରି ସୂର୍ଯ୍ୟ ମନ୍ଦିର ବନ୍ଦ ଥିଲା ଫଳରେ ସୂର୍ଯ୍ୟମନ୍ଦିର ପରିଦର୍ଶନ ରେ ଆସିଥିବା ଶତାଧିକ ପର୍ଯ୍ୟଟକ ସୂର୍ଯ୍ୟ ମନ୍ଦିର ଦେଖିବାରୁ ବଞ୍ଚିତ ହୋଇଥିଲେ। ପରେ ସ୍ଥିତି ସାମୟିକ ହେବାରୁ ଏକ ଘଣ୍ଟା ପରେ ସୂର୍ଯ୍ୟମନ୍ଦିର ଟିକେଟ କାଉଣ୍ଟର ସହ ପ୍ରବେଶ ପଥକୁ ବିଭାଗୀୟ ଅଧିକାରୀ ଖୋଲିଦେଇଥିଲେ। ଫଳରେ ଅପେକ୍ଷାରତ ଦେଶବିଦେଶର ହଜାର ହଜାର ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ ।ଏଥିସହିତ ସୂର୍ଯ୍ୟମନ୍ଦିର ସମ୍ମୁଖ ରେ ଥିବା ବାଖ୍ୟାନ କେନ୍ଦ୍ର, ପୁରାତତ୍ତ୍ୱ ସଂଗ୍ରହାଳୟ, ଯାତ୍ରୀନିବାସ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ପ୍ରତିଷ୍ଠାନ ସମେତ ଶିକ୍ଷା ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା।




# ଦ୍ୱିତୀୟ ଦିନରେ ଡ୍ରାଇଭର ସଂଘ ଆନ୍ଦୋଳନ, ଯାତାୟାତ ବାଧାପ୍ରାପ୍ତ

**ଡେଲାଙ୍ଗ,୯୧୭/ଏନ୍ଏନ୍ଏସ୍:** ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ୍ ଅନ୍ଦୋଳନର ୨ୟ ଦିନରେ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରେଳ ଓ ସରକାରୀ ବସ ଗୁଡିକ ଯାତାୟତ କରୁଥିବା ବେଳେ ଏଥିରୁ ଓହ୍ଲାଉଥିବା ଯାତ୍ରୀମାନେ ନିଜ ନିଜ ଘରକୁ ଯିବା ନିମନ୍ତେ ଡେଲାଙ୍ଗ ଷ୍ଟେସନ ବଜାରରେ ଘଣ୍ଟା ଘଣ୍ଟା ଅପେକ୍ଷା କରିରହିଥିଲେ। ଧଳା ନମ୍ବର ପ୍ଲେଟ ଲଗାଯାଇଥିବା ଗାଡି ଗୁଡିକୁ ସଂଘ ପକ୍ଷରୁ ରାସ୍ତାରେ ଯିବାକୁ ଅନୁମତି ଦିଆଯାଇଥିବା ବେଳେ ହଳଦିଆ ନମ୍ବର ପ୍ଲେଟ ଥିବା ଗାଡି ଗୁଡିକୁ ଛଡା ଯାଇନଥିଲା। ଯାହା ଫଳରେ ବେପାର, କର୍ମକ୍ଷେତ୍ର ଓ ନିଜ ନିଜ ଘରକୁ ଯିବା ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବାକୁ ଥିବାବେଳେ ପେଟ୍ରୋଲ, ଡିଜେଲ, ଆଳୁ, ପିଆଜ, ରାସନ ଭଳି ନିତ୍ୟ ବେବହୃଯ୍ୟ ସାମଗ୍ରୀ ଗୁଡିକ ବାହାରୁ ଆସୁଥିବାରୁ ଏହାର ପରିବହନରେ ଅନିୟମିତତା ଦେଖାଦେବା ଆଶଙ୍କା କରି ଲୋକେ ପେଟ୍ରୋଲ ପମ୍ପ, ପରିବା ଓ ରାସନ ଦୋକାନରେ ଭିଡ ଜମାଇଥିଲେ। ଡେଲାଙ୍ଗ ବ୍ଲକର ପେଟ୍ରୋଲ ପମ୍ପଗୁଡିକରେ ବିଶେଷ କରି ବାଇକ ଆରୋହୀମାନଙ୍କ ଭିଡ ଜମିଥିବା ବେଳେ ଦୋକାନ ମାନଙ୍କରେ ଗଚ୍ଛିତ ସାମଗ୍ରୀ ଗୁଡିକୁ କିଣିବା ପାଇଁ ସଧାରଣ ଲୋକଙ୍କ ଭିଡ ଜମିଥିଲା। ଯାହାର ଫଳ ସ୍ୱରୂପ କମ ଦରରେ ସାମଗ୍ରୀ କିଣି ଗଚ୍ଛିତ କରିଥିବା ଦୋକାନୀମାନେ କଳା ବଜାରୀ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଥିଲା। ନିଜ ଗାଡିରେ ୧୦୦ରୁ ୨ଶହ ଟଙ୍କାର ପେଟ୍ରୋଲ ପକାଉଥିବା ଲୋକେ ୫ଶହରୁ ୧ହଜାର ଟଙ୍କାର ପେଟ୍ରୋଲ ପକାଉଛନ୍ତି। ଏମିତି ଚାଲିଲେ ଦିନେ ଦୁଇଦିନ ଭିତରେ ଗଚ୍ଛିତ ପେଟ୍ରୋଲ ସମାପ୍ତ ହୋଇଯିବ ବୋଲି ପେଟ୍ରୋଲ ପମ୍ପ ମାଲିକମାନେ ଆଶଙ୍କା କରିଛନ୍ତି। ସେହିପରି ୨ରୁ ୩ କିଲୋ ଆଳୁ ପିଆଜ କିଣୁଥିବା ଲୋକେ ୧୫ରୁ ୨୦ କିଲୋ କିଣୁଛନ୍ତି। ଯାହାଫଳରେ ଖୁଚୁରା ଦୋକାନୀମାନେ କଳାବଜାରି କରିବା ସହିତ ଖୁବ୍‌ଶୀଘ୍ର ଆଳୁ ପିଆଜ ଗୋଦାମରୁ ଖାଲି ହୋଇଯିବ ବୋଲି ଗୋଦାମ ମାଲିକମାନେ ଆଶଙ୍କା କଲେଣି। ଏହା ସିଧାସଳଖ ଖାଉଟିଙ୍କ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



# ଡ୍ରାଇଭରଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ, ଯାତାୟାତ ଠପ୍

**ଚାରିଛକ,୯୧୭/ଏନ୍ଏନ୍ଏସ୍:** ଗତକାଲିଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ଡ୍ରାଇଭର ମହାସଂଘ ବନ୍ଦ ଡାକରାରେ ଆଜି ଚାରିଛକ ବଜାରରେ ଚାରିଛକ ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଦ୍ୱିତୀୟ ଦିବସରେ ଯାତାୟାତ ଠପ୍ ହେବା ସହ ସରକାରୀ ଓ ବେସରକାରୀ କର୍ଯ୍ୟାଳୟ ଅଧିକାଂଶ ବନ୍ଦ ରହିଥିଲା। ଆଜି ନିମାପଡା ବ୍ଲକ ଡ୍ରାଇଭର ମହାସଂଘର ସଭାପତି ଶୁକଦେବ ବେହେରାଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଭାଇମାନେ ଚାରିଛକ ବଜାରରେ ଏକତ୍ରିତ ହୋଇ ୭ ଦଫା ଦାବି ପୂରଣ ଆମର ଦାବି, ସରକାର ତୁମେ ମାନିନିଅ ବୋଲି ସ୍ଲୋଗାନ ଦେଇଥିଲେ। ବିଶେଷକରି ଜରୁରୀ କାଳୀନ ସେବା ଗାଡି ଗୁଡିକୁ ସ୍ୱଭାବିକ ଚାଲିଥିବା ବେଳେ ଅନ୍ୟଗାଡି ସବୁ ଚଳାଚଳ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିବା ଫଳରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ କର୍ମଚାରୀମାନେ ଯାତାୟାତ କରିବାରେ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି । ଆଜିର ଏହି ଆନ୍ଦୋଳନକୁ ସମସ୍ତ ଜନସାଧାରଣ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନରେ ସଂଘର ଉପ-ସଭାପତି ପାଣ୍ଡବ ମଲ୍ଲିକ, ସଂପାଦକ ଅଜୟ ବେହେରା, ସହ-ସଂପାଦକ ପ୍ରଶାନ୍ତ ସାହୁ, ସୁଶେଣ ଖୁଣ୍ଟିଆ, ଓମ୍‌ପ୍ରକାଶ ନାୟକ, ସଂଜୟ ମହନ୍ତି, ସେକ୍ ମୁସ୍ତାକ ଅଲ୍ଲି, ଜ୍ଞାନରଞ୍ଜନ ପ୍ରଧାନଙ୍କ ସମେତ ଶତାଧିକ ଡ୍ରାଇଭର ଯୋଗଦେଇଥିଲେ।

# ହିନ୍ଦ୍ ମଜଦୁର୍ ସଭା ପକ୍ଷରୁ ବିକ୍ଷୋଭ, ସ୍ମାରକପତ୍ର ପ୍ରଦାନ

**ଆଠଗଡ଼,୯୧୭/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶ୍ରମିକ, କୃଷକ ଆଇନ ପ୍ରତ୍ୟାହାର ସମେତ ଶ୍ରମିକ ବିରୋଧୀ ୪ ଶ୍ରମକୋର୍ଡ ବାତିଲ୍, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ଦରମା ୨୬ହଜାର ପ୍ରଦାନ ଆଦି ୧୭ ଦଫା ନେଇ ହିନ୍ଦ୍ ମଜଦୁର୍ ସଭା ପକ୍ଷରୁ ଆଠଗଡ଼ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରସଙ୍ଗକୁ ଦେଶର ପ୍ରମୁଖ ୧୦ଶ୍ରମିକ ସଂଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ ଆଠଗଡ଼ ଅଞ୍ଚଳର ଅନୁବନ୍ଧିତ ବିଭିନ୍ନ ଶ୍ରମିକ ସଂଗଠନ, ବିଡି ଶ୍ରମିକ, ନିର୍ମାଣ ସଂଗଠନର ସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ସକାଳୁ ଆଠଗଡ଼ ବିଧାୟକ ତଥା ହିନ୍ଦ୍ ମଜଦୁର୍ ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନେତୃତ୍ୱରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ଖୁଣ୍ଟୁଣୀ ଗୋଲେଇ ଛକରୁ ବାହାରି ଆଠଗଡ଼ ସହର ଉପକଣ୍ଠ ସାପୁଆ ନଦୀ କୂଳରେ ପହଞ୍ଚିଥିଲା। ପରେ ଅପେକ୍ଷାରତ ଶ୍ରମିକ ସଂଗଠନର ସଭ୍ୟମାନଙ୍କ ଗହଣରେ ଏକ ବିରାଟ ପଦଯାତ୍ରା ସହର ପରିକ୍ରମା କରି ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରମିକ ନେତା ଲଳିତେନ୍ଦୁ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓଡ଼ିଶା ହିନ୍ଦ ମଜଦୁର ସଭାର ସାଧାରଣ ସଂପାଦକ ବିରାଜାକିଙ୍କର ନାୟକ, ଆରତି ଷ୍ଟିଲ୍ ଆଣ୍ଡ ପାୱାର ଶ୍ରମିକ, କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରଞ୍ଜିତ ବରାଳ, ବିକେ ଷ୍ଟିଲ୍ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଗଗନ ବିହାରୀ ପରିଡା, ହିନ୍ଦ୍ ମଜଦୁର୍ ସଭାର ମହିଳା ଶାଖାର ସଭାନେତ୍ରୀ ଜାନକୀଲତା ନାଏକ, ବିଡି ଶ୍ରମିକ ନେତା ପ୍ରଭାକର ବେହେରା, ଅଜୟ କୁମାର ସ୍ୱାଇଁ, ବନିତା ବେହେରା, ନାରାୟଣ ସାହୁ ପ୍ରମୁଖ କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ଓ ପୁଞ୍ଜିପତିଙ୍କ ସାଥି ବୋଲି କହିଥିଲେ। ଏହି ଅବସରରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପ-ଜିଲ୍ଲାପାଳ ଜରିଆରେ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷକ ନେତା ରବିନ୍ଦ୍ରନାଥ ରାଉତ, ରଞ୍ଜନ ଜେନା, ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇଥିଲେ।



# ଶ୍ରମିକ ସଂଗଠନ ଓ ବାମପନ୍ଥୀ ଦଳ ତରଫରୁ ସର୍ବଭାରତୀୟ ଧର୍ମଘଟ


**ଶରଣକୁଳ,୯୧୭/ଏନ୍ଏନ୍ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ, କୃଷକ, ମହିଳା, ଛାତ୍ର ଓ ଯୁବକ ବିରୋଧି ନୀତି ବିରୁଦ୍ଧରେ ୧୭ ଦଫା ଦାବି ନେଇ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାପାଇଁ ପାଞ୍ଚଟି ବାମପନ୍ଥୀ ଦଳ, ଦଶଟି ଟ୍ରେଡ ୟୁନିଅନ୍ ଓ ସ୍ୱାଧୀନ ସର୍ବ ଭାରତୀୟ ଫେଡେରସନର ମିଳିତ ଆନୁକୁଲ୍ୟରେ ବୁଧବାର ଅନୁଷ୍ଠିତ ଧର୍ମଘଟ ପ୍ରାୟ ସଫଳ ହୋଇଥିବା ପରିଲକ୍ଷିତ ହୋଇଛି। ବିଭିନ୍ନ ସ୍ଥାନମାନଙ୍କରେ ପିକେଟିଙ୍ଗ ଓ ସଭା କରାଯାଉଥିଲା। ସତ୍ୟାଗ୍ରହୀମାନେ ନୟାଗଡ଼-ଭଞ୍ଜନଗର ୨୧ନମ୍ବର ରାଜ୍ୟ ରାଜପଥକୁ ଶରଣକୁଳଠାରେ ଅବରୋଧ କରିଥିଲେ। ବିଭିନ୍ନ ଗାଡି, ଦୋକାନ, ବ୍ୟାଙ୍କ ଗୁଡିକ ବନ୍ଦ ହୋଇଥିଲା। ସେହିପରି ସତ୍ୟାଗ୍ରହୀ ମାନେ ବ୍ଲକ ତହସିଲ ଅଫିସ ବନ୍ଦ କରିଥିବା ବେଳେ ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା। ଏଥିରେ କୃଷକ ନେତା ଗୋଲକ ମୁଦୁଲି, ରାଜ୍ୟ ଯୁବନେତା ସରୋଜ ନାୟକ, ମହିଳା ନେତ୍ରୀ ଜ୍ୟୋତି ଜେନା, ଯୁବନେତା ବିଭୁ ମହାପାତ୍ର, ଆଲୋକ ପ୍ରଧାନ, ଶ୍ରମିକ ନେତା କୃଷ୍ଣ ମହାପାତ୍ର , କୃଷକ ନେତା ନିରଞ୍ଜନ ସାହୁ ଓ ଭାଗିରଥି ସ୍ୱାଇଁ ସମେତ ଶତାଧିକ କର୍ମୀ ଯୋଗଦେଇ ଥିଲେ। ଶ୍ରମିକ ନେତାମାନଙ୍କ ଅଭିଯୋଗ ହେଲା ଦେଶରେ ବେକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ଏବେ ଆକାଶଛୁଆଁ ହେବାରେ ଲାଗିଛି। ତଦନୁସାରେ ଶ୍ରମିକମାନଙ୍କ ମଜୁରିର ପରିମାଣ କମିବାରେ ଲାଗିଛି। ତତ୍‌ସହିତ ଶ୍ରମିକମାନେ ନିଜର ମୌଳିକ ଗଣତାନ୍ତ୍ରିକ ଅଧିକାରୁ ବଞ୍ଚିତ ହେଉଛନ୍ତି। ଶରଣକୁଳ ଅଞ୍ଚଳରେ ଧର୍ମଘଟ ସଫଳ ହୋଇଥିବା ପରିଲକ୍ଷିତ ହୋଇଛି।

**ନିତି ଭାରତୀ** | ଜଳରେ ଥିବା ମାଛ ତୃଷାର୍ତ୍ତ ଅଛି ବୋଲି ଶୁଣିଲେ ମୋତେ ହସ ଲାଗେ। ସେହିପରି ଈଶ୍ୱରଙ୍କୁ ପାଇବାକୁ ଲୋକମାନେ ତୀର୍ଥଯାତ୍ରାରେ ଯାଉଛନ୍ତି ଶୁଣିଲେ ହସ ଲାଗେ। - **କବୀର**

ନିତିଦିନ NITIDIN
ଗୁରୁବାର, ୧୦ ଜୁଲାଇ, ୨୦୨୫

# ଆର୍ଥିକ ଅଭିବୃଦ୍ଧିରେ ମତ୍ସ୍ୟକ୍ଷେତ୍ର

ଆଜିର (ଜୁଲାଇ ମାସ ଦଶ ତାରିଖ) ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ଏହି ଦିନରେ ଓଡ଼ିଶା ମାଟିରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଥିଲା ଓ ପ୍ରତ୍ୟେକ ଓଡ଼ିଶାବାସୀ ଏଥିପାଇଁ ଗର୍ବିତ। ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡକ୍ଟର କେଏଚ ଆଲିକୁନି ଏବଂ ଡକ୍ଟର ହୀରାଲାଲ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଡକ୍ଟର ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ। ଦେଶର ପ୍ରଗତି ଓ



**ପ୍ରକାଶ ତ୍ରିପାଠୀ**

ବିକାଶରେ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଟେ। ଏକ ସହନଶୀଳ ମାଛ ବଂଶବୃଦ୍ଧି ସହ ସୁସ୍ଥ ପାରିବେଶିକ ଜଳ ସମ୍ପଦର ସୁରକ୍ଷା ଓ ଏଥି ସହ ସମ୍ପୃକ୍ତ ପରିବାରଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ ପ୍ରଦାନ ଏହି ଦିବସ ପାଳନର ଯଥାର୍ଥତାକୁ ପ୍ରତିପାଦନ କରିଥାଏ।

ମତ୍ସ୍ୟଚାଷ ଏବଂ ଜଳକୃଷି କ୍ଷେତ୍ର ଦେଶର ଖାଦ୍ୟ ସୁରକ୍ଷା, ପୁଷ୍ଟି ଯୋଗାଣ, ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ଭାବରେ ଉଭା ହୋଇଛି। ଭାରତ ସରକାରଙ୍କ ବିଭିନ୍ନ ଯୋଜନା, ଘରୋଇ କ୍ଷେତ୍ରର ସହଯୋଗ ଏବଂ ମତ୍ସ୍ୟଜୀବୀ/ ମତ୍ସ୍ୟ ଚାଷୀମାନଙ୍କ ଅମୂଲ୍ୟ ଅବଦାନ ମାଧ୍ୟମରେ ଏହି କ୍ଷେତ୍ର ସମୃଦ୍ଧି ହାସଲ କରି ଚାଲିଛି। ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଅଧିକ ସମର୍ଥନ କରିବାର ଆବଶ୍ୟକତାକୁ ସ୍ୱୀକାର କରି ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍ଏମ୍ଏସ୍ୱାଇ) ଅନ୍ତର୍ଗତ ଏକ କେନ୍ଦ୍ରୀୟ କ୍ଷେତ୍ର ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା (ପିଏମ୍ଏମ୍କେଏସ୍ଏସ୍ୱାଇ)କୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ମତ୍ସ୍ୟଚାଷକୁ ସୁଦୃଢ଼ କରି ମୂଲ୍ୟ ଶୃଙ୍ଖଳ, ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ଭାରତୀୟ ମତ୍ସ୍ୟଚାଷ ଉତ୍ପାଦର ବିପ୍ଳବ ଆଣିବାର ସମ୍ଭାବନା ସୃଷ୍ଟି କରିଛି। ଭାରତ ତୃତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜଳକୃଷି ମାଛ ଉତ୍ପାଦନକାରୀ ଦେଶ ଭାବେ ପରିଚିତ। ମତ୍ସ୍ୟଚାଷରେ ନିବେଶ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଜାତୀୟ ମାଛ ଉତ୍ପାଦନ ୨୦୨୩-୨୪ରେ ସର୍ବକାଳୀନ ସର୍ବାଧିକ ୧୮୪.୦୨ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି ଯାହାକି ବିଗତ ଦଶ ବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ଅଧିକ ଅଟେ। ସେହିପରି ବିଗତ ଦୁଇ ଦଶନ୍ଧିରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରାୟ ଦଶ ଗୁଣ ବୃଦ୍ଧି ପାଇଛି। ୨୦୦୩-୦୪ରେ ରପ୍ତାନି ମୂଲ୍ୟ ୬୦୯.୯୫ କୋଟି ଟଙ୍କା ଥିଲା ବେଳେ ବିଶ୍ୱ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ୧୭.୮୧୬ ଲକ୍ଷ ମେଟ୍ରିକ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି ଯାହାର ମୂଲ୍ୟ ୬୦୫୨୩.୮୯ କୋଟି ଟଙ୍କା ଅଟେ।

ଭାରତ ବିଭିନ୍ନ ଜଳ ସମ୍ପଦ ଏବଂ ମତ୍ସ୍ୟ ପ୍ରଜାତିରେ ସମୃଦ୍ଧ। ଏହା ଦୁଇ ହଜାରରୁ ଅଧିକ ପ୍ରଜାତିର ମାଛର ଆବାସସ୍ଥଳ। ପ୍ରାକୃତିକ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସଂରକ୍ଷଣ ହାସଲ କରିବା ପାଇଁ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ, ଗବେଷକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଏବଂ ଜଳଜ ସମ୍ପଦ ଉପରେ ଜ୍ଞାନ ପ୍ରସାରଣ ମାଧ୍ୟମରେ ଏହାକୁ ଅଧିକ ସମୃଦ୍ଧଶାଳୀ କରାଯାଉଛି। ବିଶ୍ୱର ୭୫ଟି ଦେଶକୁ ୫୦ରୁ ଅଧିକ ବିଭିନ୍ନ ପ୍ରକାରର ମାଛ ରପ୍ତାନି କରୁଥିବା ଭାରତ ବର୍ତ୍ତମାନ ଭାରତରୁ କୃଷି ରପ୍ତାନିରେ ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ଉଭା ହୋଇଛି। ଜାତୀୟ ମତ୍ସ୍ୟ ପାଳନ ଡିଜିଟାଲ୍ ପ୍ଲାଟଫର୍ମ ହେଉଛି ଭାରତ ସରକାରଙ୍କ ମତ୍ସ୍ୟ ପାଳନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ଏକ ମାଇଲଖୁଣ୍ଟ ସଫଳତା ହେବ, କାରଣ ଏହା ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ, ଆବଶ୍ୟକତାଭିତ୍ତିକ ନୀତି ଗଠନ ଏବଂ ସହଭାଗିତା ଓ ସହଯୋଗକୁ ସହଜ କରିବା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରମାଣ-ଆଧାରିତ ମତ୍ସ୍ୟ ପାଳନ ପରିଚାଳନା ପାଇଁ ମୂଳଦୁଆ ପକାଇବ। ଦେଶର ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ୧୪ ନିୟୁତ ଲୋକ ଏହାଦ୍ୱାରା ଉପକୃତ ହେବେ। ୨୦୨୫-୨୬ ବଜେଟ ଘୋଷଣା ରଣନୀତିକ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କଷ୍ଟମ୍ ଡ୍ୟୁଟି ହ୍ରାସ କରି ଚାଷୀଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତ ସରକାର ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ ମତ୍ସ୍ୟଜୀବୀଙ୍କ ପାଇଁ ଋଣ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ କିଷାନ କ୍ରେଡିଟ୍ କାର୍ଡ (କେସିସି) ଋଣ ସୀମା ତିନି ଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହାକି ସାଧାରଣ ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

ସେହିପରି ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୭.୦୮ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୫୭୫ କି.ମି. ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶାର ମତ୍ସ୍ୟ ସମ୍ପଦ ସମୃଦ୍ଧ। ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ଥିବାରୁ ଓଡ଼ିଶା ସରକାର କେବଳ ବର୍ଷା ଋତୁ ନୁହେଁ, ତା' ପୂର୍ବରୁ ଓ ବର୍ଷସାରା ସରକାରୀ ତଥା ଘରୋଇ ଫାର୍ମରୁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗପୂର୍ବକ ମାଛ ଯାଆଁଳ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ସହ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ବିଗତ ପାଞ୍ଚ ବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି। ଆମ ରାଜ୍ୟରେ ମାଛ ଉତ୍ପାଦନ ବିଗତ ୫ ବର୍ଷରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ବିଗତ ଦୁଇ ଦଶନ୍ଧିରେ ଜାତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇ ପାରିଛି। ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁଁ ଆମ ରାଜ୍ୟ ମାଛ ଉତ୍ପାଦନରେ କ୍ରମାଗତ ପ୍ରଗତି ହାସଲ କରି ଚାଲିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟି ପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରି ପାରିଛି। ଆମ ରାଜ୍ୟରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ଜାତୀୟ ହାରଠାରୁ ଢେର୍ ଅଧିକ। ଜାତୀୟ ସ୍ତରରେ ଏହା ବାର୍ଷିକ ୧୩.୧୦ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ୧୮.୩୩ କିଲୋଗ୍ରାମ ଅଛି। ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓଡ଼ିଶାର ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଗତ ୨୩ ବର୍ଷ ମଧ୍ୟରେ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ପ୍ରାୟ ବାର ଗୁଣ ବୃଦ୍ଧି ଘଟିଛି। ୨୦୦୦-୦୧ ବର୍ଷରେ ୧୦୦୬୪ ମେଟ୍ରିକ ଟନ୍ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ରପ୍ତାନି କରିଥିଲା ବେଳେ ୨୦୨୪-୨୫ରେ ଏହା ୯ ଗୁଣ, ଅର୍ଥାତ୍ ୯୨୦୧୮ ମେଟ୍ରି ଟନ୍‌କୁ ବୃଦ୍ଧି ପାଇଛି। ସେହିପରି ସେହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩୭୯ କୋଟି ଟଙ୍କାରୁ ୪୭୦୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି।




ନୂତନ ପୋଖରୀ ଖନନ କରି ଉଭୟ ମଧୁର ଜଳ ମାଛ ଓ ଖାରିଜଳ ମାଛ/ ଚିଙ୍ଗୁଡ଼ି ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମ ପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ପ୍ରଦାନପୂର୍ବକ ମାଛ ଚାଷ ପାଇଁ ସୁଯୋଗ ଦିଆଯାଉଛି। ଏହାଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂର ଓ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରାଯାଇ ପାରୁଛି। ଉନ୍ନତ ଜ୍ଞାନକୌଶଳଯୁକ୍ତ ଜଳଭଣ୍ଡାରରେ ପଞ୍ଜୁରୀ ମଧ୍ୟରେ ମାଛଚାଷ, ବାୟୋଫ୍ଲକ ପଦ୍ଧତିରେ ମାଛଚାଷ, ପୁନଃସଂଚାଳନ ପଦ୍ଧତିରେ ମାଛଚାଷ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଏଥିରେ ସ୍ୱାବଲମ୍ବୀ ହେବାର ଦୃଢ଼ ସମ୍ଭାବନା ସୃଷ୍ଟି କରିଛି। ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସେମାନଙ୍କ ପରିବାରଙ୍କୁ ବୀମାଭୁକ୍ତ କରିବା, ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷା ପାଇଁ ମେଧାବୃତ୍ତି ପ୍ରଦାନ, ମାଛଧରା କଟକଣା ସମୟରେ ଜୀବିକା ସହାୟତା ପ୍ରଦାନ, ମତ୍ସ୍ୟ ପରିବହନ ପାଇଁ ଭିତ୍ତିଭୂମି ଯୋଗାଣ, ଡଙ୍ଗା ଓ ଜାଲ ନିମନ୍ତେ ସହାୟତା, ବରଫ କଳ ପ୍ରତିଷ୍ଠା, ମାଛ/ ଚିଙ୍ଗୁଡ଼ି ହ୍ୟାଚେରୀ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ, ମତ୍ସ୍ୟଜୀବୀ ସୋସାଇଟିର ଦୃଢ଼ୀକରଣ, ମତ୍ସ୍ୟ ଅବତରଣ କେନ୍ଦ୍ର/ ମତ୍ସ୍ୟ ବନ୍ଦରଗୁଡ଼ିକର ଆଧୁନିକୀକରଣ, ଆଧୁନିକ ମତ୍ସ୍ୟ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ନଦୀ ଓ ଜଳ ଭଣ୍ଡାରଗୁଡ଼ିକରେ ମାଛ ବଂଶ ବୃଦ୍ଧି ତଥା ଏହା ଉପରେ ନିର୍ଭର କରି ଚାଲୁଥିବା ମତ୍ସ୍ୟଜୀବୀଙ୍କ ରୋଜଗାର ବୃଦ୍ଧି ପାଇଁ ଅଙ୍ଗୁଳିକା ମାଛ ଯାଆଁଳ ଛାଡ଼ିବା ଆଦି ସରକାରଙ୍କର ବିଭିନ୍ନ ପଦକ୍ଷେପ ରାଜ୍ୟର ମତ୍ସ୍ୟ ସମ୍ପଦ କ୍ଷେତ୍ରକୁ ସୁଦୃଢ଼ କରିଛି। ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀଙ୍କ ପ୍ରଗାଢ଼ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁଁ ରାଜ୍ୟକୁ ମତ୍ସ୍ୟ ସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା। ମତ୍ସ୍ୟକ୍ଷେତ୍ରରେ ନିୟୋଜିତ ରହି ରାଜ୍ୟ ତଥା ଦେଶର ବିକାଶରେ ଭାଗିଦାରୀ ହେଉଥିବା ରାଜ୍ୟର ସମସ୍ତ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀମାନଙ୍କୁ ଆଜିର ଏହି ଜାତୀୟ ମତ୍ସ୍ୟଚାଷୀ ଦିବସରେ ସଦିଚ୍ଛା ଓ ଅଭିନନ୍ଦନ।

ମୋ:୯୪୩୭୨୩୨୪୬୩

# ବନ୍ଦେ ଜଗଦ୍‌ଗୁରୁଂ ବ୍ୟାସମ୍


ପ୍ରାକ୍ ବୈଦିକ କାଳରୁ ପୁଣ୍ୟଭୂମି, ଦେବଭୂମି ଭାରତବର୍ଷରେ ଗୁରୁ ପରମ୍ପରାର ଧାରା ରହିଛି ଅବ୍ୟାହତ। ଯୁଗେ ଯୁଗେ ଦେବ, ଦାନବ ଓ ମାନବ ସେମାନଙ୍କ ମନ ମଧ୍ୟରୁ ଅଜ୍ଞାନରୂପୀ ଅନ୍ଧକାରକୁ ଦୂରୀଭୂତ କରିବା ସହିତ ଜୀବନ ନିର୍ବାହ କ୍ଷେତ୍ରରେ ସୃଷ୍ଟ ପ୍ରତିବନ୍ଧକର ମୂଳୋତ୍ପାଟନ ତଥା ଜୀବନର ଲକ୍ଷ୍ୟ ସାଧନ ନିମନ୍ତେ ଆବଶ୍ୟକ କରିଥାନ୍ତି ଗୁରୁଙ୍କର ସାହାଯ୍ୟ, ସହାନୁଭୂତି ଓ ଆଶୀର୍ବାଦ। 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ରୋଧକ, ଅର୍ଥାତ୍ ଅନ୍ଧକାରକୁ ଦୂରୀଭୂତ କରି ମନ ମଧ୍ୟରେ ଜ୍ଞାନର ଆଲୋକ ପ୍ରଜ୍ୱଳିତ କରାଉଥିବା ବ୍ୟକ୍ତିବିଶେଷ 'ଗୁରୁ' ପଦବାଚ୍ୟ ଅଟନ୍ତି। ଶାସ୍ତ୍ରାନୁଯାୟୀ 'ଯୋ ଧର୍ମ୍ମାନ୍ ଶବାନ୍ ଗୁଣାତ୍ୟୁପଦିଶତି ସ ଗୁରୁଃ', ଅର୍ଥାତ୍ ଯିଏ ସତ୍ୟ, ନ୍ୟାୟ ସହିତ ସକଳ ବିଦ୍ୟାଯୁକ୍ତ ବେଦର ଉପଦେଶ ପ୍ରଦାନ କରନ୍ତି, ତାଙ୍କୁ ଗୁରୁ କୁହାଯାଏ।



**ଅନନ୍ତ ଗୋପାଳ ପଣ୍ଡା**

ସମଗ୍ର ଭାରତବର୍ଷକୁ ଶାସ୍ତ୍ରୀୟ ଜ୍ଞାନର ଆଲୋକରେ ଉଦ୍ଭାସିତ କରିବା ସଙ୍ଗେ ସଙ୍ଗେ ଜ୍ଞାନ ଗଙ୍ଗାର ସ୍ରୋତସ୍ୱିନୀକୁ ପ୍ରବହମାନ କରାଇ ଥିବା ଭଗବାନଙ୍କ ଅବତାର, ତ୍ରିକାଳଦର୍ଶୀ, ତତ୍ତ୍ୱଜ୍ଞ ମହର୍ଷି ବ୍ୟାସଦେବ ହେଉଛନ୍ତି ସମସ୍ତ ଜ୍ଞାନର ଭଣ୍ଡାର। ଜଗତର ସବୁକିଛି ଜ୍ଞାନ ତାଙ୍କଠାରୁ ହୋଇଛି ଉଦ୍ଭବ। ଜଗତର କଲ୍ୟାଣ ଲାଗି ଯେଉଁ ଜ୍ଞାନ ଆବଶ୍ୟକ, ତାହା ତାଙ୍କ ମୁଖରୁ ହୋଇଛି ନିଃସୃତ ଏବଂ ଗଣେଶ ଭଗବାନଙ୍କ ଦ୍ୱାରା ହୋଇଛି ଲିପିବଦ୍ଧ। ଯାହା ତାଙ୍କ ରଚନାରେ ସ୍ଥାନିତ, ତାହା ଅନ୍ୟତ୍ର ହୁଏନାହିଁ ପରିଦୃଷ୍ଟ ଏବଂ ଯାହା ତାଙ୍କ ରଚନାରେ ଅନ୍ତର୍ଭୁକ୍ତ ନୁହେଁ, ତାହା କେଉଁଠାରେ ଦୃଷ୍ଟିଗୋଚର ହୁଏନାହିଁ। ସେଥିପାଇଁ 'ବ୍ୟାସୋଚ୍ଛିଷ୍ଟ ଜଗତ୍ ସର୍ବଂ', ଅର୍ଥାତ୍ ଜଗତର ସମସ୍ତ ଜ୍ଞାନ ସୃଷ୍ଟି ହୋଇଛି ବ୍ୟାସଦେବଙ୍କଠାରୁ। ସେଥିପାଇଁ ସେ ଗୁରୁଙ୍କର ଗୁରୁ ଭାବରେ ହୁଅନ୍ତି ଅଭିହିତ। ତାଙ୍କର ଶୁଭ ଆବିର୍ଭାବ ଦିବସ ହେଉଛି ଆଷାଢ଼ ମାସର ପୂର୍ଣ୍ଣିମା, ଯାହା ଗୁରୁ ପୂର୍ଣ୍ଣିମା ଭାବରେ ଭାରତବର୍ଷର କୋଣ ଅନୁକୋଣରେ ହୋଇଥାଏ ପାଳିତ।

ମହର୍ଷି ବଶିଷ୍ଠଙ୍କ ପ୍ରପୌତ୍ର, ଶକ୍ତି ମୁନିଙ୍କର ପୌତ୍ର, ପରାଶରଙ୍କ ନନ୍ଦନ ଓ ଶୁକଦେବ ଗୋସ୍ୱାମୀଙ୍କର ଜନ୍ମଦାତା ହେଉଛନ୍ତି ବ୍ୟାସଦେବ। ଭଗବାନଙ୍କର ବାଙ୍ମୟ ଶରୀର ଭାବେ ଅଭିହିତ ଶ୍ରୀମଦ୍ ଭଗବଦ୍ ଗୀତାର ଦଶମ ଅଧ୍ୟାୟ ବିଭୂତି ଯୋଗରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ବିଭୂତି ବର୍ଣ୍ଣନା କରିବା ଅବସରରେ ମୁନିମାନଙ୍କ ମଧ୍ୟରେ ସେ ବ୍ୟାସଦେବ ବୋଲି ସ୍ୱୀକାର କରି କହିଛନ୍ତି- 'ବୃଷ୍ଣୀନାଂ ବାସୁଦେବୋସ୍ମି ପାଣ୍ଡବାନାଂ ଧନଞ୍ଜୟଃ/ ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ।' (୧୦/୩୭)




ଶ୍ରୀମଦ୍ ଭଗବଦ୍ ଗୀତାଙ୍କ ପରି ଶ୍ରୀମଦ୍ ଭାଗବତ ମହାପୁରାଣରେ ମଧ୍ୟ ରହିଛି ତାଙ୍କର ବର୍ଣ୍ଣନା। ଭାଗବତ ପ୍ରଥମ ସ୍କନ୍ଧର ତୃତୀୟ ଅଧ୍ୟାୟ ଏକୋଇଶ ଶ୍ଳୋକରେ ବ୍ୟାସଦେବଙ୍କୁ ଭଗବାନଙ୍କ ସପ୍ତଦଶ ଅବତାର ଭାବେ କରାଯାଇଛି ଅଭିହିତ, ଯଥା- 'ତତଃ ସପ୍ତଦଶେ ଜାତଃ ସତ୍ୟବତ୍ୟାଂ ପରାଶରାତ୍/ ଚକ୍ରେ ବେଦତରୋଃ ଶାଖାଦୃଷ୍ଟ୍ୱା ପୁଂସୋଽଳ୍ପମେଧସଃ।' ପୁନଶ୍ଚ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବିରଚିତ ଓଡ଼ିଆ ଭାଗବତର ଏକାଦଶ ସ୍କନ୍ଧ ସପ୍ତଦଶ ଅଧ୍ୟାୟରେ ସ୍ୱୟଂ ଭଗବାନ ଉଦ୍ଧବଙ୍କୁ କହିଛନ୍ତି, 'ଧୀରଙ୍କ ମଧ୍ୟେ ମୁଁ ଦେବଳ/ ବ୍ୟାସେ ମୁଁ ସତ୍ୟବତୀ ବାଳ।'

ଏହି ପ୍ରଚଣ୍ଡ ପ୍ରତିଭାସମ୍ପନ୍ନ ମହର୍ଷି ବ୍ୟାସଦେବଙ୍କ ଧରାବତରଣର ଘଟଣାବଳୀ ଅତ୍ୟନ୍ତ ଦିବ୍ୟ ଏବଂ ଅଲୌକିକ। ଏକଦା ମହର୍ଷି ବଶିଷ୍ଠଙ୍କ ପୌତ୍ର ମୁନି ପରାଶର ଯମୁନା ନଦୀକୁ ପାର ହେବା ନିମନ୍ତେ ମତ୍ସ୍ୟଗନ୍ଧାଙ୍କ ଦ୍ୱାରା ଚାଳିତ ହେଉଥିବା ନୌକାରେ ଉପବେଶନ କଲେ। ମତ୍ସ୍ୟଗନ୍ଧା ଥିଲେ ଧୀବର ଦାସ ରାଜାଙ୍କର ପାଳିତା କନ୍ୟା। ବାସ୍ତବରେ ସେ ଥିଲେ ରାଜନନ୍ଦିନୀ। ଆଖ୍ୟାୟିକା ଅନୁଯାୟୀ, ରାଜା ଉପରିଚର ଶିକାର କରିବା ଉଦ୍ଦେଶ୍ୟରେ ଅରଣ୍ୟରେ ଭ୍ରମଣ କରୁ କରୁ ପ୍ରାକୃତିକ ଶୋଭା ସନ୍ଦର୍ଶନରେ ବିମୋହିତ ହୋଇ ହେଲେ କାମାସକ୍ତ। ଫଳ ସ୍ୱରୂପ ତାଙ୍କ ବୀର୍ଯ୍ୟ ହେଲା ସ୍ଖଳିତ। ନଦୀରେ ସେହି ବୀର୍ଯ୍ୟ ପଡ଼ିବାରୁ ଏକ ମତ୍ସ୍ୟ ତାକୁ କଲା ଭକ୍ଷଣ ଏବଂ ତା'ର ହେଲା ଗର୍ଭୋଦୟ। କିଛିଦିନ ପରେ ଧୀବର ସେହି ମାଛଟିକୁ ଧରି କାଟିବା ସମୟରେ ତା'ର ଗର୍ଭରୁ ଜନ୍ମ ନେଲେ ମତ୍ସ୍ୟଗନ୍ଧା, ଯାହାଙ୍କର ଅନ୍ୟ ନାମ ସତ୍ୟବତୀ। ସତ୍ୟବତୀଙ୍କ ଶାନ୍ତ, ସରଳ, ଉତ୍ତମ ବ୍ୟବହାର ତଥା ରୂପରେ ମୋହିତ ହେବାରୁ ମୁନିଙ୍କ ମନ ମଧ୍ୟରେ କାମଭାବ ସୃଷ୍ଟି ହେଲା। ନିଜ ମନର ଅଭିଳାଷ ମୁନି ବ୍ୟକ୍ତ କଲେ ମତ୍ସ୍ୟଗନ୍ଧାଙ୍କ ସମ୍ମୁଖରେ। ମତ୍ସ୍ୟଠାରୁ ଜନ୍ମ ନେଇଥିବା କାରଣରୁ ମତ୍ସ୍ୟଗନ୍ଧାଙ୍କ ଶରୀରରୁ ନିର୍ଗତ ମତ୍ସ୍ୟ ଗନ୍ଧକୁ ମୁନି ଦୂରୀଭୂତ କରି ଯୋଜନଗନ୍ଧାରେ କଲେ ପରିଣତ। ଦିବସ ରମଣ ତଥା ଯମୁନାର ଜଳରାଶି ଉପରେ ରତିକ୍ରୀଡ଼ା ସମୀଚୀନ ନୁହେଁ ବୋଲି ସତ୍ୟବତୀ ପ୍ରକାଶ କରିବାରୁ ପରାଶର ମୁନି ନଦୀ ମଧ୍ୟରେ ସୃଷ୍ଟି କଲେ ଏକ ଦ୍ୱୀପ ଏବଂ ତା'ର ଚତୁଃପାର୍ଶ୍ୱରେ ସୃଷ୍ଟି କଲେ କୁହୁଡ଼ି। ଯୋଜନଗନ୍ଧାଙ୍କର ସବୁ ସର୍ତ୍ତ ପୂରଣ କରି ମୁନି ନିଜର କାମନା କଲେ ଚରିତାର୍ଥ। ଫଳ ସ୍ୱରୂପ, ପରାଶରଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭରୁ ଜନ୍ମ ନେଲେ ଦିବ୍ୟ ତେଜଯୁକ୍ତ ବାଳକ ବ୍ୟାସଦେବ। ଏହି ଦିବସଟି ଥିଲା ଆଷାଢ଼ ମାସର ପୂର୍ଣ୍ଣିମା ତିଥି।

ଦ୍ୱୀପରେ ଜନ୍ମଗ୍ରହଣ ଏବଂ କୃଷ୍ଣବର୍ଣ୍ଣ ହୋଇଥିବାରୁ ସେ କୃଷ୍ଣ ଦ୍ୱୈପାୟନ ନାମରେ ହେଲେ ନାମିତ। ବଦରି ବନରେ ତପସ୍ୟା କରିବା ସହିତ ଶରଭଙ୍ଗ ମୁନିଙ୍କ କନ୍ୟା ଶ୍ରୀୟାବତୀଙ୍କ ପାଣି ଗ୍ରହଣ କରି ସେଠାରେ ଶମ୍ୟାପ୍ରାସ ନାମକ ଆଶ୍ରମରେ ଅବସ୍ଥାନ କରିଥିବାରୁ ତାଙ୍କର ଅନ୍ୟ ଏକ ନାମ ହେଉଛି ବାଦରାୟଣ। ଏତଦ୍ ବ୍ୟତୀତ ବେଦର ବିଭାଗୀକରଣ କରିଥିବାରୁ ତାଙ୍କର ନାମ ବେଦବ୍ୟାସ। ବେଦକୁ ବିଭାଗୀକରଣ କରି ପୈଲଙ୍କୁ ଋକ୍‌ବେଦ, ଜୈମିନିଙ୍କୁ ସାମ, ବୈଶମ୍ପାୟନଙ୍କୁ ଯର୍ଜୁ ଏବଂ ଅଙ୍ଗିରାଙ୍କୁ ଅଥର୍ବ ବେଦର ଶିକ୍ଷା ପ୍ରଦାନ କରିଥିଲେ। ମହାଭାରତ ଏବଂ ଅଷ୍ଟାଦଶ ପୁରାଣ ସମ୍ପର୍କରେ ଶିଷ୍ୟ ରୋମହର୍ଷଣଙ୍କୁ ଅବଗତ କରାଇ ଥିଲେ। ଏକଦା ଆଶ୍ରମର ଅନତି ଦୂରରେ ପ୍ରବାହିତ ସରସ୍ୱତୀ ନଦୀ କୂଳରେ ବିଷଣ୍ଣ ବଦନରେ ଉପବେଶନ କରିଥିବା ସମୟରେ ମନରେ ଶାନ୍ତି ବିରାଜମାନ ପାଇଁ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ରଚନା କଲେ ଶ୍ରୀମଦ୍ ଭାଗବତ ମହାପୁରାଣ, ଯାହା ଅଠର ହଜାର ଶ୍ଳୋକରେ ହୋଇଛି ଲିଖିତ।

ଗୁରୁ ପରମ୍ପରାର ନଭମଣ୍ଡଳରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ପ୍ରତିଭାତ, ଭଗବାନଙ୍କ ଅବତାର ଭାବେ ଅଭିହିତ ମହର୍ଷି ବେଦବ୍ୟାସଙ୍କୁ ଭଗବଦ୍ ଗୀତାର ମଙ୍ଗଳାଚରଣରେ କରାଯାଇଛି ବନ୍ଦନା, ଯଥା- 'ଅଚତୁର୍ବଦନୋ ବ୍ରହ୍ମା ଦ୍ୱିବାହୁରପରୋ ହରିଃ/ ଅଭାଲଲୋଚନଃ ଶମ୍ଭୁର୍ଭଗବାନ ବାଦରାୟଣଃ।' ଅର୍ଥାତ୍, ଚତୁର୍ମୁଖ ନଥାଇ ବ୍ରହ୍ମା, ଦ୍ୱିବାହୁଯୁକ୍ତ ହୋଇ ବିଷ୍ଣୁ ଏବଂ ତୃତୀୟ ନୟନ ନଥାଇ ବ୍ୟାସଦେବ ତ୍ରିଦେବଙ୍କ ରୂପେ ହୁଅନ୍ତି ଉପାସିତ। ସପ୍ତ ଚିରଞ୍ଜିବୀଙ୍କ ମଧ୍ୟରେ ତାଙ୍କର ନାମ ମଧ୍ୟ ହୋଇଛି ସ୍ଥାନିତ। ପବିତ୍ର ବ୍ୟାସ ପୂର୍ଣ୍ଣିମା ଅବସରରେ ଦିବ୍ୟଜ୍ଞାନମୟ ପ୍ରଦୀପକୁ ମହାଭାରତ ରୂପୀ ତୈଳଦ୍ୱାରା ପ୍ରଜ୍ୱଳିତ କରାଉ ଥିବା ପ୍ରସ୍ଫୁଟିତ କମଳର ପାଖୁଡ଼ା ସଦୃଶ, ଦିବ୍ୟଦୃଷ୍ଟିଧାରୀ, ପ୍ରଚଣ୍ଡ ଧୀଶକ୍ତିସମ୍ପନ୍ନ, ତ୍ରିକାଳଦର୍ଶୀ, ତତ୍ତ୍ୱଜ୍ଞ ମହର୍ଷି ବ୍ୟାସଦେବଙ୍କୁ ଶତକୋଟି ପ୍ରଣାମ।

ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ବିହାର ଓ ଭୋଟର ତାଲିକା ସଂଶୋଧନ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ହେଉଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଉପୁଜିଛି ବାଧା। ବିରୋଧୀ ଦଳମାନେ ଏହି ବିଶେଷ ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଏହାକୁ ବନ୍ଦ କରିବା ନିମନ୍ତେ ପହଞ୍ଚିଛନ୍ତି ସୁପ୍ରିମ୍‌କୋର୍ଟରେ ଏବଂ କୋର୍ଟ ମଧ୍ୟ ଅନେକ ସଂଖ୍ୟକ ନେତାଙ୍କ ଦ୍ୱାରା ଏହି କାର୍ଯ୍ୟ ବିରୁଦ୍ଧରେ କରାଯାଇଥିବା ଆବେଦନଗୁଡ଼ିକର ଶୁଣାଣି କରିବା ପାଇଁ ରାଜି ହୋଇଛନ୍ତି। ତେଣୁ ମୋଟାମୋଟି କାର୍ଯ୍ୟଟି ପ୍ରବେଶ କରିଛି ଅନ୍ୟ ଏକ ପର୍ଯ୍ୟାୟରେ ଯାହାର କୋର୍ଟ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଫଇସଲା ଶୁଣାଇବେ। ଆରମ୍ଭରୁ ଏସ୍ଆଇଆର୍ ବିଷୟରେ ଅନେକ ପ୍ରକାରର ସନ୍ଦେହ ଉପୁଜି ଥିଲା ଏବଂ ଇସିଆଇଙ୍କ ଦ୍ୱାରା ବାରମ୍ବାର ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣଗୁଡ଼ିକ କ୍ୱଚିତ୍ ସେସବୁ ସନ୍ଦେହର ନିରାକରଣ କରିବାରେ ସକ୍ଷମ ହୋଇଥିଲା। ଗୋଟିଏ ପକ୍ଷରେ ଇସି ସମ୍ବିଧାନ ଏବଂ ବିଭିନ୍ନ ଆଇନ ବଳରେ ଏହି ସଂଶୋଧିତ ତାଲିକା ପ୍ରସ୍ତୁତ କରାଯିବା ଦ୍ୱାରା ଏଥିରେ କେତେକ ନୂଆ ଭୋଟରଙ୍କର ଅନ୍ତର୍ଭୁକ୍ତିକରଣ, ଅର୍ଥାତ୍ ଏଥିରେ ନୂଆ ଯୋଗ୍ୟ ଭୋଟରମାନଙ୍କୁ ସାମିଲ କରାଯିବା ସମ୍ଭବପର ହେବ ବୋଲି ଗୁରୁତ୍ୱାରୋପ କରୁଥିବା ବେଳେ ବିରୋଧୀମାନେ ଦାବି କରୁଛନ୍ତି ଯେ ଏହାର ଲକ୍ଷ୍ୟ ହେଉଛି ବହିଷ୍କରଣ, ଅର୍ଥାତ୍ କିଛି ଯୋଗ୍ୟ ଭୋଟରଙ୍କୁ, ବିଶେଷକରି ସମାଜର ଦୁର୍ବଳ ଶ୍ରେଣୀ ଭିତରେ ରହୁଥିବା ଲୋକମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା। ସେମାନେ ଦର୍ଶାଇଛନ୍ତି ଯେ ଏହି କାର୍ଯ୍ୟ ସମ୍ବିଧାନର ଲୋକମାନଙ୍କ ପ୍ରତିନିଧିତ୍ୱ କରିବାର ଆଇନ ସମେତ ଆହୁରି ଅନେକ ଆଇନ କାନୁନ୍‌ର ଉଲ୍ଲଙ୍ଘନ କରିବ; ସେଗୁଡ଼ିକର ଉଦ୍ଦେଶ୍ୟ ସାଧିତ କରିବ ନାହିଁ।

କୋର୍ଟରେ ସେମାନଙ୍କର ପିଟିସନମାନ ଦାଖଲ କରିବା ବେଳେ ଅଧିକାଂଶ ଆଇନଜୀବୀ ଯୁକ୍ତି ଦର୍ଶାଇଛନ୍ତି ଯେ ଭୋଟରମାନଙ୍କୁ ସେମାନଙ୍କର ନାଗରିକତ୍ୱର ପ୍ରମାଣ ଦେବା ପାଇଁ ଖୁବ୍ କମ୍- ଅର୍ଥାତ୍ ଏକ ମାସରୁ ମଧ୍ୟ କମ୍ ସମୟ ପ୍ରଦାନ କରାଯାଇଛି, ଆଉ ଏହା ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ମତଦାନର ଅଧିକାର ଛଡ଼ାଇ ନେବ, ବିଶେଷକରି ସେଇମାନଙ୍କର ଯେଉଁମାନଙ୍କ ନିକଟରେ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ଭାବରେ ଦାଖଲ କରିବା ନିମନ୍ତେ କାଗଜପତ୍ର ରୂପରେ ବିଶେଷ କିଛି ନାହିଁ ବା ଆଦୌ ନାହିଁ କହିଲେ ଚଳେ। ସମାଜର ନିମ୍ନ ସ୍ତରରେ ଅମଲାତନ୍ତ୍ର ଯେପରି ଭାବରେ ନାଗରିକ ସେବାଗୁଡ଼ିକର ପରିଚାଳନା କରିଥାଏ, ସେହି ଦୃଷ୍ଟିରୁ ବିବେଚନା କଲେ ଏହିସବୁ ଆଇନଜୀବୀଙ୍କ ଯୁକ୍ତିରେ ଅନେକ ପରିମାଣର ଯଥାର୍ଥତା ରହିଛି। ନିର୍ବାଚନ କମିଶନ ଏକଥା ମଧ୍ୟ କହିଛନ୍ତି ଯେ ଲୋକମାନେ ଯେଉଁଠି ସାଧାରଣତଃ ବାସ କରୁଛନ୍ତି, ସେଠାକାର ଭୋଟର ତାଲିକାରେ ସେମାନଙ୍କର ନାମ ରହିବା ଉଚିତ ଏବଂ ସେହିଠାରେ ନୁହେଁ, ଯେଉଁଠି ସେମାନଙ୍କର ଘର ଅଛି। କହିବା ନିଷ୍ପ୍ରୟୋଜନ ଯେ ଏହା ସମଗ୍ର ପ୍ରସଙ୍ଗକୁ ଅଧିକ ଜଟିଳ କରିବ, କାରଣ ଅଧିକାଂଶଙ୍କ ପାଖରେ ହୁଏତ ସେମାନଙ୍କର ବାସସ୍ଥାନ ସମ୍ପର୍କିତ ପ୍ରମାଣ ପ୍ରଦାନ କରିବା ନିମନ୍ତେ କାର୍ଯ୍ୟସ୍ଥଳରେ କୌଣସି କାଗଜପତ୍ର ନଥାଇ ପାରେ। ପ୍ରମାଣ ଭାବରେ ଦାଖଲ କରିବା ନିମନ୍ତେ ଏସବୁ କାଗଜପତ୍ର ଯୋଗାଡ଼ କରି ଉପସ୍ଥାପିତ କରିବା ପାଇଁ ସେମାନଙ୍କୁ ଦିଆ ଯାଇଥିବା ସ୍ୱଳ୍ପ ସମୟର ଅବଧି ଫଳରେ ସେମାନେ ନିଜ ନିଜ ପିତୃ ପିତାମହ ଅମଳର ଜନ୍ମସ୍ଥାନ ରୂପେ ବିଦିତ ଗ୍ରାମମାନଙ୍କରେ ମତଦାନ କରିବାର ଅଧିକାର ହରାଇ ପାରନ୍ତି, ଯେତେବେଳେ କି ଅମଲାତନ୍ତ୍ରର ନାଲିଫିତାବାଦ ସେମାନଙ୍କ କାର୍ଯ୍ୟସ୍ଥଳରେ କାଗଜପତ୍ର ହାସଲ କରିବାର କାମକୁ ମାସ ମାସ ଧରି ବିଳମ୍ବିତ କରାଇ ପାରେ। ଆଉ ଏହାର ବିଶୁଦ୍ଧ ପରିଣତି ଏୟା ହେବ ଯେ ଭାରତୀୟ ନାଗରିକମାନେ ସେମାନଙ୍କର ଶାସକମାନଙ୍କୁ ନିର୍ବାଚିତ କରାଇବାର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏକ ଅଂଶ ହେବାରୁ ବଞ୍ଚିତ ହେବେ।

ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ହେଲେ ସମସ୍ତ ମତଦାନଯୋଗ୍ୟ ଭୋଟରମାନଙ୍କ ନାମକୁ ସେଥିରେ ଅନ୍ତର୍ଭୁକ୍ତିର ସୁନିଶ୍ଚିତକରଣ କରାଯିବା ଉଚିତ ଏବଂ ଏଥି ନିମନ୍ତେ ନିର୍ବାଚନ କମିଶନ (ଇସି) ଯାହାସବୁ କରୁଛନ୍ତି, ସେଥି ପ୍ରତି ସମସ୍ତଙ୍କର ସମର୍ଥନ ରହିବା ନିତାନ୍ତ ଆବଶ୍ୟକ ବୋଲି ମନେ ରଖିବା ବିଧେୟ। ସଙ୍ଗେ ସଙ୍ଗେ ଇସି ଏକଥା ମଧ୍ୟ ବୁଝିବା ଉଚିତ ଯେ ଏହି ତାଲିକାରୁ ଜଣେ ହେଲେ ବି ଯୋଗ୍ୟ ଭୋଟରଙ୍କ ନାମ ଯଦି ବାଦ୍ ପଡ଼େ, ତା'ହେଲେ ତାହା ହେବ ସବୁ ଉଦ୍ୟମ ପଣ୍ଡ ହେବାର ଏକ ଦୃଷ୍ଟାନ୍ତ, କାରଣ ଏହା ସମ୍ପୃକ୍ତ ନାଗରିକଙ୍କୁ ତାଙ୍କର ଗଣତାନ୍ତ୍ରିକ ଅଧିକାରକୁ କାମରେ ଲଗାଇବାକୁ ମନା କରିବାର କାର୍ଯ୍ୟ ସହିତ ସମାନ। ସମଗ୍ର ପ୍ରକ୍ରିୟାରେ ଭୋଟରମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିବା କ୍ଷେତ୍ରରେ ସବୁ ପ୍ରକାରର ସାହାଯ୍ୟ ଯୋଗାଇ ଦେଉଥିବା ସମ୍ପର୍କରେ ଇସି ବାରମ୍ବାର ଯାହା କହି ଆସୁଛନ୍ତି, ତାହା ସେତିକି ବେଳେ ପ୍ରଶଂସାର ପାତ୍ର ହେବ, ଯେତେବେଳେ ଏହା ଆହୁରି ଆଗକୁ ପାଦେ ଯାଇ ଶେଷତମ ଭୋଟରଙ୍କୁ ମଧ୍ୟ ସଂଶୋଧିତ ତାଲିକାରେ ସାମିଲ କରିବାରେ ସକ୍ଷମ ହୋଇ ପାରିବେ। ବିରୋଧୀମାନଙ୍କ କହିବା କଥା ହେଉଛି, ଏହି କାର୍ଯ୍ୟ ଯଦି ବିହାରରେ ସଫଳତାର ସହିତ ସମ୍ପାଦନ ହୋଇ ପାରିଲା, ତା'ହେଲେ ଏହା ପଶ୍ଚିମବଙ୍ଗ ଭଳି ଅନ୍ୟାନ୍ୟ ନିର୍ବାଚନ-ଅଭିମୁଖୀ ରାଜ୍ୟମାନଙ୍କରେ କାର୍ଯ୍ୟକାରୀ କରାଯିବ। ତେବେ ବିଜେପି କଥାରେ ପରିଚାଳିତ ହୋଇ ଇସି ଏହି କାର୍ଯ୍ୟ କରୁଥିବାର ଭାବନା ବିହାରରେ ବିରୋଧୀ ଦଳମାନଙ୍କୁ ଏକାଠି ମିଶି ଏହି କାର୍ଯ୍ୟର ପ୍ରତିବାଦ କରିବା ପାଇଁ ପ୍ରୋତ୍ସାହିତ କରିଛି। ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡି ଏବଂ କଂଗ୍ରେସ ତଥା ଇଣ୍ଡିଆ ମେଣ୍ଟର ଅନ୍ୟାନ୍ୟ ଅଂଶୀଦାରମାନେ ଏସ୍ଆଇଆର୍ ବିରୁଦ୍ଧରେ ପ୍ରତିବାଦ କରିବାକୁ ରାଜରାସ୍ତାକୁ ଓହ୍ଲାଇ ଥିଲେ। ମନେହୁଏ, ସତେ ଯେମିତି ଏସ୍ଆଇଆର୍ ବିହାରରେ ପରସ୍ପର ବିରୁଦ୍ଧରେ ବିଭିନ୍ନ ପ୍ରସଙ୍ଗରେ ଖୋଲାଖୋଲି ଲଢ଼େଇ କରୁଥିବା ବିରୋଧୀ ଦଳମାନଙ୍କୁ ଏକାଠି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଆଗକୁ ସେମାନଙ୍କର ଏହି ମେଣ୍ଟ ଅଭେଦ୍ୟ ଏନ୍‌ଡିଏ ଦୁର୍ଗର ପତନ ଘଟାଇବାରେ ସମର୍ଥ ହେଉଛି କି ନାହିଁ, ତାହା ଦେଖିବାକୁ ବାକି ରହିଛି। ତେବେ, ରାଜନୀତି ବାଦ୍ ସମସ୍ତ ହିତଧାରକ ଏହା ସୁନିଶ୍ଚିତ କରାଇବା ଉଚିତ ଯେ ମତଦାନ କରିବାଯୋଗ୍ୟ ସମସ୍ତ ମତଦାତାଙ୍କ ନାମ ଭୋଟର ତାଲିକାରେ ରହିଛି, ସେଥିପାଇଁ ଯାହାକିଛି ବା ଯେତେ କାମ ବି କରିବାକୁ ପଡୁ ନା କାହିଁକି।

# ଜୀବନ ଫୁଲ

ଫୁଲଟିଏ ରାତିରେ ଫୁଟେ। ସକାଳୁ ମହତ କାମ ପାଇଁ ସମର୍ପିତ ହୁଏ। ଗଛର ଆୟୁଷ ତୁଳନାରେ ଫୁଲର ଆୟୁଷକୁ ଦେଖିଲେ ଫୁଲର ଜୀବନ କ୍ଷଣିକ। କାରଣ ଗଛ ଯଦି କୋଡ଼ିଏ ବର୍ଷ ବଞ୍ଚେ, ଫୁଲଟିଏ ବାର ଘଣ୍ଟା ରୁହେ। ସେମିତି ସୃଷ୍ଟିର ଅତୀତ ଓ ଭବିଷ୍ୟତ ଭିତରେ ମଣିଷ ଜୀବନ ଗୋଟିଏ ମୁହୂର୍ତ୍ତ ଭଳି। ଏହି କ୍ଷଣିକ ସମୟ ଭିତରେ ନିଜର ମହକକୁ ବାଣ୍ଟିବା ଉଚିତ୍। ବେଳେ ବେଳେ ମଣିଷ କାହାକୁ କିଛି ସାହାଯ୍ୟ କରି ନିଜର ଡିଣ୍ଡିମ ପିଟେ। ନିଜର ପୁରୁଷାର୍ଥକୁ ସାବ୍ୟସ୍ତ କରେ। ବାସ୍ତବରେ ଆମର ପ୍ରତ୍ୟେକ କର୍ମକୁ ପରମାତ୍ମାଙ୍କ ପାଖରେ ସମର୍ପି ଦେଲେ ଜୀବନ ସୁଖମୟ ହୋଇ ଯାଆନ୍ତା। ଏ ନେଇ ଉଦାହରଣଟିଏ।

ମାଳି ସୁନ୍ଦର ଫୁଲ ବଗିଚାଟିଏ କରିଥିଲା। ଭଳିକି ଭଳି ଫୁଲରେ ବଗିଚା ହସୁଥିଲା। ସକାଳ ହେଲେ ଫୁଲମାନେ ସୂର୍ଯ୍ୟ କିରଣରେ ଝଲସୁ ଥିଲେ। ବଗିଚାର ଗୋଟିଏ କଣରେ ମନ୍ଦାର ଓ ଗେଣ୍ଡୁ ଗଛ ଦୁଇଟି ପାଖାପାଖି ଥିଲେ। ମନ୍ଦାରର ରଙ୍ଗ ସିନା ନାଲି, ହେଲେ ବାସ୍ନା ନଥିଲା। ଗେଣ୍ଡୁର ରଙ୍ଗ ସାଙ୍ଗରେ ବାସ୍ନା ବି ଭଲ ଥିଲା। ଦିନେ ଗେଣ୍ଡୁଫୁଲ ମନ୍ଦାରକୁ କହିଲା- 'ଭଉଣୀ ! ବଗିଚାରେ ଯେତେ ଫୁଲ ଅଛନ୍ତି। ଲୋକମାନେ ମୋତେ ସବୁଠାରୁ ବେଶୀ ଆଦର କରନ୍ତି। ମୋର ରଙ୍ଗ, ବାସ୍ନା ସମସ୍ତଙ୍କୁ ଟାଣିଆଣେ। ତେଣୁ ମୋ ପୂର୍ବରୁ ଆସିଥିବା ଅନେକ ଫୁଲ ତୋଳା ହୋଇ ଗଲେଣି। ନିକଟରେ ମୋ ପାଳି ବି ପଡ଼ିବ। ମୁଁ ସବୁ ଦେବତାଙ୍କ ପାଖରେ ଲାଗି ପାରିବି। କିନ୍ତୁ ତୋର ରଙ୍ଗ ନାଲି। ବାସ୍ନା ନାହିଁ। ତୁ କେବଳ ନିର୍ଦ୍ଦିଷ୍ଟ ବାରରେ ଆଉ ନିର୍ଦ୍ଦିଷ୍ଟ ଦେବତାଙ୍କ ସେବାରେ ଲାଗିବୁ।' ମନ୍ଦାର ହସି ହସି କହିଲା- 'ଭଉଣୀ ! ମୁଁ କାହା ସେବାରେ ଲାଗିବି କି ଏଇ ଗଛରେ ଝାଉଁଳି ଯିବି, ତାହା ଜାଣିନି। ମୋ ପୂର୍ବରୁ ମୋ ପରିବାରର କେତେ ଫୁଲ ବି ଏଇଠି ଝାଉଁଳି ଯାଇଛନ୍ତି। ମୁଁ ଭାବେ, ସେମାନେ ଝାଉଁଳି ପଡ଼ି ମାଟି, ସୂର୍ଯ୍ୟ, ପବନ, ପାଣି, ଆକାଶ ଆଦି ପ୍ରକୃତିଙ୍କୁ ବନ୍ଦନା କରିଛନ୍ତି। ମୋ ଦଶା ସେମିତି ହେବ କି ନାହିଁ, ମୁଁ କହି ପାରିବିନି। ମୁଁ ତ ରାତିକ ପାଇଁ ଫୁଟିଛି। ତୁ ମୋ ଅପେକ୍ଷା ଅଧିକ ସମୟ ରହିବୁ। ହେଲେ ସମୟ କହିବ, କିଏ କୋଉ ଦେବତାଙ୍କ ପାଖରେ ଲାଗିବ।' ଦୁଇଟି ଫୁଲ କାକରରେ ଭିଜି ପବନରେ ଝୁଲୁ ଥାଆନ୍ତି। ରାତି ପାହାନ୍ତା ହେଲା। ଜଣେ ଫୁଲ ତୋଳିବାକୁ ଆସି ଅନ୍ଧାରରେ ଗେଣ୍ଡୁ ଗଛ ଉପରେ ପାଦ ପକେଇ ଦେଲେ। ଗେଣ୍ଡୁ ଗଛର ମୂଳ ଭାଙ୍ଗିଗଲା। ପରଦିନ ମଧ୍ୟାହ୍ନ ବେଳକୁ ସେଇ ଗେଣ୍ଡୁ ଡାଳଟି ଝାଉଁଳି ଯାଇଥିଲା। ଡାଳ ଝାଉଁଳିଲେ ଫୁଲ କୋଉଠି ସତେଜ ରହିବ ? ମନ୍ଦାର ପଚାରିଲା- 'ଭଉଣୀ ! ମୋର ସମୟ ହେଲା, ମୁଁ ଝାଉଁଳି ଗଲିଣି। ଏବେ ତୁ ବି ଝାଉଁଳିବାକୁ ବସିଲୁଣି। କାଲିକୁ ବାସି ଫୁଲ କହି ତତେ କେହି ତୋଳିବେ କି ନାହିଁ ! ଭଉଣୀ ଏ ଜନ୍ମରେ ତ ଏତିକି ଦେଖା ହେଲେ। ଆଉ କେବେ ସାକ୍ଷାତ ହେବ କି ନାହିଁ, କିନ୍ତୁ ମନେ ରଖିବା ଡାଳ ପାଇଁ ଆମେ ଅଛେ। ସେ ଖାଦ୍ୟ ଗ୍ରହଣ କଲେ ଆମେ ସତେଜ ଥାଉ। ଡାଳକୁ ଛାଡ଼ି ଆମର କିଛି ବାହାଦୁରୀ ନାହିଁ।' ଠିକ୍ ସେମିତି, ପରମାତ୍ମା ଡାଳ ହେଲେ ମଣିଷ ଫୁଲଟିଏ। ମଣିଷ ଜୀବନ କ୍ଷଣିକ ପାଇଁ। ଏଇ ଅବଧି ଭିତରେ ପୁରୁଷାର୍ଥକୁ ନେଇ ଏତେ ବାହାଦୁରୀ କରିବାନି, ବରଂ ଜୀବନ ସାରା ତାଙ୍କୁ କୃତଜ୍ଞତା ଜଣାଇବା। ତାଙ୍କୁ କୃତଜ୍ଞତା ଜଣାଇଲେ ଜୀବନ ଫୁଲର ଶୋଭା ବଢ଼ିଯାଏ।

ଉଦ୍‌ଘୋଷିତ
**ପଦାରବିନ୍ଦ**

ନିତିଦିନ NITIDIN



# ସରକାରଙ୍କ ୧୭ ଜନବିରୋଧୀ ନୀତି ବିରୁଦ୍ଧରେ ଧର୍ମଘଟ



**ଜଗତ୍‌ସିଂହପୁର,୯।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ର ବିଜେପି ସରକାରଙ୍କ ୧୭ଗୋଟି ଜନବିରୋଧି ନୀତି ବିରୁଦ୍ଧରେ ବୁଧବାର ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଟିୟୁସିସି, ଏସ୍‌ଇଡବ୍ଲୁଏ, ଏଆଇସିସିଟିୟୁ, ଏଲ୍‌ପିଏଫ୍, ୟୁଟିୟୁସି ଏବଂ ଫେଡେରେସନ୍ ଓ ଆସୋସିଏସନ୍ ସମୂହ ଶ୍ରମିକ ସଂଗଠନଙ୍କ ମିଳିତ ଆହ୍ୱାନ କ୍ରମେ ଦେଶ ବ୍ୟାପି ଧର୍ମଘଟ ଡାକରା ଦେଇଥିଲେ। ଏହି ଧର୍ମଘଟ ଜଗତସିଂହପୁର ଜିଲ୍ଲାରେ ପୂର୍ବରୁ ଘରୋଇ ମଟୋର ଚାଳକ ସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଜାରୀ ରହିଥିବାରୁ ତାହା ଏକ ରକମ୍ ସଫଳ ହୋଇଥିବା ଦେଖାଯାଇଛି। ଯାତ୍ରୀବାହୀ ଓ ମାଲବାହୀ ପରିବହନ ବନ୍ଦ ରହିବା ସହିତ ବିଭିନ୍ନ କେନ୍ଦ୍ର ସରକାରାରୀ କାର୍ଯ୍ୟାଳୟ ତଥା ଜାତୀୟ କରଣ ବ୍ୟାଙ୍କ, ଡାକ ବିଭାଗ, ଏଲ.ଆଇ.ସି ଇତ୍ୟାଦିର କର୍ମଚାରୀ ମାନେ କାର୍ଯ୍ୟବନ୍ଦ କରିଥିବା ଦେଖାଯାଇଛି। ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ଏ.ଆଇ.ୟୁ.ଟି.ୟୁ.ସି ଓ ସି.ଆଇ.ଟି.ୟୁ କମ୍ୟୁନିଷ୍ଟର ନେତା ପ୍ରଦୀପ୍ତ ରାମ ଓ ଲୋଭାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ବହୁ ଆଶା କର୍ମୀ, ପାଚିକା ମାନେ ଏକ ବିକ୍ଷୋଭ ଶୋଭା ଯାତ୍ରାରେ ନଗର ପରିକ୍ରମା ପରି ଜଗତସିଂହପୁର ଜିଲ୍ଲାପାଳଙ୍କ ପଡିଆରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାରେ କମ୍ୟୁନିଷ୍ଟ ନେତାମାନେ କେନ୍ଦ୍ର ସରକାରଙ୍କ ୧୭ଟି ଜନ ବିରୋଧିନୀତି ବିରୋଦ୍ଧରେ ଭାଷଣ ପ୍ରଦାନ କରି ଘୋର ବିରୋଧ କରିଥିଲେ। ତେବେ ୧୭ଟି ଜନ ବିରୋଧି ନୀତି ମଧ୍ୟରେ ଶ୍ରକିମ ଓ କର୍ମଚାରୀ ବିରୋଧି ୪ଟି ଶ୍ରମକୋଡ ବାତିକ ଦାବି, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୨ ପ୍ରତ୍ୟାହାର ସହିତ ପ୍ରି-ପେଡ୍ ମିଟର ପ୍ରଚଳନ ବନ୍ଦ, ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩କୁ ବାତିକ କରି ଜଙ୍ଗଲ ଅଧିକାର ଆଇନ ୨୦୦୬କୁ କଡାକଡି ଭାବେ କାର୍ଯ୍ୟକାରୀ କରିବା, ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ସି୨+୫୦%) ଭିତିରେ ନିର୍ଦ୍ଧାରଣ ପାଇଁ ଆଇନ ଆଗତର ଗ୍ୟାରେଣ୍ଟି ପ୍ରଦାନ, ସାର, ବିହନ, ଔଷଧ, ବିଦ୍ୟୁତ୍ କ୍ଷେତ୍ରରେ ସବସିଡି ପ୍ରଦାନ, କୃଷି ଋଣ ଛାଡ, ଆଶା ଅଙ୍ଗନୱାଡୀ ପାଚିକା ସହାୟିକା ମାନଙ୍କୁ ସରକାରୀ ମାନ୍ୟତା, ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି ସହିତ ସମାନ ସୁବିଧା ଓ ସମାନ ମଜୁରୀ ପ୍ରଦାନ, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା, ଏନ୍.ପି.ଏସ, ୟୁ.ପି.ଏସ୍ ବାତିଲ କରି ପୁରୁଣା ପେନସନ୍ ସ୍କିମ୍ ପ୍ରଚଳନ କର, ବୋନସ୍ ପିଏଫ୍, ଇଏସ୍ଆଇସି ଓ ଗ୍ରାଚ୍ୟୁଟି କ୍ଷେତ୍ରରେ ସର୍ବୋଚ୍ଚ ମଜୁରୀ ସୀମା (ସିଲିଂ) ଉଚ୍ଛେଦ, ରାଷ୍ଟ୍ରାୟତ ଓ ସରକାରୀ ଉଦ୍ୟୋଗର ଘରୋଇ କରଣ ବନ୍ଦ କର, ନ୍ୟାସନାଲ ମନିଟାଇଜେସନ ପାଇପ ଲାଇନ ବନ୍ଦ କର, ଭାରତୀୟ ଶ୍ରମ ସମ୍ମିଳନୀ ଅନୁଷ୍ଠିତ କର, ପୁଞ୍ଜିପତି ଓ ଶିଳ୍ପପତିଙ୍କ ଉପରେ କର୍ପୋରେଟ୍ ଟିକସ ବୃଦ୍ଧିକର ଇତ୍ୟାଦି ଦାବି କରି ଆନ୍ଦୋଳନ କରିଥିଲେ।

# ତହସିଲ୍ କାର୍ଯ୍ୟାଳୟ ଆଗରେ ଆଶାକର୍ମୀଙ୍କ ପ୍ରତିବାଦ



**ରାଜନଗର,୯।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ନିଖିଳ ଓଡିଶା ଆଶାକର୍ମୀ ସଂଘ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବୀପତ୍ର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି।। ସଭାନେତ୍ରୀ କବିତା ରାଉତ, ସଂପାଦିକା ଦମୟନ୍ତୀ କୁଣ୍ଡଙ୍କ ନେତୃତ୍ୱରେ ଆଶାକର୍ମୀମାନେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାହାରି ନାରାବାଜି ତାରିଣୀ ମନ୍ଦିର ଛକ, ଷ୍ଟେଟବ୍ୟାଙ୍କ ଛକ, ଜଗନ୍ନାଥ ମନ୍ଦିର ଛକ ଦେଇ ରାଜନଗର ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଆଶାକର୍ମୀ ସଂଘର ରାଜ୍ୟ ଆବାହକ ରମଣୀରଂଜନ ରାଉତରାୟ, ଜିଲ୍ଲା ଉପସଭାପତି ଭଜହରି ପ୍ରଧାନ, ଜିଲ୍ଲା ସଂଯୋଜକ ଅକ୍ଷୟକୁମାର ମଳିକ ପ୍ରମୁଖ ଆଶାକର୍ମୀମାନଙ୍କର ମାସିକ ୨୬ହଜାର ଟଙ୍କା ବୃଦ୍ଧି, ଏଏନଏମ ଓ ଜିଏନଏମ ଭାବେ ପ୍ରମୋଶନ ଦେବା, କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କଲେ ସର୍ବନିମ୍ନ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ପରିବାରର ଜଣଙ୍କୁ ନିଯୁକ୍ତି ଦେବା, ଯେଉଁ ଆଶାକର୍ମୀମାନେ ଅବସର ନେଇଥିବା ଓ ଆଗକୁ ନେବାକୁ ଥିବା କର୍ମୀମାନଙ୍କୁ ମାସିକ ପେନ୍‌ସନ୍ ୧୦ହଜାର ଟଙ୍କା ପ୍ରଦାନ, ଆଶାକର୍ମୀଙ୍କୁ ସରକାରୀ ଚାକିରୀର ମାନ୍ୟତା ଦେବା, ୪ଟି ଶ୍ରମକୋର୍ଡକୁ ବାତିଲ କରି ପୂର୍ବପରି ଶ୍ରମ ଆଇନ ଲାଗୁ କରିବା ଦାବୀ ସଂପର୍କରେ ନେତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବୀପତ୍ର ଅତିରିକ୍ତ ତହସିଲଦାର ସନ୍ଦୀପ କୁମାର ଖାଡଙ୍ଗାଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିନତୀ ସାମଲ, ଶାନ୍ତିଲତା ସାହୁ, ରିନାରାଣୀ ନାୟକ, ଗାୟତ୍ରୀ ବାରିକ, ରଞ୍ଜୁଲତା ରାଉତ, ରଙ୍ଗଲତା ରାଉତ, ବିଜୟାଲକ୍ଷ୍ମୀ ନାଥ, ସୁଷମା ବେହେରା, ସୁକାନ୍ତୀ ମଳିକ ପ୍ରମୁଖ ଆଶାକର୍ମୀମାନେ ସାମିଲ ହୋଇଥିଲେ।

# ଅପହଞ୍ଚ ଇଲାକାରେ ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



**କାମାକ୍ଷାନଗର,୯।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକ୍‌ର ଅପହଞ୍ଚ ଇଲାକାରେ ଢେଙ୍କାନାଳ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଆଣ୍ଠୁଏ ପାଣିରେ ନାଳପାରି ହୋଇ ଚାଲିଚାଲି ଯାଇ ଲୋକଙ୍କ ସମସ୍ୟା ବୁଝିଛନ୍ତି। ସ୍ୱାସ୍ଥ୍ୟବିଭାଗର ଏକ ଟିମ ମଧ୍ୟ ଅପହଞ୍ଚ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ତେବେ କିଛିଦିନ ତଳେ ପିଛୁଳି ନାଳ ଉପରେ ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରର ମାଧ୍ୟମରେ ନାଳପାର କରାଇ ମେଡିକାଲରେ ଭର୍ତ୍ତି କରାଯିବା ଘଟଣା ସାମ୍ନାକୁ ଆସିଥିଲା। ଏହି ଘଟଣା ପରେ ଆଜି ଜିଲ୍ଲାପାଳ ସେହି ସ୍ଥାନକୁ ଯାଇ ସ୍ଥିତି ସମୀକ୍ଷା କରିବା ସହ ଲୋକଙ୍କ ଯିବାଆସିବା କିପରି ସୁଗମ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହ କଙ୍କଡାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀ ଅପହଞ୍ଚ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ଡାକରାରେ ଭାରତ ବନ୍ଦ ସଫଳ




**ଢେଙ୍କାନାଳ,୯।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ, ସଂଯୁକ୍ତ କୃଷକ ମୋର୍ଚ୍ଚାର ସମସ୍ତ ସଂଗଠନ, ପେନ୍‌ସନର୍ସମାନଙ୍କର ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଆଜି ସକାଳ ୯ଟା ୨୦ମିନିଟ୍‌ରେ ସହରର ବାଜିରାଉତ ଛକ ଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ଦେଇ ଯିବା ବାଟରେ ପ୍ରଥମେ ସେଣ୍ଟ୍ରାଲ୍ ବ୍ୟାଙ୍କ, ଆଇଡିବିଆ, ଆଇସିଆଇସିଆଇ, କାନାଡା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଦେଇ ଦକ୍ଷିଣକାଳୀ ରାସ୍ତାରେ ବିଏସ୍‌ଏନ୍‌ଏଲ୍ ଅଫିସ୍, ଏଲ୍‌ଆଇସି, ଇଣ୍ଡିଆନ୍ ବ୍ୟାଙ୍କ୍‌ଗୁଡିକୁ ବନ୍ଦ କରିବା ପରେ ଗଣେଶ ବଜାର ଛକ ଦେଇ ମୁଖ୍ୟ ଡାକଘର, ବନଖଣ୍ଡ କାର୍ଯ୍ୟାଳୟ ବନ୍ଦ କରି ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଙ୍ଗ୍ କରାଯାଇଥିଲା । ଉକ୍ତ ଧର୍ମଘଟରେ ଆଇଏନ୍‌ଟିୟୁସି ତରଫରୁ ବରିଷ୍ଠ କଂଗ୍ରେସ୍ ନେତା ବିନୟ କୁମାର ସାହୁ, ବିକେଏମ୍‌ୟୁ ତରଫରୁ ପ୍ରଫୁଲ୍ଲ ନାୟକ, ଏଆଇଟିୟୁସି ତରଫରୁ ରବି ରଥ, ସିଆଇଟିୟୁ ତରଫରୁ ସର୍ବଜ୍ଞ ସାହୁ, ଏଲ୍‌ପିଏଫ୍ ତରଫରୁ ସ୍ୱରୂପାନନ୍ଦ ଦାସ ଏବଂ ଓଡିଶା କୃଷକ ସଭା ତରଫରୁ ସରୋଜ ଶତପଥୀ ଆଦି ଆବକ୍ତବ୍ୟ ରଖି ସମ୍ବିଧାନର ଧର୍ମ ନିରପେକ୍ଷ, ସମାଜବାଦ ଶବ୍ଦକୁ ବାଦ୍ ଦେବା ପାଇଁ ଆର୍‌ଏସ୍‌ଏସ୍‌ର ପ୍ରସ୍ତାବ ଦେଶକୁ ମଧ୍ୟଯୁଗୀୟ ବର୍ବରତା ଭିତରକୁ ଠେଲିଦେବ ଏବଂ ଦେଶର ଶ୍ରମିକ ଓ କର୍ମଚାରୀମାନଙ୍କ ଅଧିକାର କ୍ଷୁର୍ଣ୍ଣ ହେବ ବୋଲି ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡିଶା କୃଷକ ସଭା ଢେଙ୍କାନାଳ ଜିଲ୍ଲା ସଦସ୍ୟ ସରୋଜ କୁମାର ଶତପଥୀ ସଂଚାଳନ କରିଥିଲେ। ଏଆଇଟିୟୁସି ତରଫରୁ ହରପ୍ରିୟ ସ୍ୱାଇଁ, ସୁଜାତା ନାୟକ, ନାରାୟଣ ନାୟକ ଏବଂ ରିଲିୟାନ୍ସ ଇଣ୍ଡଷ୍ଟ୍ରୀ ରେ ଛଟେଇ ହୋଇଥିବା ଶ୍ରମିକ ନେତା ଶ୍ରୀଧର ମଲ୍ଲିକ, ରୋହିତ ବାରିକ, ନନ୍ଦ କିଶୋର ବରାଳ, ନଳିନୀ ସ୍ୱାଇଁ, ସୁଜାତା ତ୍ରିପାଠୀ ଏବଂ ଏଆଇସିସିଟିୟୁ ତରଫରୁ ଚନ୍ଦ୍ରମଣି ନାଥ, ହୃଷିକେଶ ମଲ୍ଲିକ, ସୁକାନ୍ତି ଖୁଂଟିଆଙ୍କ ସମେତ ପ୍ରାୟ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

# ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ ମାମଲା, ଅଭିଯୁକ୍ତକୁ ୧୦ବର୍ଷ ଜେଲ୍

**କେନ୍ଦ୍ରାପଡ଼ା,୯।୭/ଏନ୍‌ଏନ୍‌ଏସ୍:** ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅପରାଧରେ କେନ୍ଦ୍ରାପଡା ଫାଷ୍ଟ୍‌ଟ୍ରାକ୍ ଆଡହକ କୋର୍ଟର ଜଜ ତ୍ରୀବିକ୍ରମ କେଶରୀ ଚିନ୍ନାରା ଦୋଷୀକୁ ୧୦ବର୍ଷ ଜେଲଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମନା ଅନାଦେୟ ଅଧିକ ଏକମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ପ୍ରକାଶ, କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ସଦର ଥାନା ଅଞ୍ଚଳର ଏକ ଗ୍ରାମରେ ଜନୈକ ଗରିବ ଲୋକଙ୍କ ଘରେ କେହି ନଥିବାର ସୁଯୋଗ ନେଇ ସେହି ଗ୍ରାମର ମାନସ କୁମାର ସାମଲ ଓରଫ କାହ୍ନା ଘରେ ପଶି ତାଙ୍କ ମାନସିକ ଭିନ୍ନକ୍ଷମ ଝିଅକୁ ଦୁଷ୍କର୍ମ କରିଥିଲା। ଏକଥା କାହା ଆଗରେ କହିଲେ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ପିଡିତାର ବାପା ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଯାଇଥିଲେ। ସେ ସେଠାରୁ ଘରକୁ ଫେରିବା ପରେ ଝିଅର ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ କରିଥିଲେ। ଏହାପରେ ଝିଅକୁ ଡାକ୍ତରୀ ପରୀକ୍ଷା କରିବା ପରେ ଝିଅ ୫ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏସମ୍ପର୍କରେ ବ୍ୟକ୍ତି ଜଣଙ୍କ ଝିଅକୁ ପଚାରିବାରେ ସେ କହିଥିଲା ଯେ ସେହି ଗ୍ରାମର ମାନସ କୁମାର ସାମଲ ଓରଫ କାହ୍ନା ତା ସହିତ ଦୁଷ୍କର୍ମ କରିବା ସହ ତାକୁ ଧମକ ଦେଇଥିବା କଥା ପ୍ରକାଶ କରିଥିଲା। ଏସମ୍ପର୍କରେ କେନ୍ଦ୍ରାପଡା ସଦର ଥାନାରେ ପିଡିତାଙ୍କ ଏତଲା ପରେ ପୋଲିସ ଥାନା କେଶ ନମ୍ବର ୭୧୧/୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ଜିଆର.କେଶ ନମ୍ବର -୨୬୦୨/୨୦୨୩ରେ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। କେନ୍ଦ୍ରାପଡ଼ା ଫାଷ୍ଟ୍‌ଟ୍ରାକ୍ ଆଡହକ ଅଦାଲତ ଏସଟି ନମ୍ବର- ୨୪୬/୨୦୨୩ରେ ମାମଲାର ବିଚାର କରି ଦୋଷୀ ମାନସ କୁମାର ସାମଲ ଓରଫ କାହ୍ନାକୁ ୧୦ବର୍ଷ କାରାଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ମାମଲା କରିଚାଳନା କରୁଥିଲେ।

# ଶିକ୍ଷକ ବୈକୁଣ୍ଠ ବିହାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁଆଖିଆ,୯।୭/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନର୍ଗତ ବଡକଇଁଚି ପଞ୍ଚାୟତ ମଧୁବନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବୈକୁଣ୍ଠ ବିହାରୀ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁବାସି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଏବିଇଓ ଅରୁଣ କୁମାର ସେଠୀ ମୁଖ୍ୟ ବକ୍ତା ଭାବେ ଆଲୋଷ୍ଟା ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ଯୋଗଦେଇ ବୈକୁଣ୍ଠ ସାରଙ୍କ କାର୍ଯ୍ୟଦକ୍ଷତା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଆଲୋଷ୍ଟ ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ ସିଆର୍‌ସି ରମେଶ ସ୍ୱାଇଁ ପ୍ରାଥମିକ ସଂଘ ସଭାପତି ଚିତ୍ତ ରଞ୍ଜନ ରଥ ,ସମ୍ପାଦକ ମହେନ୍ଦ୍ର ମଲ୍ଲିକ, ମହେଶ୍ୱର ପଣ୍ଡା ରବୀନ୍ଦ୍ର ମିଶ୍ର, ବନ୍ଦନା ତ୍ରିପାଠୀ ଯୋଗଦେଇ ଅବସର ନେଇଥିବା ବୈକୁଣ୍ଠ ବାବୁଙ୍କ ସେବା ସଂସ୍କାର ଛାତ୍ରବତ୍ସଳତା ଉପରେ କହିଥିଲେ। ହିଙ୍ଗୁଳା ଉପ୍ରା ସ୍କୁଲର ପ୍ରଧାନଶିକ୍ଷକ ଗୋବିନ୍ଦ ଦ୍ୱିବେଦୀ ଅତିଥି ପରିଚୟ ଓ ମାନପତ୍ର ପାଠ କରିଥିଲେ। ଶିକ୍ଷକ ପ୍ରଭାତ କୁମାର ଚନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୩ ସ୍କୁଲର ସମସ୍ତ ଶିକ୍ଷକ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସ୍କୁଲ କମିଟି ସଭାପତି ଅନିଲ ଦ୍ୱିବେଦୀ, ଜ୍ୟୋତ୍ସ୍ନା ରାଣୀ ତରାଇ, ସୁଶାନ୍ତ ତରାଇ ପରିଚାଳନାରେ ସହାୟତା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲରୁ ତାଙ୍କ ଗ୍ରାମ ମିର୍ଜାପୁର ପର୍ଯ୍ୟନ୍ତ ବୈକୁଣ୍ଠ ବିହାରୀଙ୍କୁ ଏକ ପଟୁଆରରେ ନେଇଯାଇଥିଲେ।

# ଲୁଟେରା ଗ୍ୟାଙ୍ଗ୍ ଖେଳାଇଲେ ଆତଙ୍କରାଜ୍

**ତାଳଚେର,୯।୭/ଏନ୍‌ଏନ୍‌ଏସ୍:** ତାଳଚେର ଟାଉନ ଥାନା ଠାରୁ ମାତ୍ର ଅଧାକି.ମି ଦୂରରେ ସହରରେ ସିରିଜ ଲୁଟ୍। ବିଳମ୍ବିତ ରାତ୍ରୀରେ ଲୁଟେରା ଗ୍ୟାଙ୍ଗ ଖେଳାଇଲେ ଆତଙ୍କ ରାଜ ବାଘୁଆବୋଲ ରେଳଫାଟକ ନିକଟରେ ଫାଙ୍କା ଗୁଳିଚାଳନା ସହ ମାରଣାସ୍ତ୍ର ଦେଖାଇ ପୃଥକ ପୃଥକ ଲୋକଙ୍କ ଠାରୁ ଲୁଟିନେଲେ, ମୋବାଇଲ, କାର, ସୁନାଚେନ ଓ ଲକ୍ଷାଧିକ ଟଙ୍କା ଇତ୍ୟାଦି। ଏହାକୁ ନେଇ ସମଗ୍ର ତାଳଚେର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ, ଗତକାଲି ବିଳମ୍ବିତ ରାତ୍ରୀରେ ଲୁଟେରାମାନେ ବାଘୁଆବୋଲ ରେଳଫାଟକ ପୂର୍ବରୁ ଭିନ୍ନଭିନ୍ନ ଉପାୟରେ ଭିନ୍ନଭିନ୍ନ ଲୋକଙ୍କ ଠାରୁ ଭୁଜାଲି, ପିସ୍ତଲ ଓ ମାରଣାସ୍ତ୍ରମାନ ଦେଖାଇ ୬ରୁ ୭ ଲୁଟେରା ତାଳଚେର ଟାଉନର ସିଂହସାହିରୁ ଦୁଇଭାଇ ସମ୍ବଲପୁରରୁ ତାଳଚେରକୁ ଆସୁଥିବା ବେଳେ ଉକ୍ତ ଲାଇନ୍ ନିକଟରେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେମାନେ ନରହିବାରୁ ତାଙ୍କୁ ଫାଙ୍କା ଗୁଳିଚାଳନା କରିବା ସହ ଟେକାପଥର ମାଡ଼ କରିବାରୁ ତାଙ୍କ ଗାଡ଼ିର କାଚ ଭାଙ୍ଗି ଯାଇଥିବା ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୁନଶ୍ଚ ସେହି ଫାଟକ ନିକଟରେ ଝାଡ଼ଖଣ୍ଡ ବିହାର ଅଂଚଳରରୁ ଅତୁଲ ପ୍ରସାଦ ନାମକ ଯୁବକ ଏକ ଆଇଟେନ୍ କାରରେ ଆସୁଥିବା ବେଳେ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇଥିଲେ ଓ ସେମାନେ ଭୟଭିତ ହୋଇ ଗାଡ଼ି ଛାଡ଼ି ଦୌଡ଼ି ପଳାଯାଇଥିଲେ। କାର ଭିତରେ ଥିବା ଗୋଟିଏ ଲାପଟପ୍, ୨ଲକ୍ଷ ଟଙ୍କା, ସୁନାଚେନ, ବ୍ରେସଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ସେଠାରୁ ଫେରାର୍ ହୋଇ ଯାଇଥିଲେ। ସେହିଭଳି ରାଉରକେଲାରୁ ତାଳଚେର ଆସୁଥିବା ସର୍ଫରାଜ୍ ନାମକ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କୁ ଭୟଭିତ କରାଇବା ସହିତ ତାଙ୍କ ଠାରୁ ମୋବାଇଲ୍ ପ୍ରାୟ ୭ଶହଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ବେଳେ ସେହିଭଳି ସେବକ ମିଶ୍ରା ନାମକ ବ୍ୟକ୍ତିଙ୍କୁ କଟୁରୀରେ ତାଙ୍କ ହାତକୁ ହାଣି ତାଙ୍କ ନିକଟରୁ ଟଙ୍କାପଇସା ସହ ଅନ୍ୟ ଜିନିଷ ନେଇ ଯାଇଥିବା ଏ ସମସ୍ତ ଘଟଣା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ତାଳଚେର ଟାଉନଥାନା ପୋଲିସ୍‌ର ପାରିବାପଣିଆ ପ୍ରତି ସ୍ୱଷ୍ଟବାରି ହୋଇପଡୁଛି। ତେବେ ତାଳଚେର ଟାଉନ ପୋଲିସ୍ କେଳବ ରାସ୍ତାଘାଟରେ ଦୁଇଚକିଆ ଓ ଚାରିଚକିଆ ଗାଡ଼ିର ଚାଲାଣ କାଟିବାରେ ବ୍ୟସ୍ତ ରହି କେସ୍ ଉପରେ କେସ୍ ବଢ଼ାଇ ବେଶ ମୋଟାଅଙ୍କର ହାତଗୁଞ୍ଜା ନେଇ ମାଲାମାଲ ହେଉଥିବା ବେଳେ ପ୍ରକୃତ ଦୁର୍ବୃତମାନଙ୍କୁ ଧରିବାରେ କାହିଁକି ଦୁର୍ବଳତା ପ୍ରକାଶ କରୁଛି ତାକୁ ନେଇ ଏବେ ତାଳଚେରର ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ନୂତନ ଶ୍ରମ ଆଇନ୍ ଉଚ୍ଛେଦ କରିବାକୁ ଦାବି



**ପାରାଦ୍ୱୀପ,୯।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ଡ୍ରାଇଭର ମହାସଂଘର ୭ ଦଫା ଦାବି ନେଇ ଷ୍ଟିଅରିଂ ଛାଡ କରୁଥିବା ବେଳେ, ବୁଧବାର ସକାଳୁ ଶ୍ରମିକ ଟ୍ରେଡ ୟୁନିୟନ ପକ୍ଷରୁ ଅଲ୍ ଇଣ୍ଡିଆ ବନ୍ଦ ଡାକରା ଦିଆଯାଇଛି। ଯାହାର ସିଧାସଳଖ ପ୍ରଭାବ ବନ୍ଦର ନଗରୀ ପାରାଦ୍ୱୀପରେ ପଡ଼ିଛି। କେବଳ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ବନ୍ଦରରେ ପଣ୍ୟ ପରିବହନ ସ୍ୱାଭାବିକ ରହିଥିବା ବେଳେ ଅନ୍ୟ କାରଖାନା ଓ ତୈଳ ଟର୍ମିନାଲରେ ତେଲ ଓ ପଣ୍ୟ ପରିବହନ ଏକପ୍ରକାର ବନ୍ଦ୍ ହୋଇଯାଇଛି। ସକାଳୁ ବିଭିନ୍ନ ଶ୍ରମିକ ଟ୍ରେଡ୍ ୟୁନିୟନ ପକ୍ଷରୁ କମ୍ପାନୀଗୁଡ଼ିକ ସମ୍ମୁଖରେ ପିକେଟିଂ କରାଯାଉଛି। ଫଳରେ କୌଣସି କମ୍ପାନୀ ଭିତରକୁ ଶ୍ରମିକ କିମ୍ବା କର୍ମଚାରୀ ଯିବା ଆସିବା କରିପାରୁ ନାହାଁନ୍ତି। ୧୩ ଟି ଟ୍ରେଡ୍ ୟୁନିୟନ ଓ ସ୍ୱାଧିନ ଫେଡେରେସନ ପକ୍ଷରୁ ୧୭ ଦଫା ଦାବିକୁ ନେଇ ବନ୍ଦ ଡାକରାକୁ ଓହ୍ଲାଇଛନ୍ତି। କେନ୍ଦ୍ର ସରକାର ପୁରୁଣା ଶ୍ରମ ଆଇନକୁ ଉଚ୍ଛେଦ କରି କମ୍ପାନୀଗୁଡ଼ିକୁ ସୁହାଇବା ଭଳି ନୂତନ ଆଇନ ପ୍ରଣୟନ କରୁଥିବା ଟ୍ରେଡ୍ ୟୁନିୟନ୍‌ଗୁଡିକ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ନୂତନ ଶ୍ରମ ଆଇନ୍‌କୁ ଉଚ୍ଛେଦ କରିବା ପାଇଁ ଶ୍ରମିକ ୟୁନିଅନ ପକ୍ଷରୁ ଦାବି କରାଯାଇଛି।

# ତିନି ଟ୍ରକ୍ ମଧ୍ୟରେ ସିରିଜ୍ ଦୁର୍ଘଟଣା

**ପରଜଙ୍ଗ,୯।୭/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ପିଟିରି ଛକ ନିକଟରେ ଆଜି ତିନୋଟି ଟ୍ରକ୍ ସିରିଜ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଏକାଧିକ ଗର୍ତ୍ତ ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ପ୍ରଥମ ଟ୍ରକ୍ (ଓଆର୍ ୦୪ ଏନ୍ ୪୨୭୫) ଟି ପ୍ରଥମେ ଏହି ଗର୍ତ୍ତରେ ପଡ଼ି ସାମ୍ନା ଦୁଇଟି ଚକା ବାହାରି ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ପଛରୁ ଆସୁଥିବା ଆଉ ଏକ ଟ୍ରକ୍( ଓଡି ୦୯ ୟୁ ୦୭୫୦) ସନ୍ତୁଳନ ହରାଇ ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଆଉ ଏକ ଟ୍ରକ୍ ମଧ୍ୟ ଏହି ଖାଲରେ ପଡ଼ି ସନ୍ତୁଳନ ହରାଇବା ସହ ରାସ୍ତା କଡ଼ରେ ଥିବା ବିଲକୁ ଓଲଟି ପଡ଼ିଥିଲା। ଦୈନନ୍ଦିନ ଏହି ଖାଲ ଯୋଗୁଁ ଏହି ଅଞ୍ଚଳରେ ଅନେକ ଦୁର୍ଘଟଣାରେ ଜୀବନ ହାନି ହେଉଛି। କିନ୍ତୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି। ହୋଇ ଆସୁଅଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ବିକ୍ଷୋଭ




**ଜଗତ୍‌ସିଂହପୁର,୯।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ଓ ରାଜ୍ୟରୁ ଚୋରା ମଦ ଓ ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ବ୍ୟବସାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ମଙ୍ଗଳବାର ଜଗତସିଂହପୁର ଜିଲ୍ଲା ରାଢଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବୀ ପ୍ରସାଦ ମହାରଣ, ଆଡଭୋକେଟ୍ ବାସୁଦେବ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମୀ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତର ଶତାଧିକ ମଦ ବିରୋଧି ମହିଳାମାନେ ସ୍ଥାନୀୟ ଚର୍ଚ୍ଚିକା ବଜାରରୁ ଏକ ବିକ୍ଷୋଭ ଶୋଭା ଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ମଦ ବିରୋଧି ବିକ୍ଷୋଭ ସଭା କରିଥିଲେ। ବିକ୍ଷୋଭ ସଭାରେ ମଦ ଏକ ଘୃଣ୍ୟ ପ୍ରସଙ୍ଗ। କିନ୍ତୁ ବଡ ଆଶ୍ଚର୍ଯ୍ୟର

**ମଦକୁ ସମ୍ପୂର୍ଣ୍ଣ ବନ୍ଦ ଦାବି**

କଥା ଭାରତ ଭଳି ଏକ ଜନ ମଙ୍ଗଳକାରୀ ସମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ସଭ୍ୟ, ଶିକ୍ଷିତ, ସଚେତନ ପ୍ରଶାସନିକଙ୍କ ଉପସ୍ଥିତି ଏବଂ ଗୋଚରରେ ଜନ ଅମଙ୍ଗଳକାରୀ ମଦ ବିକ୍ରି ହେବା ସହିତ ଚୋରାମଦ ବିକ୍ରି ବୃଦ୍ଧି ଅତ୍ୟନ୍ତ ଅମାନବୀୟ କାର୍ଯ୍ୟ ବୋଲି ନେତୃମଣ୍ଡଳୀ କହି ବିକ୍ଷୋଭ କରିଥିଲେ। ନିକଟ ଅତିତରେ ରାଢଙ୍ଗ ପଞ୍ଚାୟତରେ ଚୋରା ମଦ ବିକ୍ରୟ ଓ ମଦ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ଥିବାରୁ ରାଜ୍ୟ ସରକାର ତୁରନ୍ତ ଏହି ଜନ ସାଧାରଣଙ୍କ ପାଇଁ ବିଷାକ୍ତ ସେବା ବନ୍ଦ କରିବା ପାଇଁ ଦାବି କରିଥିଲେ। ପରେ ଏ ସମ୍ପର୍କରେ ଏକ ଦାବି ପତ୍ରକୁ ରାଜ୍ୟ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଏଥି ସହିତ ଏହି ଦାବି ପତ୍ର ପ୍ରଦାନର ଏକ ମାସ ମଧ୍ୟରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ, ପରବର୍ତ୍ତି ସମୟରେ ସରକାରଙ୍କ ଅର୍ଥନୈତିକକୁ ପ୍ରଭାବଶୀଳ କରିବା ଭଳି ଆନ୍ଦୋଳନକାରୀ ମାନେ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ମହାରଣା ସରକାରଙ୍କୁ ଚେତାବନୀ ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନ ଅର୍ଥାତ୍ ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଶାରଦା ପ୍ରସାଦ ଜେନା, ସୁଜାତା ବେହେରା, ଶୋଭାରାଣୀ ରାଉତ, ସୁମିତ୍ରା ରାଉତ୍, ପୁଷ୍ପଲତା ଜେନା, କାନ୍ତିବାଳା ପାଳ, ସୁଜାତା ଦାସ, ସାଗରିକା ଜେନା, ସ୍ମୃତି ରେଖା ନାୟକ, ବିନୋଦିନୀ ମହାନ୍ତି, ରୋଜାଲିନ ମହାରଣା, ବନ୍ଦିତା ଜେନା, ବୀଣାପାଣୀ ରାଉତ ପ୍ରମୁଖ ଶତାଧିକ ମଦ ବିରୋଧି ମହିଳା ଯୋଗ ଦେଇଥିଲେ।

# ସମ୍ଭାବ୍ୟ ବନ୍ୟାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା




**ଯାଜପୁର,୯।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାରେ ବନ୍ୟାଜଳ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଓସ୍ୱାନ ଭି ସି କକ୍ଷ ଠାରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ପରିସ୍ଥିତିରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ । ଦକ୍ଷତା ସମ୍ପନ୍ନ ଅଗ୍ନିଶମ,ଇଲେକ୍ଟ୍ରିସିଟି, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଙ୍କ ଫୋନ ନମ୍ବର ନିୟନ୍ତ୍ରଣ କକ୍ଷରେ ରହିବ। ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ଆବଶ୍ୟକୀୟ ସାମଗ୍ରୀ ପ୍ରସ୍ତୁତ ରହିବ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ବନ୍ୟା ସମୟରେ ଜଳ ପ୍ରବାହ ସ୍ଥିତି ସମ୍ପର୍କରେ ସମସ୍ତ ତଥ୍ୟର ସୂଚନା ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ବନ୍ୟା ସମୟରେ ଜିଲ୍ଲାରେ କେହି ମାଛ ଧରିବାକୁ ନଦୀକୁ ଯାଇପାରିବେ ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବନ୍ୟା ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତସ୍ତରରେ ରିଲିଫ ଅଧିକାରୀ ବିଡିଓମାନେ ନିୟୋଜିତ କରିବେ। ବନ୍ୟା ପୂର୍ବରୁ ଆବଶ୍ୟକୀୟ ସାମଗ୍ରୀ ଏବଂ ଶୁଖିଲା ଖାଦ୍ୟ ଆଗରୁ ମହଜୁଦ ରଖିବାକୁ ଜିଲ୍ଲାପାଳ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟୀମାନଙ୍କ ରହିବା ନିମନ୍ତେ ସ୍କୁଲରେ ଅସ୍ଥାୟୀ ଆଶ୍ରୟସ୍ଥଳ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଏକ ନୋଡାଲ ଅଧିକାରୀ ରହିବେ ଏବଂ ସେମାନେ ପରିସ୍ଥିତିକୁ ଅନୁଧ୍ୟାନ କରି ସ୍କୁଲ ଗୁଡ଼ିକୁ ଖୋଲିବା ସହିତ ଆବଶ୍ୟକ ବ୍ୟବସ୍ଥା କରିବେ। ବ୍ଲକ ସ୍ତରରେ ବିଡ଼ିଓ ମାନେ ବୈଠକ ଅନୁଷ୍ଠିତ କରିବା ସହିତ ପଂଚାୟତ ପ୍ରତିନିଧି ମାନଙ୍କୁ ଅନ୍ତର୍ଭୁକ୍ତ କରିବେ। ଆବଶ୍ୟକ ସ୍ଥଳେ ରାଜ୍ୟ ସରକାର ଙ୍କ ରିଲିଫ କୋଡ ଅନୁଯାୟୀ ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟ ଯୋଗାଇଦିଆଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଏସ.ଇ ଜଳସେଚନ ବିଭାଗ, ଆର.ଡବ୍ଲ୍ୟୁ.ଏସ.ଏସ, ଆର.ଡି, ଜରୁରୀକାଳିନ ଅଧିକାରୀ ଅଶୋକ କୁମାର ବେହେରା ସମସ୍ତ କ୍ଷେତ୍ରୀୟ ଅଧିକାରୀ, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର ମାନେ ଉପସ୍ଥିତ ରହି ବନ୍ୟା ସମ୍ପର୍କିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ

**ଓଡ଼ଗାଁ,୯/୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଜଗୁ ନାରାୟଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଧବାର ୭୬ ତମ ବନମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଗଣେଶ୍ୱର ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ବୃକ୍ଷରୋପଣ କରିବାଦ୍ୱାରା ମଣିଷ ସମାଜର ଉପକାରିତା ସମ୍ପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ । ପରିବେଶ ସୁରକ୍ଷା, ଗଛର ଗୁରୁତ୍ୱ ବିଷୟରେ



ଜଣସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା, ଗଛପ୍ରତି ଆଗ୍ରହ ଓ ପୃଥିବୀ ପ୍ରତି ଆମର ଦାୟିତ୍ୱ ରହିଛିବୋଲି ପ୍ରଧାନଶିକ୍ଷକ କହିଥିଲେ । ପରେ ବିଦ୍ୟାଳୟରେ ଖାଲିଥିବା ସ୍ଥାନମାନଙ୍କରେ ଆମ୍ବ, ଲିମ୍ବ, ଅଁଳା, ଗଙ୍ଗଶିଉଳି, କରଞ୍ଜ, ବଉଳକୋଳି, ବେଲ, ଡାଳିମ୍ବ, ଆଦି ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ଦୁର୍ଗାମାଧବ ଦାସ, ରାଜକିଶୋର ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ସବିତା ସୁତାର ପ୍ରମୁଖ ସହଯୋଗ କରିଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଆଗ୍ରହର ସହିତ ବୃକ୍ଷରୋପଣ କରିଥିଲେ ।

**AFFIDAVIT**

By virtue of an Affidavit sworn before Executive Magistrate Khordha dated 20.06.2025, I Ananta Charana Dash, At-Khanati,Po-Kadab,Ps-Begunia, Dist-Khordha, Pin. 752062, declare that I have changed the name of my daughter from Adyash Dash to Adyasha Dash. Henceforth, she shall be known as **Adyasha Dash** for all purpose.

**Ananta Charan Dash**

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 08.07.2025 I, Rohita Kumar Behera, S/o-Bansidhar Behera, resident At.-Tarasahi, VTC-Machhagaon, P.O-Machhagaon, PS-Balikuda, Dist-Jagatsinghapur, PIN-754119, Odisha have changed my name from Pinaki Behera to **Rohita Kumar Behera**. Henceforth I shall be known as **Rohita Kumar Behera** for all purpose.

**(Rohita Kumar Behera)**

**AFFIDAVIT**

By virtue of an affidavit sworn before the Executive Magistrate, Jagatsinghpur, dated 09.07.2025 affidavit no. 4011, I Shaikh Soleman Ali, S/o- Shaikh Maquebul Ali, At/Po- Bishanpur, Ps- Krushnanandapur, Dist-Jagatsinghpur-754135, Odisha declare that I have change my son's name from SK Saif Ali to Shaikh Saif Ali. Henceforth, he shall be known as Shaikh Saif Ali for all purposes.

**Shaikh Soleman Ali**

# ୨ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

**ଖଣ୍ଡପଡ଼ା,୯/୭/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଗ୍ରାମରୁ ବାହାଡା ଛକ ଦେଇ ଜଗନ୍ନାଥପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସମେତ ବୋଦସା ଗ୍ରାମରୁ ନିକଟସ୍ଥ ମର୍ଦ୍ଦରାଜପୁର ଛକକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ନିମନ୍ତେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ୨ଟି ସ୍ଥାନରେ ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ବନମାଳୀପୁରରୁ ଜଗନ୍ନାଥପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ନିମନ୍ତେ ୫ କୋଟି ୫୧ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର ହୋଇଥିବା ବେଳେ ବୋଦସା-ମର୍ଦ୍ଦରାଜପୁର ଗ୍ରାମ୍ୟ ରାସ୍ତା ଉନ୍ନତିକରଣ ନିମନ୍ତେ ୨କୋଟି ୯୭ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି । ଶିଳାନ୍ୟାସ ଉତ୍ସବରେ ନୟାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଖଣ୍ଡପଡ଼ା ସେକ୍ସନର ବରିଷ୍ଠ ଯନ୍ତ୍ରୀ ରାଜକିଶୋର ନାୟକଙ୍କ ସମେତ ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ପଣ୍ଡିତ ମନୋଜ ଦାଶଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଆସନ୍ତା ୬ମାସ ମଧ୍ୟରେ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ ହେବ ବୋଲି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

**AFFIDAVIT**

By virtue of an Affidavit in the Court of Executive Magistrate, Banki in Affidavit No. 46 ,dt 06. 01.2025 , I, Premalata Jena , aged about 63 years, W/o- Late Dhaneshwar Jena of Village/P.O- Naraganga, P. S - Banki, Dist - Cuttack, do hereby declare that, my name is wrongly mentioned in my Adhar Card vide No 5701 9910 0091 as Pramila Jena in stead of Premalata Jena, That I am known as both **Premalata Jena** and **Pramila Jena** is one & same person for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 08.07.2025 I, Surendra Dehury, S/o-Late Ratnakar Dehury, resident VTC-Sibulapasi, P.O-Sibulapasi, PS- Kamakhyanagar, Dist- Dhenkanal, PIN-759018, Odisha have changed my name from Surya Dehury to **Surendra Dehury**. Henceforth I shall be known as **Surendra Dehury** for all purpose.

**(Surendra Dehury)**

**AFFIDAVIT**

By virtue of an affidavit sworn before the Executive Magistrate, Jatani, I Saudamini Puhan, W/o-Prashant Kumar Puhan, At-Mahimadeipur, Po-Rahama, Ps-Erasama, Dist -Jagatsinghpur, Odisha, Pin -754140, do here by declare that I have changed my name from **Saudamini Prashant Puhan** to **Saudamini Puhan**. Henceforth, I shall be known as **Saudamini Puhan** for all purpose.

**AFFIDAVIT**

**I, Chinmayee Mohanty, aged about 36 years, W/o Nachiketa Swain, resident of Pathara, Kabisurya nagar, Ganjam, 761104, Odisha by this Affidavit No.- 21970 , Dtd.-07.07.2025 declare that henceforth, I shall be known as CHINMAYEE MAHANTY for all future purposes .**

# ଅଧାରହିଗଲା ଜଗା ଦର୍ଶନ: ଦୁର୍ଘଟଣାରେ ଚାଲିଗଲା ପୂଜାଶ୍ରୀଙ୍କ ଜୀବନ

**ସାଲେପୁର,୯/୭/ଏନ୍ଏନ୍ଏସ୍:** ଜଗା ଦର୍ଶନ ରହିଲା ଅଧା ରହିଗଲା । ନିଳାଦ୍ରୀ ବିଜେ ଦେଖିବା ପାଇଁ କଟକ ଜିଲ୍ଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ତରିତୋ ଗ୍ରାମର ପୂଜାଶ୍ରୀ ମଲ୍ଲିକ ଭାଇଙ୍କ ସହ ବାଇକ୍‌ରେ ଯାଉଥିଲାବେଳେ ପୁରୀ ଚନ୍ଦନପୁର ନିକଟରେ ସଡ଼କ ଦୁର୍ଘଟଣାରେ ଭାଇଭଉଣୀ ଉଭୟ ଗୁରୁତର ହୋଇପଡ଼ିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସରେ ଉଦ୍ଧାର କରାଯାଇ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଉଭୟଙ୍କୁ ଭୁବନେଶ୍ୱର



ସ୍ଥିତ କ୍ୟାପିଟାଲ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଗୁରୁତର ଅବସ୍ଥାରେ ଆପୋଲୋ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପୂଜାଶ୍ରୀଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଭାଇ ଅନ୍ୟ ଏକ ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି । ପୂଜାଶ୍ରୀ ସାଲେପୁର ବଜାରରେ ଥିବା ଇଲୋକ୍ଟ୍ରୋ ବଜାରରେ କମ୍ପ୍ୟୁଟର କାର୍ଯ୍ୟ କରିଥାନ୍ତି । ପୂଜାଶ୍ରୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ, ଯୁବକ ଗୁରୁତର

**ଡେଲାଙ୍ଗ,୯/୭/ଏନ୍ଏନ୍ଏସ୍:** ଜମିବାଡି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା ଥିବା ବେଳେ ଏହି ଶତ୍ରୁତା ଆଜି ଉଗ୍ରରୂପ ନେଇ ୨ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହିତ କଟୁରୀ ଚୋଟରେ ଜଣେ ଗୁରୁତର ହୋଇଥିବା ଜଣାପଡିଛି । ଏନେଇ ଥାନାରେ ଅଭିଯୋଗ ହେବା ପରେ ଡେଲାଙ୍ଗ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ଘଟଣା ଅନୁଯାୟୀ ଡେଲାଙ୍ଗ ଥାନା ଅଧୀନ ଜେନାପୁର ପଞ୍ଚାୟତର ସାଦପଡା ଗ୍ରାମର ସୁମନ୍ତ ପ୍ରଧାନ(୨୬) ଓ ମାନସ ପ୍ରଧାନ(୨୮)ଙ୍କ ପରିବାର ମଧ୍ୟରେ ଅନେକ ଦିନ ହେଲା ଜମିବାଡି ବିବାଦ ଲାଗିରହିଥିଲା । ଜମିବାଡିକୁ ନେଇ ବୁଧବାର ମାନସ ଓ ତାଙ୍କ ସହଯୋଗୀ କଟୁରୀରେ ପୁଅକୁ ଆକ୍ରମଣ କରିଥିବା ନେଇ ସୁମନ୍ତଙ୍କ ମା ଥାନାରେ ଅଭିଯୋଗ କରିଛନ୍ତି । କଟୁରୀ ଚୋଟରେ ସୁମନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ହେତୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଡେଲାଙ୍ଗ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପୁରୀ ମୁଖ୍ୟଚିକିତ୍ସାଳୟ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

ODISHA POWER TRANSMISSION CORPORATION LIMITED (A Government of Odisha Undertaking)

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

CAD-1065

**TENDER ALERT**

**1)Tender Call Notice No. 03/KHU/2025-26:** Erection of Isolator, LA & HG Fuse unit with structure,LTDB, Laying of control & power cable with termination and construction of cable trench alongwith slab for station transformer no. 2 at Grid S/S Khurda under EHT (O&M) Division, Khurda.

**2)Tender Call Notice No. 07/BBS/2025-26:** Supply of LED based lights for proper illumination of different Grid S/S under EHT (O&M) Division, Khurda under EHT (O&M) Circle, Bhubaneswar.

**3)Tender Call Notice No. 08/BBS/2025-26:** Hiring of diesel run commercial registered 7/9 Seater AC Bolero on monthly hire basis for use at EHT (O&M) Division, Khurda under EHT (O&M) Circle, Bhubaneswar.

**4)Tender Call Notice No. 09/BBS/2025-26:** Hiring of diesel run commercial registered 7/9 Seater Non AC Bolero on monthly hire basis for use at EHT (O&M) Sub-Division, Nayagarh under EHT (O&M) Circle, Bhubaneswar.

**5)Tender Call Notice No. 01/2025-26:** Sweeping, Cleaning & Sanitation work at telecom Division, Bhubaneswar & Telecom Circle, Bhubaneswar under Telecom Division, Bhubaneswar.

**6)Tender Call Notice No. 05/2025-26:** Supply of TPI,CCU,Transducer etc for RTCC Panels & Main ACDB required for Grid S/S, Bidanasi under EHT (O&M) Division, Cuttack.

**7)E-Tender Call Notice No. G.M.[S&S]-01/2025-26:** Extension of 33kV power supply from the 132/33kV Grid S/S, Mancheswar to the multistoried SLDC office complex at Mancheswar, Bhubaneswar, through installation of 2x1 MVA, 33/0.4kV transformers and associated LT cableing along with Main LT Panel under Stores & Services Circle, Bhubaneswar.

**8)Tender Call Notice No. 04/2025-26:** Engagement of Private hired vehicle of diesel version(Non AC Bolero/Camper/Non AC Pick up Van-05 seated/ equivalent vehicle) on monthly basis for use of T/L & S/S S/D, Patnagarh under EHT (O&M) Division, Bolangir.

**9)Tender Call Notice No. EHTC/CLE/SBP/OT/02/25-26:** Hiring of commercial diesel run vehicle 7 seated Bolero(AC) or equivalent on monthly basis under General Manager(EL) EHT (Con) Division, Jharsuguda under EHT (Con) Circle, Sambalpur.

**10)Tender Call Notice No. 03/2025-26:** Supply of Insulating Rubber Mat for Laying inside CRP Room, ACDC & DG Room of GSS under EHT (O&M) Division, Dhenkanal.

**11)Tender Call Notice No. 04/2025-26:** Replacement of existing damaged 290 nos. of different types of cable trench slabs and 300 nos. earth pit covers with new one at 220/132/33kV Grid S/S Goda under EHT (O&M) Division, Dhenkanal.

For more details please visit OPTCL's website: **www.optcl.co.in.** OIPR-04011/11/0189/2526 **FIPR-24/2025-26**

/optcl.odisha /optcl_odisha

C-631

**OFFICE OF THE NOTIFIED AREA COUNCIL, REMUNA, BALASORE**

**e-mail : remuna-nac@gov.in, Tel.No. 06782-291978**

Letter No. 1065 Date : 07.07.2025

**Expression of interest for Supplying of 08 nos. of Door to Door waste collection compartmentalized LCV Vehicles including Drivers & loaders on hiring basis for Remuna NAC**

Details of bid documents can be downloaded from the website www.remunanac.in on or before 19.07.2025 up to 5.00 PM

The completed application as per instructions in the EOI documents should reach the following address by Registered post / Speed post on or before 5.00 PM on date 19.07.2025.

Remuna NAC reserves the sole right to accept or reject the proposal without assigning any reason thereof.

**Sd/- Executive Officer Remuna NAC**

OIPR-13204/11/0015/2526

i-199

**GOVERNMENT OF ODISHA**
**OFFICE OF THE PANCHAYAT SAMITI BARCHANA, JAJPUR**

**'E' PROCUREMENT NOTICE No. Tender Online 03 BAD/2025-26**

| | | |
|---|---|---|
| 1. Name of work | : | Building Works |
| 2. Total No. of work | : | 10 nos. of Work |
| 3. Estimated Cost (Approx.) | : | Rs.11,45,868/- to Rs.13,80,753/- |
| 4. Period of Completion | : | 180 days |
| 5. Class of contractors | : | C & D |
| Other details are as follows | : | |
| a) Procurement Officer | : | Block Development Officer, Barchana, Jajpur |
| b) Availability of tender online & submission of bid | : | 16.07.2025 at 11.00 AM to 30.07.2025 up to 5.00 PM |
| c) Last date & time of seeking of tender clarification | : | 29.07.2025 up to 5.00 PM |
| d) Opening of tender | : | 31.07.2025 at 11.30 AM |

Further details can be seen on the Govt. website www.tendersodisha.gov.in

**Sd/- Block Development Officer Barchana, Jajpur**

OIPR-19360/11/0004/2526

## ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ପରିଦର୍ଶନ

# ରାସ୍ତା ଫାଟ, ପଥର ପ୍ୟାଚିଙ୍ଗ୍, ବୋଲବମ୍ ଦୋକାନ ତନଖି

**କଣ୍ଟିଲୋ,୯/୭/ଏନ୍ଏନ୍ଏସ୍:** ସମ୍ପ୍ରତି ନୀଳମାଧବ ଜିଉଙ୍କ ପୀଠର ଉନ୍ନତି ତଥା ବିକାଶ ପାଇଁ ବିକାଶ ପ୍ରକଳ୍ପ ମାଧ୍ୟମରେ ଦୀର୍ଘ ୪୦ ମାସ ହେଲା ଚାଲିଥିବା କାର୍ଯ୍ୟ ମଧ୍ୟରୁ ଅଧିକାଂଶ କାର୍ଯ୍ୟ ମାର୍ଚ୍ଚ ୨୪ ରେ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତର ଦିନେ ଦୁଇଦିନ ପୂର୍ବରୁ ଯୁଦ୍ଧ କାଳୀନ ଭିତିରେ ଚବିଶ ଘଣ୍ଟା ଦିନ ରାତି ଲାଗି ପଡ଼ି ପ୍ରତ୍ୟେକ ବିଭାଗର ସର୍ବୋଚ୍ଚ ଅଧିକାରୀ ମାନଙ୍କ ଠାରୁ ଆରମ୍ଭ କରି ତଳ ସ୍ତରର କର୍ମଚାରୀ ମାନେ ମହାମହିମ ରାଷ୍ଟ୍ରପତି,ରାଜ୍ୟପାଳ, ମୁଖ୍ୟ ମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ଓ ବିଧାୟକମାନଙ୍କୁ ଖୁସି କରିବା ଲକ୍ଷ୍ୟ ରଖି ତରବର ଭାବେ ନିମ୍ନମାନର କାର୍ଯ୍ୟ କରିଥିଲେ । ଏହା ମଧ୍ୟ ସ୍ୱାଭାବିକ । କିନ୍ତୁ ଦୁଃଖର ବିଷୟ ପଶ୍ଚିମଦ୍ୱାର ଠାରୁ ମାଛବଜାର ମାଳବନ୍ଧ ରାସ୍ତାରେ ଫାଟ ସୃଷ୍ଟି ହେବା, ପମ୍ପ ହାଉସ୍ ପାଖରେ ନଦୀ କୂଳେ ହୋଇଥିବା ପଥର ପ୍ୟାଚିଙ୍ଗ ଦବିବା, ପାଦଚଲା ରାସ୍ତାରୁ ଟାହିଲ ପ୍ଲେଟ ବାହାରି ପଡୁଥିବା, ପାଦଚଲା ରାସ୍ତାରେ ଲାଗିଥିବା ଗ୍ରିଲ ମାତ୍ର ଗୋଟିଏ ଇଞ୍ଚ ପୋତା ହୋଇଥିବାରୁ ଦୋହଲୁ ଥିବା, ପାଦଚଲା ରାସ୍ତାରେ ଏବଂ ଗ୍ରିଲ୍‌ର ନଦୀ ପର୍ଶ୍ୱକୁ ପଥର ପ୍ୟାଚିଂକୁ ଖୋଳି ଜୋର୍ ଜବରଦସ୍ତ ଦୋକାନ ଗୃହ ନିର୍ମାଣ ହେଉଥିବା ଇତ୍ୟାଦିକୁ ଗତକାଲି ମଙ୍ଗଳବାର ଜଳସମ୍ପଦ ବିଭାଗ ନୟାଗଡ଼ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳେଇ, ନିଜେ ବିଭାଗୀୟ ଏସଡିଓ ଶିବଶଙ୍କର ବେହେରା ଓ ସହକାରୀ ଯନ୍ତ୍ରୀ ରାମମୋହନ ବେହେରାଙ୍କ ସହିତ ଘଟଣାସ୍ଥଳ ତଦନ୍ତକରି ତରବରିଆ ଭାବେ ନିର୍ମାଣ ହୋଇଥିବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି



ବୋଲି ସ୍ୱୀକାର କରିବା ସହିତ ଯଥାଶୀଘ୍ର ଆବଶ୍ୟକ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ଠିକ୍ ଭାବେ ନିର୍ମାଣ ହେବ ବୋଲି ଉପସ୍ଥିତ ବ୍ୟକ୍ତିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଦ୍ୱିତୀୟତଃ ପାଦଚଲା ରାସ୍ତା ଓ ନଦୀ ଭିତର ପଥର ଉପରେ ଯେଉଁମାନେ ଦୋକାନ ଗୃହ ନିର୍ମାଣ କରୁଛନ୍ତି, ଯଥାଶୀଘ୍ର ଉକ୍ତ ସ୍ଥାନ ଖାଲି କରିବା ପାଇଁ ସେମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଅମାନିଆ ବ୍ୟକ୍ତିଙ୍କ ଉପରେ ଆଇନ ଅନୁଯାୟୀ ବିହୀତ ପଦକ୍ଷେପ ନେବାକୁ ସ୍ଥାନୀୟ ସହକାରୀ ଯନ୍ତ୍ରୀ ଶ୍ରୀ ବେହେରାଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀଜିଉଙ୍କ ପଶ୍ଚିମଦ୍ୱାର ରାସ୍ତା ଠାରୁ ଚଉରା ସିଂହ ପର୍ଯ୍ୟନ୍ତ ପାଦଚଲା ରାସ୍ତା ଉପରେ ପର୍ଯ୍ୟଟକ ତଥା ସାଧାରଣ ଜନତା ବସିବା ପାଇଁ ୨୦ଟି ତିନି ଜଣିଆ ଲମ୍ବା ବେଞ୍ଚ ସିମେଣ୍ଟ କଂକ୍ରିଟରେ ନିର୍ମାଣ କରିବା ଓ ଗ୍ରିଲ୍‌କୁ ଲାଗି ନଦୀ ପାଖକୁ ପଡ଼ିଥିବା ପଥରରେ ବିଭିନ୍ନ ପ୍ରକାର ଫୁଲ କୁଣ୍ଡ ରଖିବା ପାଇଁ ଦୁଇ ତିନିଦିନ ମଧ୍ୟରେ ଏଷ୍ଟିମେଟ୍ କରି ଶୀଘ୍ର ଜଣାଇବା ପାଇଁ କଣ୍ଟିଲୋ ଜଳସମ୍ପଦ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଖବର ହସ୍ତଗତ ହୋଇଛି ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୭୩୧/ଭୁ.ଉ.କ.,ଭୁବନେଶ୍ୱର ତା.୦୫.୦୭.୨୦୨୫ରିଖ
KVL-17/96

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ବିହାର ହାଉସିଂ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ଗୃହ ନଂ- K-4-889 କୁ ରବି ନାରାୟଣ ମହାନ୍ତି, ପିତା-ସ୍ୱର୍ଗତ ଉପେନ୍ଦ୍ର ମହାନ୍ତି, ଗ୍ରାମ-ବେଲାର ଦୁଆର୍ଗାଁ, ପୋଷ୍ଟ-ତେରଗାଁ, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା, ରାଜ୍ୟ-ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ରବି ନାରାୟଣ ମହାନ୍ତି ଗତ ତା.୧୧.୦୧.୨୦୧୮ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Issue No. 25231 dated 05.09.18. Legal heir Certificate Misc.Case No. E-LHC/088 of 2018 dated 23.10.2018 ଅନୁଯାୟୀ ରବି ନାରାୟଣ ମହାନ୍ତିଙ୍କର ଉତ୍ତରାଧିକାରୀ ଅରବିନ୍ଦ ମହାନ୍ତି (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ତାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ଅରବିନ୍ଦ ମହାନ୍ତିଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0324/2526 CAD-1052

# ସୂଚନା କେନ୍ଦ୍ର ଅସ୍ଥାୟୀ ଘୋଷକଙ୍କୁ ସମ୍ବର୍ଦ୍ଧନା

**ପୁରୀ,୯/୭/ଏନ୍ଏନ୍ଏସ୍:** ପବିତ୍ର ରଥଯାତ୍ରା ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପୁରୀର ବିଭିନ୍ନ ସ୍ଥାନରେ ୧୨ଗୋଟି ଅସ୍ଥାୟୀ ସୂଚନାକେନ୍ଦ୍ର ଖୋଲାଯାଇଥିଲା । ମାଳତୀ ପାଟପୁର, ଶ୍ରୀମାର୍ଗ, ସିଂହଦ୍ୱାର, ଜଗନ୍ନାଥ ବଲ୍ଲଭ, ବଳଗଣ୍ଡି, ବଡଶଙ୍ଖ, ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚ, ସୁବାଷ ବୋଷ ଛକ, ରେଲଓ୍ୱେ ଷ୍ଟେସନ, ଦିଗ ବାରେଣୀ ପାନ୍ଥଭବନ ଓ ତାଳବଣିଆ ରେ ଏହି ସୂଚନା କେନ୍ଦ୍ର କରାଯାଇଥିଲା । ଏହି କେନ୍ଦ୍ର ମାନଙ୍କରେ ମହାପ୍ରଭୁଙ୍କର ନୀତିକାନ୍ତି ସମ୍ପର୍କରେ ବିଭିନ୍ନ ଅତ୍ୟାବଶ୍ୟକୀୟ ସୂଚନା ପ୍ରଦାନ ସହ ହଜିବା ଖୋଜିବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ, ଭଜନ ଜଣାଣ ବିକ୍ରି ଓ ସୂଚନା ପୁସ୍ତିକା ବିନା ମୂଲ୍ୟ ରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା । ଚଳିତ ବର୍ଷ ମଧ ବିଗତ ବର୍ଷ ମାନଙ୍କ ତୁଳନାରେ ସର୍ବାଧିକ ପୁସ୍ତକର ବିକ୍ରି କରାଯାଇଛି ବୋଲି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି । ଏହି ସୂଚନା କେନ୍ଦ୍ର ରେ ସହଯୋଗ କରିଥିବା ଘୋଷକ ବ୍ରହ୍ମାନନ୍ଦ ରାଉତ, ଶୁଭେନ୍ଦୁ କୁମାର ଦାଶ, ସର୍ବେଶ୍ୱର ନାୟକ, ପ୍ରଶାନ୍ତ ପଣ୍ଡା, ସୁଭ୍ରଜିତ ନାୟକ, ଦେବସ୍ମିତ ସୁବୁଦ୍ଧି, ତନ୍ମୟ ମହାନ୍ତି, ଅମୂଲ୍ୟ ପରିଡା, ସୂରଜ ମହାରଣା, ଚନ୍ଦନ କୁମାର ପତ୍ରି, ସସ୍ମିତା ଶତପଥୀ, କ୍ରିଷ୍ଣା ମିଶ୍ର, ଦୀପକ କୁମାର ଘଡେଇ, ଦୀପକ କୁମାର ସାଥୁଆ, ସୁକାନ୍ତ କୁମାର ରାଉତ, କିଷନ କୁମାର ମହାରଣା, କୃଷ୍ଣ ଚନ୍ଦ୍ର ସୁବୁଦ୍ଧି, ଟିକିନା ପ୍ରଧାନ, ଆଶିଷ କୁମାର ଦାଶ, ରଶ୍ମି ରଞ୍ଜନ ଦାଶ, ବିଶ୍ୱରଞ୍ଜନ ଦାଶ, ସିଦ୍ଧାର୍ଥ ସାହୁ, ବିନୟ ଭୂଷଣ ରଥ, ଜ୍ୟୋତିସ୍ମିତା ଜୟସିଂ, ନରେନ କୁମାର ମହାନ୍ତି, ଶିବ ପ୍ରସାଦ ମହାରଣା, ସୁବାଶିଷ ବେହୁରା ପ୍ରମୁଖ ଏହି ସୂଚନା କେନ୍ଦ୍ର ପରିଚାଳନା କରିଥିଲେ । ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ବିବେକ ଭୂଷଣ ଦାସ, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର,ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସ୍ୱାଇଁ, ନିକ୍ଷେପକ ପ୍ରସନ୍ନ ସାହୁ, ଗ୍ରନ୍ଥାଗାରିକ ମିନତୀ ଦାସ କର୍ମଚାରୀ ପ୍ରତିମା ମହାନ୍ତି, ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ ସାହୁ, ତ୍ରିନାଥ ପାତ୍ର, ଲକ୍ଷ୍ମୀଧର ନାୟକ ଓ ପ୍ରଦୀପ କୁମାର ଲେଙ୍କା ପ୍ରମୁଖ ସୂଚନା କେନ୍ଦ୍ର ପରିଚାଳନାରେ ସହଯୋଗ କରିଥିଲେ ।

# ଲଡୁବାବଙ୍କ ପୀଠରେ 'ଦାରୁକ୍ଷେତ୍ରର ଦାରୁଦେବତା' ଉନ୍ମୋଚିତ



**ଓଡ଼ଗାଁ,୯/୭/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥଙ୍କ କଳା ସଂସ୍କୃତି ଓ ପରମ୍ପରାକୁ ଲୋକାଭିମୁଖି କରିବା ନିମନ୍ତେ ପବିତ୍ର ଦାରୁପ୍ରାପ୍ତି ସ୍ଥାନ ଖୋର୍ଦ୍ଧା ଜିଲ୍ଲା ଦଧିମାଛ ଗାଡ଼ିଆରେ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ପ୍ରକାଶ ପାଇଥିବା ଦାରୁକ୍ଷେତ୍ରର ଦାରୁଦେବତା ଶୁଭ ଉନ୍ମୋଚନ ଉତ୍ସବ ରାଜ୍ୟର ପ୍ରସିଦ୍ଧ ଶୈବପୀଠ ନୟାଗଡ଼ ଜିଲ୍ଲାର ଶରଣକୁଳ ବିଜେ ଶ୍ରୀଶ୍ରୀ ଲଡୁବାବାଙ୍କ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦାରୁଦେବତାର ସମ୍ପାଦକ ତଥା 'ଆଶ୍ରୟ'ର ପ୍ରତିଷ୍ଠାତା ଲୋକନାଥ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ଏହି ଦାରୁଦେବତାର ଉନ୍ମୋଚନ ଉତ୍ସବରେ ଶିକ୍ଷାବିତ୍ ତଥା କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କର, କବି ପାଣ୍ଡବ ନାୟକ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ପରିଡା, ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ, ସମାଜସେବୀ ଅନିଲ କୁମାର ପ୍ରଧାନ, କବି ଶ୍ୟାମସୁନ୍ଦର ଜେନା, କଣ୍ଠଶିଳ୍ପୀ ଶିବରାମ ଗାଆଁଣି, ବାଦ୍ୟକାର ବଂଶୀଧର ମହାରଣା, ସଂଗଠକ ଭିକାରୀ ଚରଣ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିବାବେଳେ ବିଶିଷ୍ଟକବି ରାମକୃଷ୍ଣ ମହାରଣା ଓ ଦାସକାଠିଆ ଗାୟକ ପ୍ରଫୁଲ୍ଲ ନାୟକ କାର୍ଯ୍ୟ ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଭାଗିରଥି ସାହୁ, କୈଳାଶ ସେଠୀ, ନିରଞ୍ଜନ ଜେନା, ହରିହର ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

CAD-1058

**Office of District Manager**
**Odisha State Civil Supplies Corporation Ltd. (OSCSC)**
**MALKANGIRI DISTRICT**
**Phone: 9438200051 / 9437201582**
**District Web site : www.malkangiri.odisha.gov.in**

**Tender No. 1602, 1603, 1604, 1605, 1606, 1607, 1608 & 1609** **Dt. 07.07.2025**

District Manager, Odisha State Civil Supplies Corporation Ltd., Malkangiri invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (Tender No. 1609 Dt- 07.07.2025) (ii) **Level-II** Transport Contractor for transportation of foodgrains from RRCs to Retail Centers (FPS) Tender No. 1602 to 1608 dated 07.07.2025 in the district of the State of Odisha |
| 2 | Availability of bid document in the portal | From 08.07.2025 |
| 3 | Last Date / Time for receipt of bids in the portal | i. on 23.07.2025 at 02.00 P.M for Level-I<br>ii. on 23.07.2025 at 03.00 P.M for Level-II Transport Contactor. |
| 4 | Date/Time of Opening of Technical Bid pertaining to Level-I & Level-II Transport Contractors | i. on 23.07.2025 at 03.00 P.M for Level-I<br>ii. on 23.07.2025 at 03.30 P.M for Level-II Transport Contactor. |
| 5 | Name and address of Officer Inviting Tender | **District Manager, OSCSC Ltd., Malkangiri** |

**Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.**

**Sd/- District Manager, OSCSC Ltd., Malkangiri**

OIPR-07035/11/0004/2526

# ବିଭିନ୍ନ ସମସ୍ୟା ନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ଗୋପ,୯।୭/ଏନ୍ଏନ୍ଏସ୍:** ଗୋପ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବିଶେଷ ଜରୁରୀ ବୈଠକ ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଂଶୀଧର ସାହୁ ସଭାପତିତ୍ୱ କରିଥିଲେ। ବର୍ତ୍ତମାନ କେନ୍ଦ୍ର ସରକାର ପେନସନ ଭୋଗୀମାନଙ୍କ ଲାଗି ପୂର୍ବ ପ୍ରଚଳିତ ନିତି ନିୟମରେ ପରିବର୍ତ୍ତନ ଆଣି ସେମାନେ ଉପଭୋଗ କରି ଆସୁଥିବା ଆର୍ଥିକ ଅସୁବିଧା ସୁଯୋଗକୁ ସଂକୁଚିତ କରିବା ଲକ୍ଷ୍ୟରେ ପାର୍ଲିଆମେଟରେ ଏକ ଭାଲିଡ଼େସନ ପାରିତ କରିଛନ୍ତି। ଏହା ଗୃହୀତ ହେଲେ ପେନସନର ଭୋଗୀମାନେ ପେନସନ ପାଇ ଆସୁଥିବା ସ୍ୱତନ୍ତ୍ର ଭାବରେ ସରକାରଙ୍କର ନିୟନ୍ତ୍ରଣାଧୀ ହୋଇଯିବା ଫଳରେ ପେନସନ ଭୋଗୀମାନେ ଆର୍ଥିକ କ୍ଷତି ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେବା ସହିତ ସାମ୍ବିଧାନିକ ମୌଳିକ ଅଧିକାରରୁ ବଞ୍ଚିତ ହେବେ। ଏହାର ପୁନଃବିଚାର କରି ପେନସନ ଭୋଗୀମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସମଗ୍ର ଭାରତ ସବୁ ଷ୍ଟେଟମାନଙ୍କରୁ ଆବେଦନ ପତ୍ର ଦିଆଯାଇଛି। ଏହି ବୈଠକରେ ପ୍ରାୟ ୨୦୦ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ କୈଳାସ ଚନ୍ଦ୍ର ପଣ୍ଡା ଲିଙ୍ଗରାଜ ହୋତା, ରବୀନ୍ଦ୍ର ନାଥ ସିଂହ, ଲକ୍ଷ୍ମୀଧର ସେନାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଟାଧାରୀ ବେହେରା, ସୁକାନ୍ତ କୁମାର ଶତ୍ରୁଶଲ୍ୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଅସ୍ତରଙ୍ଗ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ

**ଅସ୍ତରଙ୍ଗ,୯।୭/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ଶ୍ରମିକ ସଂଗଠନ, ମିଳିତ ମଞ୍ଚ, ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ ମାନଙ୍କର ମିଳିତ ଆହ୍ୱାନ କ୍ରମେ କାକଟପୁର ମେଡିକାଲ ଛକଠାରୁ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବଜାର ପରୀକର୍ମା କରି ବିଭିନ୍ନ ନାରା ଦେଇ ବ୍ଲକ ଅଫିସ ଆଗରେ ଧର୍ମଘଟ କରିଥିଲେ। ସ୍ୱାଧୀନ ଫେଡେରେସନର ସଂଯୋଜକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଗାଲେଖ ଚନ୍ଦ୍ର ନାୟକ, ପ୍ରକାଶ ବେହେରା, ବିପିନ ରାଉତ, ପ୍ରଣତିପ୍ରଭା ରାଉତ, ପ୍ରିୟମ୍ବଦା ମିଶ୍ର, ଲଳିତା କୁମାରୀ ଦେଇ ପ୍ରମୁଖ ବିଭିନ୍ନ ସଂଗଠନ ର ଶତାଧିକ କର୍ମୀ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

# ଭୁଶୁଡ଼ିଲା ପୋଲ..

ନିର୍ଦ୍ଦେଶ ଦେଇଛି ଏବଂ ପ୍ରାଥମିକତା ଭିତ୍ତିରେ ପୁନଃ ନିର୍ମାଣ ପାଇଁ ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଉଛି। ପ୍ରଶାସନ ଏବଂ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବଡ଼ୋଦରା ଏସ୍ପି ରୋହନ୍ ଆନନ୍ଦ କହିଛନ୍ତି, ପୋଲର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିବା ପରେ ଦୁଇଟି ଟ୍ରକ୍, ଗୋଟିଏ ଇକୋ ଭ୍ୟାନ୍, ଗୋଟିଏ ପିକ୍ଅପ୍ ଭ୍ୟାନ୍ ଏବଂ ଗୋଟିଏ ଅଟୋ-ରିକ୍ସା ନଦୀରେ ଖସିପଡ଼ିଛି। ଏ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ(ଏନ୍ଡିଆର୍ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସ୍ଡିଆର୍ଏଫ୍) କର୍ମଚାରୀମାନେ ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ମୃତାହତଙ୍କୁ ନଦୀ ଗର୍ଭରୁ ଉଦ୍ଧାର କରାଯାଇଥିଲା। ତେବେ ଦୁର୍ଘଟଣାଜନିତ ମୃତ୍ୟୁ ନେଇ ଏକ ମାମଲା ରୁଜୁ କରାଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଶେଷ ପରେ ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଜିଲ୍ଲାପାଳଙ୍କ ଠାରୁ ମଧ୍ୟ ଏକ ତଦନ୍ତ ରିପୋର୍ଟ ମଗାଯିବ। ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ୍ ପାଇଁ ପାଦରା ରେଫରାଲ୍ ହସ୍ପିଟାଲ୍କୁ ନିଆଯାଇଛି। ଅଧିକାରୀଙ୍କ ଅନୁଯାୟୀ, ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଦରିଆପୁରା ଗ୍ରାମର ରମେଶ ପଢ଼ିୟାର, ବେଦିକା ପଢ଼ିୟାର୍ ଏବଂ ନୈତିକ୍ ପଢ଼ିୟାର, ମାଜତାନର ହସମୁଖ ପରମାର, ଏବଂ କାହ୍ନାୱା ଗ୍ରାମର ଭଖତସିଂହ ଯାଦବ ଏବଂ ଉଣ୍ଡେଲ ଗ୍ରାମର ପ୍ରବୀଣ ଯାଦବ ପ୍ରମୁଖ ଥିଲେ। ତେବେ ଏହି ଘଟଣା ପରେ ଗାଡ଼ି ଚଳାଚଳକୁ ଅନ୍ୟ ରୁଟ୍ରେ ଡାଇଭର୍ଟ କରାଯାଉଛି। ବ୍ରିଜ୍ର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ିଗୁଡ଼ିକ ଫସି ରହିଛନ୍ତି।

# ୨୦୨୬ ମେ’ ସୁଦ୍ଧା ...

ବିଭିନ୍ନ ଯୋଜନାର କନ୍ଭର୍ଜେନ୍ସ ମାଧ୍ୟମରେ ଏହା ହାସଲ କରାଯାଇପାରିବ। ଏଥିପାଇଁ ଓଏମ୍ସି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ।

ଓଏମ୍ସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଭାରତ ସରକାରଙ୍କର ମେକନ୍ ନାମକ ଏକ ସଂସ୍ଥାକୁ ଟେକ୍ନୋ ଇକୋନୋମିକ୍ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପେଲେଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ୨୦୨୬ ମେ’ ମାସ ସୁଦ୍ଧା ପେଲେଟ୍ ପ୍ରକଳ୍ପ ଆରମ୍ଭ ହେବ। ବୈଠକରେ ମୁଖ୍ୟମନ୍ତ୍ରୀ ଓଏମ୍ସିର ପରିଚାଳନା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡ଼ିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୀଳାଚଳ ଅବଢ଼ା...

ବେଳକୁ ଅପରାହ୍ଣ ୪. ୨୫ମିନିଟ୍ ହୋଇଯାଇଥିଲା। ସେପଟେ ଦୀର୍ଘ ୧୧ଦିନ ପରେ ନୀଳାଚଳ ଅବଢ଼ା ପାଇ ଭକ୍ତମାନେ କୃତାର୍ଥ ହୋଇଛନ୍ତି। ସେହିପରି ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିବା ପରେ ଆଜିଠାରୁ ଆରମ୍ଭ ହୋଇଛି ରଥରୁ ସାରଥୀ, ଘୋଡ଼ା, ପାର୍ଶ୍ୱଦେବଦେବୀ, ଦଉଡ଼ି ଆଦି ଖୋଲାହେବା ପ୍ରକ୍ରିୟା। ଭୋଇ ସେବାୟତଙ୍କ ସହଯୋଗରେ ରଥରେ ଲାଗିଥିବା ସାମଗ୍ରୀକୁ ଖୋଲାଯାଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନର ପରବର୍ତ୍ତୀ ନିର୍ଦ୍ଦେଶ ପରେ ତିନିରଥର ଭଙ୍ଗା କାମ ଆରମ୍ଭ ହେବ।

# ବଦଳିଲା ପଞ୍ଚମ ଓ...

କରାଯିବ ନାହିଁ। ଏହି ସଂଶୋଧନ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ର ଧାରା ୩୮ ସହିତ ସମନ୍ୱିତ। ଏହା ଓଡ଼ିଶା ଗେଜେଟ୍ରେ ପ୍ରକାଶିତ ହେବା ପରେ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନ ଶିକ୍ଷାଗତ ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନହେବେ ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

# ପତ୍ନୀ ବିଦ୍ୟାଭାରତୀଙ୍କ...

ଏହାକୁ ବିରୋଧ କରି ବିଦ୍ୟାଭାରତୀ ହାଇକୋର୍ଟରେ ଆବେଦନ କରିଥିଲେ। ସୂଚନାଯୋଗ୍ୟ ୨୦୨୧ ଜୁଲାଇ ୧୨ତାରିଖରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ସରକାରୀ ବାସଭବନରେ ବନ ସଂରକ୍ଷକ ସୌମ୍ୟ ରଞ୍ଜନ ମହାପାତ୍ର ତାଙ୍କ ସ୍ତ୍ରୀଙ୍କ ସହ ଥିବାବେଳେ ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିଲେ। ସୌମ୍ୟ ରଞ୍ଜନଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ତାଙ୍କ ଶରୀରର ୯୦ପ୍ରତିଶତ ଅଂଶ ପୋଡ଼ି ଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲ୍ରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଜୁଲାଇ ୧୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ଆକସ୍ମିକ ଘଟଣା ବୋଲି ତାଙ୍କ ପତ୍ନୀ ବିଦ୍ୟାଭାରତୀ କହୁଥିବାବେଳେ ସୌମ୍ୟଙ୍କ ବାପା ଅଭିରାମ ତାଙ୍କ ପୁଅକୁ ମାରିବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯାଇଥିବା ଏବଂ ଏଥିପାଇଁ ବିଦ୍ୟାଭାରତୀ ପଣ୍ଡା, ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ଦାୟୀ ବୋଲି ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପାରଳାଖେମୁଣ୍ଡି ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମାସାଧିକ କାଳ ତଦନ୍ତ ପରେ କୌଣସି ସୁଫଳ ନ ମିଳିବାରୁ ସରକାର ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ବ୍ରାଞ୍ଚକୁ ପ୍ରଦାନ କରିଥିଲେ। କ୍ରାଇମ୍ବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲା।

# କୁକୁଡ଼ା ମଡ଼କ...

ନାଳରେ ଫୋପାଡ଼ି ଦେଉଥିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ସଂକ୍ରମଣ ରୋକିବା ପାଇଁ ମଲା କୁକୁଡ଼ାଗୁଡ଼ିକୁ ଏଣେତେଣେ ନ ପକାଇ ଚୂନ ଓ ବ୍ଲିଚିଂ ପକାଇ ମାଟିରେ ପୋତିଦେବା ପାଇଁ ପ୍ରାଣୀ ଚିକିତ୍ସକମାନେ ପରାମର୍ଶ ଦେଇଛନ୍ତି। ପରୀକ୍ଷା ରିପୋର୍ଟ ଆସିବା ପରେ ବାର୍ଡଫ୍ଲୁର ସତ୍ୟତା ସ୍ପଷ୍ଟହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ପାଇଁ ପରିସ୍ଥିତି ଉପରେ ନଜର ରଖାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ପୁରୀ ରଥ ଡ୍ୟୁଟି ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପୁରୀ,୯।୭/ଏନ୍ଏନ୍ଏସ୍:** ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହେବା ଏକ ଗୌରବର କଥା। ତେବେ ଏହାକୁ କେବଳ ଡ୍ୟୁଟି ଅପେକ୍ଷା ଯଦି ମହାପ୍ରଭୁଙ୍କ ସେବା ବୋଲି ଭାବି କାର୍ଯ୍ୟ କରିବା ତେବେ ଆନନ୍ଦ ଲାଗିବ ବୋଲି ମତ ଦେଇଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା।

ଆଜି ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରଥଯାତ୍ରା କାର୍ଯ୍ୟରେ ନିୟୋଜିତ ମାଜିଷ୍ଟ୍ରେଟ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏଥିରେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ରାଣା ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ। ସମସ୍ତଙ୍କ ସମନ୍ୱୟ ଓ ସହଯୋଗ ରେ ଏହା ସଫଳ ହୋଇଛି। ମାଜିଷ୍ଟ୍ରେଟ ମାନେ ସେମାନଙ୍କ ଡିୟୁଟି ସମୟରେ ଅନୁଭବ କରିଥିବା ପରିସ୍ଥିତି, ତାହାର ସମାଧାନ, ରଥଯାତ୍ରା ରେ ଶ୍ରଦ୍ଧାଳୁ ଙ୍କ ପାଇଁ ଅଧିକ ଶୃଙ୍ଖଳା ଓ ସୁବିଧା



ଲାଗି ଅଭିଜ୍ଞତାକୁ ଆଧାର କରି ନିଜ ନିଜର ମତାମତ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯାହା ଆଧାର ରେ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତି କରାଯାଇ ପାରିବ ବୋଲି ସେ କହିଥିଲେ। ପରେ ଦାୟିତ୍ୱ ନିର୍ବାହ କରିଥିବା ମାଜିଷ୍ଟ୍ରେଟ ମାନଙ୍କୁ ମହାପ୍ରଭୁଙ୍କ ପ୍ରସାଦ ପ୍ରଦାନ କରାଯାଇ ବିଦାୟ ଦିଆଯାଇଥିଲା। ମାଜିଷ୍ଟ୍ରେଟ ମାନେ ସେମାନଙ୍କ ଅନୁଭବ କୁ ବର୍ଣ୍ଣନା ସହ ବିବିଧ ପ୍ରସ୍ତାବ ମାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଦେଉଥିବା ଅଭିଯୋଗ

**ଖୋର୍ଦ୍ଧା,୯।୭/ଏନ୍ଏନ୍ଏସ୍:** ବୋଲଗଡ଼ ଇଛାପୁର ଗ୍ରାମର ମହମ୍ମଦ ଜାକିରଉଦ୍ଦିନ ଖାନ ଗତ ୫ତାରିଖ ଦିନ ତାଙ୍କ ୧୦ବର୍ଷ ବୟସ ଝିଅର ଦେହ ଅସୁସ୍ଥତା କାରଣରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଝିଅକୁ ସାଙ୍ଗରେ ନେଇ ଡାକ୍ତରଙ୍କୁ ଦେଖାଇବା ପାଇଁ ଯାଇଥିଲେ। ଡାକ୍ତର ଝିଅର ଅଲଟ୍ରାସାଉଣ୍ଡ କରି ରିପୋର୍ଟ ଦେଖାଇବାକୁ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ଜାକିର ଉଦ୍ଦିନ ଝିଅର ଅଲଟ୍ରାସାଉଣ୍ଡ ଖୋର୍ଦ୍ଧା ଚଣ୍ଡିଚୁଆ ନିକଟରେ ଥିବା ସଙ୍କଟମୋଚନ ଅଲଟ୍ରା ସାଉଣ୍ଡ କେନ୍ଦ୍ରରେ କରାଇଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟରେ ଉଲ୍ଲେଖଥିଲା ଯେ ଝିଅର କିଡ୍ନୀରେ ଷ୍ଟୋନ୍ ଓ ବାମପଟ ଛାତିରେ ମାଡ଼ ହୋଇ ରକ୍ତ ପିଣ୍ଡୁଳା ଜମି ରହିଛି ଏବଂ ଆପେଣ୍ଡିସାଇଟ ହୋଇଛି। ତେଣୁ ତୁରନ୍ତ ଝିଅର ଅପରେସନ ନକଲେ ତା’ ଜୀବନ ପ୍ରତି ବିପଦ ରହିଥିବା ନେଇ





ଅଲଟ୍ରାସାଉଣ୍ଡ କେନ୍ଦ୍ରର ପରିଚାଳକ ଜାକିର ଉଦ୍ଦିନଙ୍କୁ କହିଥିଲେ। ଏ କଥା ଶୁଣିବା ପରେ ସେ ଭାଙ୍ଗି ପଡିଥିଲେ। ପରେ ତାଙ୍କର ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଝିଅକୁ ନେଇ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ପ୍ରୋଲାଇଫ୍ ଅଲଟ୍ରା ସାଉଣ୍ଡ କେନ୍ଦ୍ରରେ ଝିଅ ପୁନର୍ବାର ଅଲଟ୍ରାସାଉଣ୍ଡ କରାଇବା ପରେ ରିପୋର୍ଟରେ ସବୁ ଠିକ୍ ଥିବା ନେଇ ଦର୍ଶାଯାଇଥିଲା ଏବଂ ସଂକଟମୋଚନ ଅଲଟ୍ରାସାଉଣ୍ଡ କେନ୍ଦ୍ରର ରିପୋର୍ଟ ସମ୍ପୂର୍ଣ୍ଣ ଭୁଲ୍ ବୋଲି ପ୍ରମାଣିତ ହୋଇଥିଲା। ତାଙ୍କ ଝିଅ ମୃତ୍ୟୁ ମୁଖରୁ ବଞ୍ଚିପାରିଲା ବୋଲି ସେ ନିଜର କୋହଭରା କଣ୍ଠରେ କହିବା ସହିତ ଏ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ପ୍ରଦାନ କରିଥିବାରୁ ସଂକଟମୋଚନ ଅଲଟ୍ରା ସାଉଣ୍ଡ କେନ୍ଦ୍ର ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ପଦ୍ମଶ୍ରୀ ସ୍ୱର୍ଗତ ଓଡ଼ିଶୀ ନୃତ୍ୟଗୁରୁ ଗଙ୍ଗାଧର ପ୍ରଧାନଙ୍କ ୭୭ତମ ଜୟନ୍ତୀ

# ଗୁରୁଙ୍କୁ ମନେପକାଇଲେ ଶିଷ୍ୟ ନୃତ୍ୟଶିଳ୍ପୀ

**କୋଣାର୍କ,୯।୭/ଏନ୍ଏନ୍ଏସ୍:** ଓଡ଼ିଶାର ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କର ୭୭ ତମ ଜୟନ୍ତୀ ଉତ୍ସବ ଗୁରୁବାର ସନ୍ଧ୍ୟା ୭ଘଟିକାରେ ଭୁବନେଶ୍ୱରସ୍ଥିତ ନାଲ୍କୋ ଭବନ ନିକଟ ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟ(ଜିକେସିଏମ୍)ରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ କୋଣାର୍କ ଗୁରୁଗଙ୍ଗାଧର ପ୍ରଧାନ ଫାଉଣ୍ଡେସନ୍ର ମିଳିତ ସହଯୋଗରେ ଆୟୋଜିତ ହେବ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀରରଞ୍ଜନ ଦାଶ ଓ ନିମାପଡ଼ା ପ୍ରେସ୍କ୍ଲବର ସଭାପତି ଅକ୍ଷୟ କୁମାର



ବେହେରା ଅତିଥି, ଜୟପୁର କଳାକେନ୍ଦ୍ରର ବରିଷ୍ଠ ଗବେଷକ ଗୁରୁ କାହ୍ନୁଚରଣ ପ୍ରଧାନ, ଭୁବନେଶ୍ୱର ରବରିଷ୍ଠ ଓଡ଼ିଶୀ ନୃତ୍ୟାଙ୍ଗନା ଚପଳା ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ କୋଣାର୍କ ଓ ଭୁବନେଶ୍ୱର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସ୍ୱର୍ଗତ ଗୁରୁ ଗଙ୍ଗାଧରଙ୍କ ସ୍ମୃତିରେ ଗୁରୁ ପଣ୍ଡିତ ରବିଶଙ୍କର ପ୍ରଧାନ ଓ ବୁଦ୍ଧାଦିତ୍ୟ ପ୍ରଧାନଙ୍କ ଦ୍ୱାରା ସୀତାର ବାଦନ, ଓଡ଼ିଶୀ ଗୁରୁ ସୁଜାତା ମହାପାତ୍ର ଓ ସୁଶ୍ରୀ ପ୍ରୀତିଶା ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ପରେ ଭାରତନାଟ୍ୟମ୍ ଦେବାଲଦେବ ଜେନାଙ୍କ ଦ୍ୱାରା ପରିବେଷଣ ହେବାକୁ ଥିଲାବେଳେ ଶେଷରେ କୋଣାର୍କ ନାଟ୍ୟମଣ୍ଡପ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମଞ୍ଚ ଉପସ୍ଥାପନ ହୃଷିକେଶ ପ୍ରାଣିଗ୍ରାହୀ ଓ ସୁଦୀପ୍ତା ପ୍ରାଣିଗ୍ରାହୀ କରିବେ ବୋଲି ଗୁଗୁ ଗଙ୍ଗାଧର ପ୍ରଧାନ ଫାଉଣ୍ଡେସନ ଓ କୋଣାର୍କ ନାଟ୍ୟମଣ୍ଡପର ସମ୍ପାଦକ ଶିବାଶିସ ପ୍ରଧାନ ସୂଚନା ଦେବା ସହ ସ୍ୱର୍ଗତ ଗୁରୁ ଶ୍ରୀ ପ୍ରଧାନଙ୍କ ଜୟନ୍ତୀ ଉତ୍ସବରେ ସମସ୍ତେ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି।

# ଚାଷୀ ମୂଲିଆ ସଂଘ ପକ୍ଷରୁ ତହସିଲ ସମ୍ମୁଖରେ ବିକ୍ଷୋଭ

**ଗୋପ,୯।୭/ଏନ୍ଏନ୍ଏସ୍:** ବୁଧବାର ଅଲ୍ ଇଣ୍ଡିଆ କ୍ଷେତ ମଜଦୁର ସଂଘ କିଷାନ ସଭା ସହ ଅନୁବନ୍ଧିତ ଚାଷୀମୂଲିଆ ସଂଘ ପକ୍ଷରୁ ୫ଦଫା ଦାବି ନେଇ ତହସିଲ ଓ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଗଠନର ଆର୍ତ୍ତତ୍ରାଣ ରାଉତରାୟ, ମହେନ୍ଦ୍ର ମଲ୍ଲିକ, ବିଜୟ ସ୍ୱାଇଁ, ଉମେଶ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗୋପ ତହସିଲ ଅନ୍ତର୍ଗତ ମହାପୁର ଭେଭେନ୍ୟୁ ସର୍କଲରେ ଥିବା ଇନ୍ଦୁପୁର ଓ ସୁଦୁଖଣ୍ଡ ମୌଜାରେ କିଛି ଅନୁସୂଚିତ ଜାତି ଲୋକଙ୍କ କମି ବେଆଇନ ଭାବେ ସାଧାରଣ ବର୍ଗ ଲୋକ ଆନ୍ଧ୍ର ମାଫିଆ ଓ ସେମାନଙ୍କ ସ୍ଥାନୀୟ ସହଯୋଗୀଙ୍କୁ ହସ୍ତାନ୍ତର ହୋଇଛି। ଏପରିକି କେତେଗୁଡ଼ିଏ ଜମି ପାୱାର୍ ଅଫ୍ ଆଟେର୍ଣ୍ଣି ମାଧ୍ୟମରେ ହସ୍ତାନ୍ତର ହୋଇଛି। ଏପରି ବେଆଇନ ହସ୍ତାନ୍ତର ଗୁଡ଼ିକ ଚିହ୍ନଟ କରି ଅନୁସୂଚିତ ଜାତିର ମୂଳ ଜମି ମାଲିକଙ୍କୁ ଫେରସ୍ତ କରାଯିବା ଲାଗି ଦାବି କରିଥିବାବେଳେ ଏହି ମୌଜାରେ ଭୂମିହୀନ ପ୍ରଜାମାନେ ଦୀର୍ଘ ବର୍ଷ ଧରି ଅନାବାଦୀ ଜମି ଚାଷ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ଏହି ଜମିରୁ ଆୟ ବ୍ୟତୀତ ସେମାନଙ୍କର ଆଉ କୌଣସି ରୋଜଗାରର ଉତ୍ସ ନାହିଁ। ଏହି ଜମି ଉପରେ ସେମାନଙ୍କୁ ମାଲିକାନା ସ୍ୱତ୍ତ୍ୱ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ସେହିପରି ଏହି ସବୁ ମୌଜାରେ ଥିବା ମଠ ଓ ଜଗନ୍ନାଥ ମହାପୁରୁଙ୍କ ଜମିରେ ପ୍ରଜାମାନେ ପୁରୁଷ ପୁରୁଷ ଧରି ଚାଷ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ଏହିସବୁ ଜମି ଚାଷ କରୁଥିବା ପ୍ରଜାମାନଙ୍କ ନାମରେ ବିନା ମୂଲ୍ୟରେ ମାଲିକାନା ସ୍ୱତ୍ୱ ପ୍ରଦାନ କରିବା ଲାଗି ଦାବିପତ୍ର ପ୍ରଦାନ କରିଥିଲେ ବଣିଆ ସାହି ଓ ନାଗପୁର ସୋସାଇଟରେ ଅଦ୍ୟାବଧି ହଜାର ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ହୋଇପାରି ନାହିଁ। ଟୋକେନ୍ ପାଇଥିବା ଚାଷୀଙ୍କ ଠାରୁ ତୁରନ୍ତ ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇ। ଗ୍ରାମସଭା ମାଧ୍ୟମରେ ଭାଗଚାଷୀମାନଙ୍କୁ ଚିହ୍ନଟ କରାଯାଇ ଚାଷୀ ପାଉଥିବା ସମସ୍ତ ସୁବିଧା ସେମାନଙ୍କୁ ପ୍ରଦାନ କରାଯିବା ଲାଗି ଗୋପ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଚୋରି ଗାଡ଼ି ଜବତ, ୨ ଅଟକ

**ଚାରିଛକ,୯।୭/ଏନ୍ଏନ୍ଏସ୍:** ଚାରିଛକ ଥାନା ଅନ୍ତର୍ଗତ ଅଲକୁଣ୍ଡ ଗ୍ରାମରୁ ସୋମବାର ରାତିରେ ଚୋରିଯାଇଥିବା ପିକପ ଗାଡିକୁ ମଙ୍ଗଳବାର ରାତିରେ ଚାରିଛକ ପୁଲିସ ପିପିଲି ଅଞ୍ଚଳରୁ ଉଦ୍ଧାର କରିଛି। ଖବରରୁ ପ୍ରକାଶ ଯେ ସୋମବାର ରାତିରେ ଏହି ଥାନା ଅନ୍ତର୍ଗତ ଅଲକୁଣ୍ଡ ଗ୍ରାମର ଅକ୍ଷୟ କୁମାର ବେହେରାଙ୍କ ଘର ନିକଟରୁ ଓଡି୦୨ୟୁ୧୩୨୮ ନମ୍ବର ଏକ ବୋଲେରୋ ପିକ୍ଅପ୍ ଭ୍ୟାନ୍ ସୋମବାର ରାତିରେ ଚୋରି ଯାଇଥିବା ନେଇ ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଚୋରି ଗାଡିଟି ପିପିଲି ଥାନା ଅଞ୍ଚଳରେ ଥିବା କୌଣସି ସୂତ୍ରରୁ ଖବର ପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ସଦଳବଳେ ସେଠାରେ ପହଞ୍ଚି ଚୋରି ଗାଡିଟିକୁ ଜବତ କରିବା ସହିତ ୨ଜଣଙ୍କୁ ଅଟକ ରଖିବା ସହିତ ତାଙ୍କ ଠାରୁ ଏକ ବାଇକ୍ ଜବତ କରିଥିବା ଜଣାପଡ଼ିଛି।

# ଖୋର୍ଦ୍ଧାରେ ସାଧାରଣ ଧର୍ମଘଟ




**ଖୋର୍ଦ୍ଧା,୯।୭/ଏନ୍ଏନ୍ଏସ୍:** ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କର୍ମଚାରୀ ସ୍ୱାଧୀନ ଫେଡେରେସନଙ୍କ ଦ୍ୱାରା ୧୭ ଦଫା ଦାବୀକୁ ନେଇ ଦିଆଯାଇଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ଖୋର୍ଦ୍ଧା ସହରରେ ଅନୁଷ୍ଠିତ ହୋଇଛି। ଏହି ଧର୍ମଘଟରେ କୃଷକ, ଶ୍ରମିକ, କ୍ଷେତମଜଦୂର, ଛାତ୍ର, ଯୁବକ, ମହିଳା ସଂଗଠନ କର୍ମୀ, ଆଶା, ଅଙ୍ଗନବାଡ଼ି, ପାଚିକା ସ୍କିମ ଶ୍ରମିକ, ଖୋର୍ଦ୍ଧା ଶିଳ୍ପା ଞ୍ଚଳ କଳ କାରଖାନା ଶ୍ରମିକମାନେ, ହଳଦିପଦା ଆଦିବାସୀ ମହିଳାମାନେ ସାମିଲ ହୋଇଥିଲେ। ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଠାରୁ ରାଲି ବାହାରି କୋର୍ଟ, ପୁରୁଣା ଡାକ୍ତରଖାନା ରୋଡ, ପୁରୁଣା ବସଷ୍ଟାଣ୍ଡ ଦେଇ କେନ୍ଦ୍ର ସମବାୟ ବ୍ୟାଙ୍କ ଛକଠାରେ ପହଞ୍ଚିବା ପରେ ସେଠାରେ ଏକ ସଭା କୃଷକ ନେତା ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ, ଡ୍ରାଇଭର, ଛାତ୍ର, ଯୁବକ, ମହିଳା, ସ୍ୱାସ୍ଥ୍ୟ, ଶିକ୍ଷା ମାରଣା ନୀତି ଉପରେ ଅଶୋକ ସାହୁ, ଶୈଳେଶ ବଳିଆରସିଂହ, ଶିକ୍ଷକନେତା କିଶୋର ଚନ୍ଦ୍ର ପରମଗୁରୁ, ଜୟନ୍ତ ମହାନ୍ତି, ଅଭିନାସ ପ୍ରଧାନ, ମିନତୀ ଚମ୍ପତି, ରାଜକିଶୋର ପ୍ରଧାନ, ଯୋଗେନ୍ଦ୍ର ଦାସ, ଅଭୟ ସ୍ୱାଇଁ, ଜିତେନ୍ଦ୍ର ନାୟକ, କାର୍ତ୍ତିକ ଘଡ଼େଇ ପ୍ରମୁଖ ସାମିଲ୍ ଥିଲେ।

# ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଧର୍ମଘଟ




**ଓଡ଼ଗାଁ,୯।୭/ଏନ୍ଏନ୍ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ, କୃଷକ, ମହିଳା, ଛାତ୍ର ଓ ଯୁବକ ବିରୋଧୀ ନୀତି ବିରୁଦ୍ଧରେ ୧୭ଦଫା ଦାବିନେଇ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ସିଆଇଟିୟୁ, ଆଇଏନ୍ ଟିୟୁସି, ଏସୟୁସିଆଇ, ଏଆଇକେଏସ, ଡ଼ିୱାଇଏଫଆଇ ଓ ଏଆଇଡ଼ିଡ଼ବ୍ଲୁଏ ତରଫରୁ ଓଡଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପିକେଟିଙ୍ଗ ଓ ସଭା କରାଯାଥିଲା। ସତ୍ୟାଗ୍ରହୀ ମାନେ ଶରଣକୂଳ ଜାତୀୟ ରାଜପଥ ଅବରୋଧ କରିଥିଲେ। ବିଭିନ୍ନ ଗାଡି, ଦୋକାନ, ବ୍ୟାଙ୍କ ଗୁଡିକ ବନ୍ଦ ହୋଇଥିଲା। ଓଡ଼ଗାଁ ଠାରେ ସତ୍ୟାଗ୍ରହୀ ମାନେ ବ୍ଲକ୍ ତହସିଲ ଅଫିସ ବନ୍ଦକରିଲା ବେଳେ ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫକରି ପରେ ଛାଡି ଦେଇଥିଲା। ଏଥିରେ କୃଷକନେତା ଗୋଲକ ମୁଦୁଲି, ରାଜ୍ୟ ଯୁବନେତା ସରୋଜ ନାୟକ, ମହିଳା ନେତ୍ରୀ ଜ୍ୟୋତି ଜେନା, ଯୁବନେତା ବିଭୁ ମହାପାତ୍ର, ଆଲୋକ ପ୍ରଧାନ ଶ୍ରମିକନେତା କୃଷ୍ଣ ମହାପାତ୍ର ଓ କୃଷକନେତା ନିରଞ୍ଜନ ସାହୁ, ଭାଗିରଥି ସ୍ୱାଇଁଙ୍କ ସହ ଶତାଧିକ କର୍ମୀ ଯୋଗଦେଇ ଥିବା ଜଣାପଡ଼ିଛି।

## ଗ୍ରାମୀଣ କୃଷକ ତାଲିମ ଶିବିର ଉଦ୍ଘାଟିତ

**ବଲଙ୍ଗା,୯।୭/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ଉଛୁପୁରଠାରେ ଗ୍ରାମୀଣ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଉଛୁପୁର ଠାରେ ନିମାପଡ଼ା ଉଦ୍ୟାନ କାର୍ଯ୍ୟାଳୟ ସମ୍ପ୍ରସାରଣ କର୍ମୀ ସିଲଭା ନାୟକ, ନିମାପଡ଼ା କୃଷି କାର୍ଯ୍ୟାଳୟର ଏଟିଏମ୍ ବିକ୍ରମ ପ୍ରତିହାରୀ, ବିଟିଏମ ଶ୍ରୀକାନ୍ତ କୁମାର ବଡେଇ କୃଷକ ମାନଙ୍କୁ ଖରିଫ ଋତୁ ପାଇଁ ସରକାରୀ ଯୋଜନା ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆତ୍ମା କମିଟିର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡା, ସମାଜସେବୀ ପ୍ରସନ୍ନ କୁମାର ଦାଶ, ନିମାପଡ଼ା ଆତ୍ମା କମିଟିର ସଭ୍ୟ ପ୍ରଭାକର ନାୟକ, ମମତା ସ୍ୱାଇଁଙ୍କ ସହ ୩୦ ରୁ ଉର୍ଦ୍ଧ୍ୱ କୃଷକ କାର୍ଯ୍ୟ କ୍ରମରେ ଉପସ୍ଥିତ ଥିଲେ।

# କାକଟପୁରର ପ୍ରାଚୀ ନଦୀ: ଅସ୍ତିତ୍ୱ ସଙ୍କଟ ଓ ପ୍ରଦୂଷଣର ଚିନ୍ତା


**କାକଟପୁର,୯।୭/ଏନ୍ଏନ୍ଏସ୍:** ଓଡ଼ିଶାର ପୁରୀ ଜିଲ୍ଲାର କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀ ଏକକାଳରେ ଏହି ଅଞ୍ଚଳର ଜନଜୀବନର ଜୀବନରେଖା ଥିଲା। କିନ୍ତୁ ଆଜି ଏହି ନଦୀ ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଉଛି। ନଦୀର ଜଳ ଦୂଷିତ ହେବା ସହ ବ୍ୟବହାର ଅଯୋଗ୍ୟ ହୋଇପଡ଼ିଛି, ଆଉ ନଦୀଶଯ୍ୟା ପୋତି ହୋଇ ଏକ ଆବର୍ଜନା ନିଷ୍କାସନ ସ୍ଥଳୀରେ ପରିଣତ ହେଉଛି। କାକଟପୁରର ଘଣ୍ଟତୋଳା ତୁଠ, ଯେଉଁଠାରେ ଏକକାଳରେ ଶ୍ରଦ୍ଧାଳୁମାନେ ପୂଜା ଓ ସ୍ନାନ ପାଇଁ ଆସୁଥିଲେ, ସେଠାରେ ଆଜି ଦୁର୍ଗନ୍ଧ ଓ ଆବର୍ଜନାର ଆଧିକ୍ୟ ଯୋଗୁଁ ଲୋକମାନେ ନାକ ଟେକୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଅବୈଧ ଖନନ, ଅତିକ୍ରମଣ ଓ ବିଭିନ୍ନ ସ୍ଥାନରୁ ନିଷ୍କାସିତ ବର୍ଜ୍ୟବସ୍ତୁ ନଦୀକୁ ଏକ ମୁମୂର୍ଷୁ ଅବସ୍ଥାକୁ ଠେଲି ଦେଇଛି। ଏକକାଳରେ ଯେଉଁ ନଦୀରେ ମାଛ ଧରାଯାଉଥିଲା ଓ ଜଳସ୍ତର ୨୦-୩୦ ଫୁଟ ଥାଉଥିଲା, ଆଜି ତାହା ୧୦୦-୨୦୦ ଫୁଟରୁ ଅଧିକ ଗଭୀରତାକୁ ଖସିଯାଇଛି। ଜଳସଙ୍କଟ ବିଷୟରେ ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ସାହୁ କହିଛନ୍ତି, ପ୍ରାଚୀନଦୀ ଆମର ସଂସ୍କୃତି ଓ ଧର୍ମର ଏକ ଅଂଶ। ଏହାର ପ୍ରଦୂଷଣ କେବଳ ପରିବେଶକୁ ନଷ୍ଟ କରୁ ନାହିଁ, ଆମର ଆସ୍ଥାକୁ ମଧ୍ୟ ଆଘାତ ଦେଉଛି। ସେ ଆହୁରି କହିଛନ୍ତି ଯେ, ନଦୀଶଯ୍ୟାରେ ବାଲି ଓ ମାଟି ଜମା ହେବା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି। ଯାହା ନଦୀର ଗଭୀରତା ଓ ପରିଷ୍କାରତାକୁ

> ‘ତୁରନ୍ତ ନଦୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆମେ ଆମର ଐତିହ୍ୟର ଏକ ଅମୂଲ୍ୟ ଅଂଶ ହରାଇବୁ’

ହ୍ରାସ କରୁଛି। କାର୍ତ୍ତିକ ପୂର୍ଣ୍ଣିମା ପରମ୍ପରା ଅନୁଯାୟୀ ନଦୀରେ ଡଙ୍ଗା ଭସାଇବାର ପ୍ରଥା ଏବେ ଦୂଷିତ ଜଳ ଓ ଆବର୍ଜନା ଯୋଗୁଁ ପ୍ରଭାବିତ ହେଉଛି। ୨୦୨୧ ମସିହାରେ କୋଭିଡ କଟକଣା ଯୋଗୁଁ ଏହି ପରମ୍ପରା ଉପରେ କଟକଣା ଲଗାଯାଇଥିଲା, କିନ୍ତୁ ବର୍ତ୍ତମାନ ନଦୀର ଅବସ୍ଥା ଏହି ଧାର୍ମିକ ଅନୁଷ୍ଠାନକୁ ଆହୁରି କଷ୍ଟକର କରିଦେଇଛି। ସ୍ଥାନୀୟ ସାମାଜିକ କର୍ମୀ ସୁଧାକର ମହାପାତ୍ର କୁହନ୍ତି, ସରକାରୀ ଉଦାସୀନତା ଓ ସଚେତନତାର ଅଭାବ ଏହି ନଦୀର ମୃତ୍ୟୁର କାରଣ ହୋଇଛି। ତୁରନ୍ତ ନଦୀ ପରିଷ୍କାରଣ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆମେ ଆମର ଐତିହ୍ୟର ଏକ ଅମୂଲ୍ୟ ଅଂଶ ହରାଇବୁ। ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ବିଭିନ୍ନ ଯୋଜନା ଘୋଷଣା ହୋଇଥିଲେ ହେଁ ସ୍ଥାନୀୟ ଅଞ୍ଚଳରେ ଏହାର ପ୍ରକୃତ କାର୍ଯ୍ୟକାରିତା ନେଇ ଅସନ୍ତୋଷ ରହିଛି। ପରିବେଶବିତ୍ମାନେ ନଦୀର ପରିଷ୍କାରଣ, ଅବୈଧ ଖନନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ଜନସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ପ୍ରାଚୀ ନଦୀର ଏହି ଦୁର୍ଦ୍ଦଶା କେବଳ କାକଟପୁରର ଜନଜୀବନକୁ ପ୍ରଭାବିତ କରୁନାହିଁ, ବରଂ ଓଡ଼ିଶାର ସାଂସ୍କୃତିକ ଓ ପାରମ୍ପରିକ ଐତିହ୍ୟକୁ ମଧ୍ୟ ସଙ୍କଟରେ ପକାଇଛି। ଏହାର ସମାଧାନ ପାଇଁ ସରକାର, ସ୍ଥାନୀୟ ବାସିନ୍ଦା ଓ ସମାଜସେବୀ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଛି।

ସ୍ୱାସ୍ଥ୍ୟ

# ଗର୍ଭାବସ୍ଥା ସମୟରେ ମନ୍ଦିରକୁ ଯିବା ଉଚିତ କି ?



ପୂଜାପାଠ ଓ ଧର୍ମକର୍ମକୁ ନେଇ ମହିଳାମାନଙ୍କ ପାଇଁ ରହିଛି କିଛି ଅଲଗା ନିୟମ। ଯେପରି ମାସିକଧର୍ମ ସମୟରେ ଧାର୍ମିକ କାର୍ଯ୍ୟ ପାଇଁ ସେମାନଙ୍କୁ ଅନୁମତି ଦିଆଯାଏ ନାହିଁ। ତେବେ ଗର୍ଭାବସ୍ଥା ସମୟରେ ମନ୍ଦିରକୁ ଯିବାକୁ ଶୁଭ ବୋଲି ସମସ୍ତେ ମାନନ୍ତି। ବିଶେଷ କରି ଏହା ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ରଖିଥାଏ। ଗର୍ଭାବସ୍ଥାକୁ ଏକ ପବିତ୍ର ଅବସ୍ଥା ବୋଲି ସାଧାରଣରେ ଲୋକମାନେ ମାନନ୍ତି। ସେଥିପାଇଁ ଅନେକ ମହିଳା ଏ ସମୟରେ ମନ୍ଦିରକୁ ଯାଇ ଆଶୀର୍ବାଦ, ସୁରକ୍ଷା ଓ ସୁସ୍ଥ ପିଲାଟିଏ ପାଇଁ ପ୍ରାର୍ଥନା କରିବାର ଦେଖିବାକୁ ମିଳେ। ଗର୍ଭବତୀ ମହିଳାମାନଙ୍କୁ ମନ୍ଦିରକୁ ଯାଇ ପୂଜାପାଠ କରିବା ଉପରେ କୌଣସି ପ୍ରତିବନ୍ଧ ରହିଛି କି ?

## ଗର୍ଭାବସ୍ଥାରେ ମନ୍ଦିର ଯିବା ଠିକ୍ ନା ଭୁଲ୍

ଜଣେ ମହିଳା ପାଇଁ ଗର୍ଭାବସ୍ଥାର ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏ ସମୟରେ ମନ୍ଦିରକୁ ଯାଇ ପୂଜାପାଠ କରିବା ଉପରେ କୌଣସି ପ୍ରତିବନ୍ଧ ଲଗାଯାଇ ନାହିଁ। କିନ୍ତୁ ଗର୍ଭବତୀ ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଆଖି ଆଗରେ ରଖି ସେମାନଙ୍କୁ ମନ୍ଦିର ଯିବା ପାଇଁ ବାରଣ କରାଯିବା ଉଚିତ। ବେଳେ ବେଳେ ସାତ ମାସର ଗର୍ଭବତୀ ମହିଳାଙ୍କୁ ମନ୍ଦିର ଯିବା ପାଇଁ ଅନୁମତି ଦିଆଯାଏ ନାହିଁ। ଏହାର କାରଣ ମନ୍ଦିରରେ ସିଡ଼ି ଚଢ଼ିବାକୁ ଥାଏ ଓ ଆଉ କିଛି ମନ୍ଦିର ବେଶ୍ ଉଚ୍ଚ ସ୍ଥାନରେ ଅବସ୍ଥିତ ହୋଇଥିବା କାରଣରୁ ଏ ସମୟରେ ବାରଣ କରାଯାଏ। ଯଦି ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ସ୍ଥିତି ଖୁବ୍ ଭଲ ଥାଏ ତେବେ ୫-୭ ମାସ ମଧ୍ୟରେ ମନ୍ଦିରକୁ ଯିବା ପାଇଁ ମନା କରାଯାଏ ନାହିଁ। କିନ୍ତୁ ସେଠାରେ ଅଧିକ ସମୟ ବସି ପୂଜା କରିବା କିମ୍ବା ଛିଡ଼ା ହୋଇ କଷ୍ଟକାରୀ ଭାବ ସହିତ ପୂଜା କରିବା ଅନୁଚିତ। ଏହା ସହିତ ମନ୍ଦିରର ପରିକ୍ରମା ନକଲେ ଭଲ ନହେଲେ ଶାରୀରିକ ଚାପର ସମ୍ମୁଖୀନ ହେବାକୁ ପଡ଼ିବ। କିଛି ଧାର୍ମିକ ସମୁଦାୟରେ ଗର୍ଭାବସ୍ଥା ସମୟରେ ବିଶେଷ ସଂସ୍କାର ହୋଇଥାଏ। ଉଦାହରଣ ସ୍ୱରୂପ 'ସୀମନ୍ତୋନ୍ନୟନ' ସଂସ୍କାର।



ଏହିଭଳି ଭାବରେ ସେମାନଙ୍କୁ ମନ୍ଦିରକୁ ଯିବା ଉପରେ ବାରଣ ନଥିଲେ ମଧ୍ୟ ସେମାନେ ନିଜର ଶାରୀରିକ ସ୍ଥିତି ଓ ଯାତ୍ରାର ସୁବିଧାକୁ ଧ୍ୟାନରେ ରଖିବା ଉଚିତ। ମନ୍ଦିରକୁ ଗଲେ ମଧ୍ୟ ଅଧିକ ସମୟ ଉପବାସ ରଖନ୍ତୁ ନାହିଁ। ସମୟ ସମୟରେ ଖାଇବା ସହିତ ପାଣି ପିଇବା ବହୁତ ଜରୁରୀ ହୋଇଥାଏ। ଏପରି ନକଲେ ଗର୍ଭରେ ଥିବା ଶିଶୁର ହାନି ହୁଏ। କିନ୍ତୁ ଗର୍ଭାବସ୍ଥା ସମୟରେ ମନ୍ଦିରକୁ ଗଲେ ମାନସିକ ଶାନ୍ତି ଓ ସ୍ଥିରତା ମିଳେ। ସକାରାତ୍ମକ ଉର୍ଜାର ଅନୁଭବ ହୁଏ। ସେମାନେ ନିଜର ସ୍ୱାସ୍ଥ୍ୟ ସ୍ଥିତିକୁ ଦେଖି ଡାକ୍ତରଙ୍କ ସହିତ ପରାମର୍ଶ କରି ମନ୍ଦିର ଯିବା ପାଇଁ ନିର୍ଣ୍ଣୟ ନେବା ଉଚିତ। ମନ୍ଦିରକୁ ଯାଇ ନ ପାରିଲେ ଘରେ ବସି ସାଧାରଣ ପୂଜାପାଠ ମଧ୍ୟ କରିପାରିବେ କିମ୍ବା ଭଗବତ୍‌ଗୀତା ଓ ଅନ୍ୟ ଆଧ୍ୟାତ୍ମିକ ପୁସ୍ତକଗୁଡ଼ିକୁ ପଢ଼ି ମାନସିକ ଶାନ୍ତି ପାଇପାରିବେ। ତେବେ ଏ ସମୟରେ ମନ୍ଦିରକୁ ଯିବା ଏକ ବ୍ୟକ୍ତିଗତ ନିର୍ଣ୍ଣୟ।

ପ୍ରେରଣା



ଏନ୍‌ଜିଓ- ଏକ ଅଣ-ଲାଭକାରୀ ସଂଗଠନ ଯାହା ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ କାମ କରେ। ଏହା ସାମାଜିକ, ମାନବୀୟ ବା ପର୍ଯ୍ୟାବରଣୀୟ ମୁଦ୍ଦାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହି ଅଣ-ଲାଭକାରୀ ସଂଗଠନଗୁଡ଼ିକ ବିଭିନ୍ନ ସୋର୍ସରୁ ଯେପରି ସରକାରୀ, ବ୍ୟକ୍ତିଗତ ଅନୁଦାନ ଓ ଅନ୍ତରାଷ୍ଟ୍ରୀୟ ସଂସ୍ଥାରୁ ଧନ ପ୍ରାପ୍ତି କରିଥାନ୍ତି। ହ୍ୟାଣ୍ଡ୍ ଇନ୍ ହ୍ୟାଣ୍ଡ୍ ନାମକ ଏକ ଏନ୍‌ଜିଓର ସହ-ସଂସ୍ଥାପିକା ଅଛନ୍ତି କଳ୍ପନା ଶଙ୍କର। ଏହି ଅଗ୍ରଣୀ ଏନ୍‌ଜିଓ ମହିଳାମାନଙ୍କୁ ସଶକ୍ତ କରିବା, ପିଲାମାନଙ୍କୁ ଶିକ୍ଷିତ କରିବା, ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ପହଞ୍ଚିବା, ପର୍ଯ୍ୟାବରଣ ଓ ରୋଜଗାରର ଅବସର ସୃଷ୍ଟି କରିବା ଦିଗରେ କାମ କରୁଛି। ସେ ଜଣେ ବୈଜ୍ଞାନିକ ହେବା ସହିତ ଜଣେ ସାମାଜିକ ଉଦ୍ୟମୀ ଯିଏ ଗ୍ରାମୀଣ ଭାରତର ମହିଳାମାନଙ୍କର ଜୀବନକୁ ପରିବର୍ତ୍ତନ କରାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହି ସଂଗଠନ ଲକ୍ଷାଧିକ ଲୋକଙ୍କୁ ବିତ୍ତୀୟ ସମାବେଶନ ଓ ସଶକ୍ତ କରିବାରେ ସହାୟକ ହୋଇଥାଏ।

## କଳ୍ପନା ଶଙ୍କର

କଳ୍ପନା ଶଙ୍କରଙ୍କ ଜନ୍ମ ଏପରି ଏକ ପରିବାରରେ ହୋଇଥିଲା ଯେଉଁ ପରିବାର ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା। ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିବା ପରେ କଳ୍ପନା ପରମାଣୁ ଭୌତିକୀ ଉପରେ ପିଏଚ୍‌ଡି କରିଥିଲେ। ପିଏଚ୍‌ଡି କରିବା ପରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ଆରମ୍ଭ ହୋଇଥିଲା ମାଡ୍ରାସ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ୍‌ର ବିକିରଣ ବିଭାଗରେ। ସେଠାରେ ରୋଗୀମାନଙ୍କର କଷ୍ଟ ଦେଖି ସେ ଚାକିରି ଛାଡ଼ି ଦେଇଥିଲେ। ୧୯୮୮ରେ ଏହି ପରମାଣୁ ବୈଜ୍ଞାନିକ ମହିଳା ଓ ପିଲାମାନଙ୍କ ସମ୍ମୁଖକୁ ଆସୁଥିବା ଆହ୍ୱାନଗୁଡ଼ିକୁ ଦେଖିବା ପରେ ଖୁବ୍ ପ୍ରଭାବିତ ହୋଇଥିଲେ। ଏଥିପାଇଁ ସମାଜସେବା ପ୍ରତି ଥିବା ତାଙ୍କର ପ୍ରବଳ ଆଗ୍ରହକୁ ପୂରା କରିବା ପାଇଁ ସେ ଏକ ମିଶନରେ ବାହାରି ପଡ଼ିଲେ। ଭାରତୀୟ ରେଡ୍ କ୍ରସ୍ ଓ ମହିଳା ସ୍ୱେଚ୍ଛିକ ସେବାର ଜଣେ ସଦସ୍ୟ ଭାବରେ ଯୋଗ ଦେଇ ସେ ତାଙ୍କର ସେବା କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସାମାଜିକ କ୍ଷେତ୍ରରେ କାମ କରିବା ପାଇଁ ଜଣେ ଉଦ୍ୟମୀ ଭାବରେ ନିଜକୁ ପ୍ରତିଷ୍ଠିତ କରିବାରେ ସଫଳ ହୋଇପାରିଥିଲେ କଳ୍ପନା।

ତେବେ ସଫଳତା ନିଜର ବିଡ଼ମ୍ବନାଗୁଡ଼ିକ ସହିତ ଆସେ। କଳ୍ପନା ଶିକ୍ଷାର ମହତ୍ତ୍ୱକୁ ବୁଝିଥିଲେ। ସେ ମହିଳା ଅଧ୍ୟୟନ ଓ ସ୍ୱୟଂ ସହାୟତା ସମୂହଗୁଡ଼ିକ ଉପରେ ଡକ୍ଟରେଟ୍ ଉପାଧି ପ୍ରାପ୍ତ କଲେ। ୨୦୦୪ରେ ତାଙ୍କର ସାକ୍ଷାତ ହୋଇଥିଲା ସ୍ୱିଡିଶ୍ ବ୍ୟବସାୟୀ ଓ ସମାଜସେବୀ ପର୍ସୀ ବାର୍ଣ୍ଣେଭିକ୍‌ଙ୍କ ସହିତ ଯିଏ ତାମିଲନାଡୁର ଶିଶୁ ଶ୍ରମ ଉଚ୍ଛେଦନ ପାଇଁ କାମ କରୁଥିବା ଏକ ଛୋଟ ଚାରିଟିର ପ୍ରବନ୍ଧନ କରିବା ପାଇଁ ତାଙ୍କୁ କହିଥିଲେ। କଳ୍ପନା ଓ ବାର୍ଣ୍ଣେଭିକ୍ ମିଶି ରୋଜଗାର ସୃଷ୍ଟି କରି ଗରିବ ମହିଳାମାନଙ୍କୁ ବିତ୍ତୀୟ ସୁରକ୍ଷା ପ୍ରଦାନ କରିବା ପାଇଁ ହ୍ୟାଣ୍ଡ୍ ଇନ୍ ହ୍ୟାଣ୍ଡ୍‌ର ସ୍ଥାପନା କରିଥିଲେ। ଏହାର ଦୁଇବର୍ଷ ପରେ ବେଲ୍‌ଷ୍ଟାର ମାଇକ୍ରୋଫାଇନାନ୍ସର ସ୍ଥାପନା ମଧ୍ୟ କରିଥିଲେ। ବିଗତ ଦୁଇ ଦଶକ ମଧ୍ୟରେ ଏହି ସଂସ୍ଥାଗୁଡ଼ିକରେ ୪୦,୩୪୫ରୁ ଅଧିକ ମହିଳାଙ୍କୁ ସେମାନେ ଡିଜିଟାଲ୍ ସାକ୍ଷରତାର ପ୍ରଶିକ୍ଷଣ ଦେବା ସହିତ ୧୨.୫ ଲକ୍ଷ ରୋଜଗାର ସୃଷ୍ଟି କରାଇ ଗ୍ରାମୀଣ ମହିଳାମାନଙ୍କୁ ସଂଗଠିତ କ୍ଷେତ୍ରରେ ସ୍ଥାନ ଦେବା ଓ ସଶକ୍ତ କରିବାରେ ଏକ ଅମିଟ ଛାପ ଛାଡ଼ିସାରିଛନ୍ତି। ବର୍ତ୍ତମାନ ୧୮ଟି ରାଜ୍ୟରେ ଓ ବିଶ୍ୱର ସାତଟି ଦେଶରେ ଏହି ସଂଗଠନଗୁଡ଼ିକ କାର୍ଯ୍ୟରତ ରହିବା ସହିତ ସାମାଜିକ-ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନର ପ୍ରତୀକ ହୋଇସାରିଲେଣି।

ଗରିବୀ କଷ୍ଟକୁ ବହୁତ ନିକଟରୁ ଦେଖିଥିବା କଳ୍ପନାଙ୍କୁ ମନେ ହୋଇଥିଲା ଯେ ସମାଜସେବା ହିଁ ତାଙ୍କର କାମ। କିନ୍ତୁ ବିଜ୍ଞାନ କ୍ଷେତ୍ରରୁ ସାମାଜିକ ପ୍ରଭାବର କ୍ଷେତ୍ରକୁ ଆସିବା ସହଜ ନଥିଲା। ଏଥିପାଇଁ ନୂଆ କାର୍ଯ୍ୟକୁ ସମ୍ଭାଳିବା ଓ ସାମଗ୍ରୀଗୁଡ଼ିକ ବିଷୟରେ ଜାଣି ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥିଲା ବୋଲି କଳ୍ପନା କହନ୍ତି। ନବେ ଦଶକର ମଧ୍ୟ ଭାଗରେ ବିଶ୍ୱ ବ୍ୟାଙ୍କର ତାମିଲନାଡୁ ଗରିବୀ ନ୍ୟୂନୀକରଣ ପରିଯୋଜନା ପାଇଁ ନୀତିଗତ ଦସ୍ତାବିଜ ଉପରେ କାମ କରିବାର ଏକ ନିଶ୍ଚିତ ଅବସର ତାଙ୍କୁ ମିଳିଲା। ଏହାଦ୍ୱାରା ଗ୍ରାମୀଣ ତାମିଲନାଡୁର ମାନକ ଓ ସୂଚକାଙ୍କଗୁଡ଼ିକ ବିଷୟରେ ଗଭୀର ଜ୍ଞାନ ସେ ପାଇଥିଲେ। ତେବେ ହ୍ୟାଣ୍ଡ୍ ଇନ୍ ହ୍ୟାଣ୍ଡ୍‌ରେ ସାମିଲ ହେବା ପରେ ଏକ ଅଲଗା ଅନୁଭବ ପାଇଥିଲେ କଳ୍ପନା ଯେଉଁଥିରେ ବହୁତ କିଛି ଶିଖିବାର ଥିଲା। ଏହା ଏକ ରୋଚକପୂର୍ଣ୍ଣ କାମ ହେବା ସହିତ ଏହି ରାସ୍ତାରେ ଅନେକଗୁଡ଼ିଏ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିଥିଲା ଯଥା-ଦଳ ଗଠନ କରିବା, ସ୍ଥାନୀୟ ପରିସ୍ଥିତିକୁ ବୁଝିବା, ସମୁଦାୟଗୁଡ଼ିକର ବିଶ୍ୱାସ ହାସଲ କରିବା ଓ ଅନେକ ହିତଧାରକଙ୍କ ସହିତ ମଜଭୁତ ସମ୍ପର୍କ ତିଆରି କରିବା। ଏହି ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ୨-୩ ବର୍ଷ ସମୟ ଲାଗିଯାଇଥିଲା କଳ୍ପନାଙ୍କୁ। କିନ୍ତୁ ଦୁଇ ଦଶକ ପରେ ତାଙ୍କୁ ଆଶାଠାରୁ ଅଧିକ ପରିଣାମ ମିଳିଥିଲା।

ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅସମାନତା ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି। ୨୦୨୩ର ଏକ ବୈଶ୍ୱିକ ଆକଳନ ଅନୁସାରେ ବୈଶ୍ୱିକ ସ୍ତରରେ ସି-ସୁଟ୍ (ସର୍ବୋଚ୍ଚ ପଦ) ପଦରେ ମହିଳାମାନେ ୧୮ ପ୍ରତିଶତ



ଅଂଶୀଦାର ଭାବରେ ଅଛନ୍ତି। ତେଣୁ ଅଧିକ ପ୍ରୟାସ ଯଦି କରାନଯାଏ ତେବେ ୨୦୩୧ ପର୍ଯ୍ୟନ୍ତ ମହିଳା ବିତ୍ତୀୟ ନେତୃତ୍ୱକର୍ତ୍ତାମାନଙ୍କର ବୈଶ୍ୱିକ ବୃଦ୍ଧି ୨୫ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ। ତେବେ ଗ୍ରାମୀଣ କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକାରୀ ସାମାଜିକ-ଆର୍ଥିକ ସ୍ତରରେ ପରିବର୍ତ୍ତନ ଆଣିବାରେ କଳ୍ପନାଙ୍କର ଯୋଗଦାନ ପାଇଁ ବିତ୍ତୀୟ ସମାବେଶନରେ





ପ୍ରତିଷ୍ଠିତ ଲାଇଫ୍‌ଷ୍ଟାଇଲ୍ ଆଚିଭ୍‌ମେଣ୍ଟ ପୁରସ୍କାର (୨୦୨୩), ନାରୀ ଶକ୍ତି ପୁରସ୍କାର (୨୦୧୬), ସଂଯୁକ୍ତ ରାଷ୍ଟ୍ର ମହିଳା ଏବଂ ବାହାରିନ୍ ସାମ୍ରାଜ୍ୟ ଠାରୁ ମହିଳା ସଶକ୍ତିକରଣ ପାଇଁ ବୈଶ୍ୱିକ ପୁରସ୍କାର (୨୦୧୯)ରେ ସେ ସମ୍ମାନିତ ହୋଇଛନ୍ତି।

ତେବେ ମଧ୍ୟମ ବର୍ଗ ଏକ ବନ୍ଧନରେ ବନ୍ଧା ହୋଇଛି କି ବୋଲି ଏକ ପ୍ରଶ୍ନର ଉତ୍ତର ଦେଇ କଳ୍ପନା କହିଛନ୍ତି- 'ଧନୀ-ଗରିବ ଭାବରେ ଭେଦଭାବ ଆମ ସମାଜରେ ସବୁବେଳେ ରହିଛି। ଲୋକମାନେ ଆତ୍ମମୁଗ୍ଧ ରହୁଛନ୍ତି। ତେଣୁ ସେମାନଙ୍କୁ ସମ୍ବେଦନଶୀଳତାର ଆବଶ୍ୟକତା ରହିଛି। କଳ୍ପନାଙ୍କ ଅନୁସାରେ ସ୍କୁଲ୍ ଓ କଲେଜମାନଙ୍କରେ ପଢୁଥିବା ଛାତ୍ରଛାତ୍ରୀମାନେ ଯଦି ଗ୍ରାମଗୁଡ଼ିକରେ ଯାଇ ସମୟ ବିତେଇବେ ତେବେ ସେମାନେ ଗରିବୀର ପୀଡ଼ାକୁ ସହଜରେ ବୁଝି ପାରିବେ। ତେଣୁ ଏଥିପାଇଁ ବିବେକ ଏକ ଉପକରଣ ହୋଇପାରେ ବିଶେଷ କରି ଯୁବପିଢ଼ିଙ୍କ ପାଇଁ। ଏହାକୁ ଏକ ସାହାଯ୍ୟକାରୀ ହାତ ଭାବରେ ସେମାନେ ବ୍ୟବହାର କରିବା ଉଚିତ।' ଏଥିପାଇଁ ଡକ୍ଟର କଳ୍ପନା ଶଙ୍କରଙ୍କ ପରି ଅଗ୍ରଣୀ ମହିଳାମାନଙ୍କୁ ମାନ୍ୟତା ଦେବାର ତତ୍କାଳ ଆବଶ୍ୟକତା ରହିଛି।

ଫ୍ୟାସନ୍

## ବିବାହ ଉତ୍ସବରେ କଳିରେ ପରମ୍ପରା





ଆମ ଦେଶରେ ଅଲଗା ଅଲଗା ଧର୍ମ ଓ ସମୁଦାୟର ଲୋକମାନେ ରହନ୍ତି। ପ୍ରତି ଧର୍ମର ରୀତି, ନୀତି, ପରମ୍ପରା ଅଲଗା ଥାଏ ଓ ସେହି ଅନୁସାରେ ବିବାହ ଅନୁଷ୍ଠିତ ହୋଇଥାଏ। ବିବାହର ବନ୍ଧନ ବହୁତ ପବିତ୍ର। ଏହି ବୈବାହିକ କାର୍ଯ୍ୟକ୍ରମରେ ଅନେକ ପ୍ରକାରର ପରମ୍ପରାଗୁଡ଼ିକୁ ପାଳନ କରାଯାଏ। ଏହି ପରମ୍ପରାଗୁଡ଼ିକ ମଧ୍ୟରେ ଆଭୂଷଣ ବି ସାମିଲ ଥାଏ। ପଞ୍ଜାବୀ ବିବାହରେ ଏହିପରି ଏକ ରୋଚକପୂର୍ଣ୍ଣ ପରମ୍ପରା ରହିଛି ଯାହା ଅନୁସାରେ ବିବାହ କରିବାକୁ ଯାଉଥିବା ଝିଅ ହାତରେ ଚୂଡ଼ା ସେଟ୍ ଓ କଳିରେ ପିନ୍ଧିଥାଏ। ପଞ୍ଜାବୀମାନଙ୍କର ବିବାହରେ କଳିରେ ଏକ ପାରମ୍ପରିକ ଆଭୂଷଣ। ବୋହୂର ଚୂଡ଼ା ସହିତ ଏହାକୁ ଯୋଡ଼ା ଯାଇଥାଏ ଯାହାକୁ ସମୃଦ୍ଧି ଓ ଆନନ୍ଦର ପ୍ରତୀକ ବୋଲି ଲୋକମାନେ ମାନନ୍ତି। ନୂଆ ଘରେ ବୋହୂର ପ୍ରବେଶ ସହିତ କଳିରେକୁ ଲୋକମାନେ ସୁଖ-ସମୃଦ୍ଧିର ଆଗମନ ଭାବରେ ମାନନ୍ତି।

ପଞ୍ଜାବୀ ବିବାହରେ ଏହି କଳିରେ ଓ ଚୂଡ଼ାକୁ ଝିଅର ମାମୁ ନେଇ ଆସନ୍ତି ଯେଉଁଥିରେ ଧଳା ଓ ଲାଲ୍ ରଙ୍ଗର ୨୧ଟି ଚୁଡ଼ିଥାଏ। ଏହା ସହିତ ଅନ୍ୟ ଏକ ପରମ୍ପରା ଅନ୍ତର୍ଗତ ତା'ର ଚୂଡ଼ା ଓ କଳିରେ ପିନ୍ଧିବା ପରେ ସେଥିରେ ଏକ କପଡ଼ା ବାନ୍ଧି ଦିଆଯାଏ ଯେଉଁଥିରେ ବୋହୂ ମଣ୍ଡପ ଉପରକୁ ନ ଆସିବା ପର୍ଯ୍ୟନ୍ତ ଚୂଡ଼ାକୁ ଲୁଚେଇ ରଖାଯାଏ। ଏହାପରେ ବିବାହ ସମୟରେ ତଳେ ବସିଥିବା ଝିଅମାନଙ୍କ ଉପରେ ବିବାହ କରିବାକୁ ଯାଉଥିବା ଝିଅର କଳିରେକୁ ତାଙ୍କ ଆଗରେ ହଲେଇବାର ପରମ୍ପରା ରହିଛି। କଳିରେ ଯାହା ଉପରେ ପଡ଼େ ସେ ଝିଅର ବିବାହ ବହୁତ ଶୀଘ୍ର ହୋଇଯାଏ ବୋଲି ତାଙ୍କର ବିଶ୍ୱାସ ରହିଛି।

ପରମ୍ପରା ଅନୁସାରେ ବୋହୂ ବିବାହର ଏକ ବର୍ଷ ପର୍ଯ୍ୟନ୍ତ ବିବାହର ଚୂଡ଼ା ପିନ୍ଧିଥାଏ। କିନ୍ତୁ ଆଜିକାଲିର ବୋହୂମାନେ କେବଳ ୪୦ ଦିନ ପର୍ଯ୍ୟନ୍ତ ଚୂଡ଼ା ପିନ୍ଧୁଛନ୍ତି। କଳିରେ ଛତା ଆକାରର ହୋଇଥାଏ। ପୂର୍ବରୁ ଶୁଖିଲା ନଡ଼ିଆ ଓ ମଖାନାର ବ୍ୟବହାର କରାଯାଇ ଏହି କଳିରେଗୁଡ଼ିକୁ ତିଆରି କରାଯାଉଥିଲା କିନ୍ତୁ ଏବେ ଏଥିରେ ଆଧୁନିକତାର ସ୍ପର୍ଶ ଦିଆଯାଇ ବିଭିନ୍ନ ଡିଜାଇନ୍‌ରେ କେତେ ପ୍ରକାରର ସାମଗ୍ରୀଗୁଡ଼ିକୁ ବ୍ୟବହାର କରାଯାଉଛି। ପୂର୍ବରୁ ହାତୀଦାନ୍ତରେ ତିଆରି ଚୂଡ଼ାକୁ ଶୁଭର ପ୍ରତୀକ ଭାବରେ ଲୋକମାନେ ଗ୍ରହଣ କରୁଥିଲେ। ଏହି ଚୂଡ଼ାଗୁଡ଼ିକର ଦାମ୍ ସାମାନ୍ୟ ଚୂଡ଼ା ଠାରୁ ଅଧିକ ଥିଲା। ଏବେ କିନ୍ତୁ ପ୍ଲାଷ୍ଟିକ୍ ଚୂଡ଼ାର କେତେ ପ୍ରକାରର ପ୍ୟାଟର୍ଣ୍ଣ ବଜାରରେ ମିଳୁଛି। ବିବାହର ଅନ୍ୟ ସାମଗ୍ରୀଗୁଡ଼ିକ ସହିତ ଝିଅଟିଏ କଳିରେର ଚୟନ ବହୁତ ସାବଧାନତାର ସହିତ କରିଥାଏ ଯେପରି ସେ ସବୁଠାରୁ ସୁନ୍ଦର ଦେଖାଯିବ। ତେବେ ପାରମ୍ପରିକ ସୁନାର କଲେରା ଠାରୁ ଆରମ୍ଭ କରି ଅନୋଖା ଆଧୁନିକ କଳିରେ ପର୍ଯ୍ୟନ୍ତ ଏହାର ବିକଳ୍ପ ଅନ୍ତହୀନ।

**ସୁନାର କଳିରେ**-ଏହା ବୋଧହୁଏ ସବୁଠାରୁ ଲୋକପ୍ରିୟ ଓ ପ୍ରତିଷ୍ଠିତ ବିକଳ୍ପ। ସୁନା ସମୃଦ୍ଧି, ଧନ ଓ ସୌଭାଗ୍ୟର ଦେବୀ ମା' ଲକ୍ଷ୍ମୀଙ୍କ ଦିବ୍ୟ ଆଶୀର୍ବାଦର ପ୍ରତୀକ। ସୁନେଲି କିମ୍ବା ସୁନାର କଳିରେ ଘରେ ବିତ୍ତୀୟ ସ୍ଥିରତା ଓ ସଫଳତା ଆଣିଥାଏ।

**ରୁପାର କଳିରେ**-ଏହା କମ୍ ପ୍ରଚଳନରେ ଥାଏ କିନ୍ତୁ ଏହାର ମହତ୍ତ୍ୱ ରହିଛି। ଚନ୍ଦ୍ର ସହିତ ଜଡ଼ିତ ଥିବା କାରଣରୁ ରୁପା ଶାନ୍ତି, ସ୍ଥିରତା ଓ ସଦ୍‌ଭାବର ପ୍ରତୀକ। ତେଣୁ ରୁପା କଳିରେ ପିନ୍ଧି ବୋହୂ ଶାନ୍ତି ଓ ସନ୍ତୁଳନକୁ ବଜାୟ ରଖିବାକୁ ଚେଷ୍ଟା କରିଥାଏ।

**ଧଳା କଳିରେ**- ମୋତି ଓ ଶୈଳ କଳିରେ ଏ ସମୟରେ ଖୁବ୍ ଲୋକପ୍ରିୟ ହେଉଛି। ଧଳା ରଙ୍ଗ ଶୁଦ୍ଧତା, ନୂଆ ପ୍ରାରମ୍ଭ ଓ ଆଧ୍ୟାତ୍ମିକ ସ୍ୱଷ୍ଟତାର ପ୍ରତିନିଧିତ୍ୱ କରେ। ଏହା ବିବାହର ଥିମ୍‌ଗୁଡ଼ିକୁ ପୂରା କରିବା ସହିତ ପାରମ୍ପରିକ ଶୃଙ୍ଗାରରେ ଏକ ଆଧୁନିକ ମୋଡ଼ ଯୋଡ଼ିଥାଏ।

ଖାଦ୍ୟଶାଳ

## ଓଟ୍‌ସ କଟ୍‌ଲେଟ୍

ଓଟ୍‌ସକୁ କେବଳ ଗରମ ପାଣିରେ ଫୁଟେଇ ଖାଇବାକୁ ଲୋକମାନେ ପସନ୍ଦ କରନ୍ତି। କିନ୍ତୁ ଓଟ୍‌ସରେ ତିଆରି ଅନ୍ୟ ରେସିପି ଲୋକମାନଙ୍କୁ ନିଶ୍ଚିତ ଭାବରେ ପସନ୍ଦ ଆସିବ। ଏହା ମଧ୍ୟରେ ରହିଛି ଓଟ୍‌ସରେ ତିଆରି କଟ୍‌ଲେଟ୍। ଓଜନ ହ୍ରାସ କରିବାକୁ ଓଟ୍‌ସ କଟଲେଟ୍‌କୁ ଘରେ ତିଆରି କରି ଖାଆନ୍ତୁ। ଘରକୁ ଆସିଥିବା ଅତିଥି କିମ୍ବା ପିଲାମାନଙ୍କ ଟିଫିନ୍‌ରେ ଏହି କଟ୍‌ଲେଟ୍ ଦେଇପାରିବେ। ଏଥିରେ ପରିବା, ଓଟ୍‌ସ ଓ ପନିର୍ ଆଦି ପଡ଼ିଥାଏ।



**ପ୍ରଣାଳୀ**

**ପ୍ରଥମ ଷ୍ଟେପ୍**-କଟ୍‌ଲେଟ୍ ତିଆରି କରିବା ପାଇଁ ଅଧା କପ୍ ଓଟ୍‌ସ ନେବେ। ଏଥିରେ ଢ଼ାଳନ୍ତୁ ତିନି ଚାମଚ ଦହି ଓ ଏହି ଦୁଇଟି ସାମଗ୍ରୀକୁ ମିଶାଇ ସେଟ୍ ହେବା ପାଇଁ ରଖିଦିଅନ୍ତୁ। ଏବେ ନିଜ ପସନ୍ଦ ମୁତାବିକ ଓଟ୍‌ସରେ ପରିବା ପକାଇବେ।


**ଦ୍ୱିତୀୟ ଷ୍ଟେପ୍**- ୧/୪ କପ୍ କ୍ୟାପ୍‌ସିକମ୍, ୧/୪ କପ୍ ପନିର୍, ୧/୪ କପ୍ କଦୁକଷ ହୋଇଥିବା ଗାଜର, ଅଳ୍ପ କଟା ବ୍ରୋକ୍‌ଲୀ, ବିନ୍ସ, କଞ୍ଚା ଲଙ୍କା ଓ ଧଣିଆ ପତ୍ର। ଏଥିରେ ଅଦା ଓ ରସୁଣକୁ କାଟି ପକାଇବେ। ଇଚ୍ଛାନୁସାରେ ଶୁଖିଲା ମସଲା ଏଥିରେ ପକାଇ ପାରିବେ ଯଥା-ହଳଦୀ, ଲୁଣ, ଲାଲ୍ ଲଙ୍କା ପାଉଡର୍, ଜିରା ପାଉଡର୍, ଆମ୍ବଚୂର ପାଉଡର୍ ଓ ଗରମ ମସଲା ପାଉଡର୍।



**ତୃତୀୟ ଷ୍ଟେପ୍**-ଏସବୁ ସାମଗ୍ରୀକୁ ଭଲ ଭାବରେ ମିଶାଇଦେବେ। ପନିର୍ ପକେଇବା ଦ୍ୱାରା ଏହାର ବାଇଣ୍ଡିଂ ଖୁବ୍ ଭଲ ରହିବ। ତେବେ ଏଥିରେ ଓଟ୍‌ସକୁ ପେଷି ପକାଇ ପାରିବେ। ସିଝା ଆଳୁକୁ ମଧ୍ୟ ମିକ୍ସ କରି ମିଶାଇପାରନ୍ତି। ଏବେ ଏଗୁଡ଼ିକୁ କଟଲେଟ୍‌ର ଆକାର ଦିଅନ୍ତୁ।

**ଚତୁର୍ଥ ଷ୍ଟେପ୍**-ଏକ ପ୍ୟାନ୍ ଗରମ କରି ତେଲ ଢ଼ାଳନ୍ତୁ ଓ ସେଥିରେ କଟ୍‌ଲେଟ୍‌କୁ ରଖି ଫ୍ରାଏ କରିବେ। ମଧ୍ୟମ ଆଞ୍ଚରେ କଟଲେଟ୍‌କୁ ରଖି ଦୁଇ ପାର୍ଶ୍ୱ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ। ଏହିପରି ଭାବରେ ସବୁ କଟ୍‌ଲେଟ୍‌କୁ ଫ୍ରାଏ କରିବା ପରେ ସସ୍ କିମ୍ବା ଯେକୌଣସି ଚଟଣି ସହିତ ଖାଇବାକୁ ଦିଅନ୍ତୁ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - କାର୍ଯ୍ୟକ୍ଷେତ୍ରରେ କାମର ଚାପ ରହିବ। ବ୍ୟାପାରରେ ମିଶ୍ରିତ ଫଳାଫଳ ପାଇବେ। ନିବେଶ କରିବା ପୂର୍ବରୁ ପରାମର୍ଶ ନେବା ଜରୁରୀ। ଦିନଟି ଆପଣଙ୍କ ପକ୍ଷରେ ଯିବ। ପାରିବାରିକ ବିବାଦର ସମାଧାନ ହେବ।

**ବୃଷ** - ଆଗକୁ ବଢ଼ିବାର ସୁଯୋଗ ପାଇବେ। ବ୍ୟାପାରରେ ନୂଆ ଲୋକଙ୍କ ସହିତ ସମ୍ପର୍କ ରଖିବେ। ଆର୍ଥିକ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ପାଇବେ। ପରୀକ୍ଷାର ପରିଣାମ ଆପଣଙ୍କ ସପକ୍ଷରେ ଯିବ।

**ମିଥୁନ** - କାର୍ଯ୍ୟକ୍ଷେତ୍ରରେ ଅଧିକ କାମ ରହିବ। କ୍ଳାନ୍ତ ଅନୁଭବ କରିବେ। ଅଟକିଥିବା ଡିଲ୍‌ରୁ ଲାଭ ପାଇବେ। ସଞ୍ଚୟ ଯୋଜନା ଆରମ୍ଭ କରିବେ। ଆଜି ବିଦ୍ୟାର୍ଥୀଙ୍କ ପାଇଁ ପରିଶ୍ରମଭରା ଦିନଟିଏ।

**କର୍କଟ** - କ୍ୟାରିୟର୍‌ରେ ଉତ୍ଥାନ-ପତନ ଦେଖିବାକୁ ମିଳିବ। ବ୍ୟବସାୟରେ ସାବଧାନ ରୁହନ୍ତୁ। ସେୟାର୍ ବଜାରରେ ନିବେଶ ପୂର୍ବରୁ ପରାମର୍ଶ ନେବା ଜରୁରୀ। ପାଠପଢ଼ା ସହିତ ଅନ୍ୟ ଜିନିଷ ପ୍ରତି ଧ୍ୟାନ ଦେବେ।

**ସିଂହ** - କାମରେ ବ୍ୟସ୍ତତା ରହିବ। ପରିଣାମ ଭଲ ପାଇବେ। ଖୁବ୍ ଲାଭ ମିଳିବ। ଭାବିଚିନ୍ତି ଖର୍ଚ୍ଚ କରିବେ। ନୂଆ କଥା ଶିଖିବାର ସୁଯୋଗ ପାଇବେ। ପରିବାରରୁ ସହଯୋଗ ମିଳିପାରେ।

**କନ୍ୟା** - କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିବ। ବ୍ୟାପାର ମାମଲାରେ ଚାଲାକ ହୁଅନ୍ତୁ। କୌଣସି ସାଙ୍ଗଙ୍କୁ ଅର୍ଥ ସାହାଯ୍ୟ କରିପାରନ୍ତି। ଅଧିକରୁ ଅଧିକ ପରିଶ୍ରମ କରିବେ। ଖୁବ୍ ଭଲ ପରିଣାମର ଆଶା ରହିଛି।

**ତୁଳା** - କାର୍ଯ୍ୟକ୍ଷେତ୍ରରେ ବିବାଦ ହୋଇପାରେ। ବ୍ୟାପାରରେ ଆଜି ଅଧିକ ଲାଭ ପାଇବେ। ଧନର ସଞ୍ଚୟ କରିବେ। ଫାଲ୍‌ତୁ ଖର୍ଚ୍ଚକୁ ନିୟନ୍ତ୍ରଣ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରିବେ।

**ବିଛା** - କାମକୁ ଗମ୍ଭୀରତାର ସହିତ ନିଅନ୍ତୁ। ଭାଗୀଦାରୀରେ ବ୍ୟାପାର ନକଲେ ଭଲ। ଧାର୍ ନିଅନ୍ତୁ ନାହିଁ କି ଦିଅନ୍ତୁ ନାହିଁ। ସନ୍ତାନ ପକ୍ଷରୁ ଚିନ୍ତା ରହିବ। ଗରିବ ଲୋକଙ୍କୁ ଖାଇବାକୁ ଦେବେ।

**ଧନୁ** - ଚାକିରି କ୍ଷେତ୍ରରେ କାମ ଦ୍ୱାରା ସମ୍ମାନିତ ହେବେ। ବ୍ୟବସାୟରେ ନୂଆ ପ୍ରାରମ୍ଭ ପାଇଁ ଖୁବ୍ ଭଲ ଦିନ। କୌଣସି ପ୍ରକାରର ସ୍କିମ୍‌ରୁ ଅର୍ଥ ସଞ୍ଚୟ କରିପାରିବେ। କିଛି ପ୍ରଶ୍ନର ଉତ୍ତର ପାଇବା କଠିନ ହେବ।

**ମକର** - କାମରେ ମନ ଲାଗି ରହିବ। ନିଜ ଯୋଜନାକୁ ସେୟାର୍ କରନ୍ତୁ ନାହିଁ। ବ୍ୟାପାରରେ ବଡ଼ିଆ ଅର୍ଡର ମିଳିପାରେ। ଧନ ଖର୍ଚ୍ଚ ପୂର୍ବରୁ ନିବେଶ ପାଇଁ ଚିନ୍ତା କରନ୍ତୁ। କୌଣସି ସମ୍ପର୍କୀୟଙ୍କ ଘରକୁ ଯାଇପାରନ୍ତି।

**କୁମ୍ଭ** - କାର୍ଯ୍ୟକ୍ଷେତ୍ରରେ ସମୟ ପୂର୍ବରୁ କାମ ଶେଷ ହେବ। ବ୍ୟାପାରରେ ଭାଗୀଦାରଙ୍କ ତଲାଶ କରିବେ। ଘରେ ସଫିଂ କରିବା କାରଣରୁ ଅଧିକ ଖର୍ଚ୍ଚ ହେବ। ପାଠପଢ଼ା ପାଇଁ ଅଲଗା କୋର୍ସର ଚୟନ କରିପାରନ୍ତି।

**ମୀନ** - ସହକର୍ମୀଙ୍କ ସହାୟତା କରିପାରନ୍ତି। କୌଣସି ଅବସର ହାତରୁ ଯିବାକୁ ଦେବେ ନାହିଁ। ଧନ ସଞ୍ଚୟ ପାଇଁ ଚିନ୍ତା କରିପାରନ୍ତି। ପରୀକ୍ଷାରେ ଖୁବ୍ ଭଲ ପରିଣାମ ପାଇଁ ପରିଶ୍ରମ କରିବେ। ଘରେ ଚାପପୂର୍ଣ୍ଣ ପରିବେଶ ରହିବ।

# ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ

**ଭଦ୍ରକ,୯।୭/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ଆଜି ଦେଶବ୍ୟାପୀ ଧର୍ମଘଟ ଓ ବନ୍ଦ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକରେ ମଧ୍ୟ ଧର୍ମଘଟ ଓ ବନ୍ଦ ପାଳନ ହୋଇଛି। କେନ୍ଦ୍ର ସରକାରର ଶ୍ରମିକ ମାରଣ ନୀତିକୁ ବିରୋଧ କରାଯିବା ସହି ୧୮ ଦଫା ଦାବି ନେଇ ଏହି ଧର୍ମଘଟ କରାଯାଇଥିଲା। କେନ୍ଦ୍ର ସରକାର ଅତୀତର ଶ୍ରମ ଆଇନକୁ ରଦ୍ଦ କରି ନୂତନ ଭାବେ ୪ଟି ଶ୍ରମକୋର୍ଡ଼ ପ୍ରସ୍ତୁତ କରୁଥିବା ଅଭିଯୋଗ ନେତୃମଣ୍ଡଳୀ ଧର୍ମଘଟ ସମୟରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପ୍ରକାଶ କରିଥିଲେ। ବିଶେଷ କରି ପ୍ରସ୍ତାବିତ ୪ଟି ଶ୍ରମକୋର୍ଡ଼ ଲାଗୁ ନକରିବା, ଆଖିବୁଜା ଘରୋଇକରଣ ଓ ନିଗମିକରଣ ବନ୍ଦ କରିବା, ସ୍ମାର୍ଟ ବିଜୁଳି ମିଟର ଲଗାଇବା ବନ୍ଦ କରିବା, ଘୋଷଣା ହୋଇଥିବା ସର୍ବନିମ୍ନ ମଜୁରୀ ଓ ଶ୍ରମ ଆଇନକୁ ଦୃଢ଼ତାର ସହିତ ଲାଗୁ କରି ମାସିକ ସର୍ବନିମ୍ନ ମଜୁରୀ ୨୬ ହାଜର ଟଙ୍କା ସାଙ୍ଗକୁ ଡିଏ ଏବଂ ପେନ୍‌ସନ୍ ମାସିକ ୧୫ ହଜାର ପ୍ରଦାନ, ଏନ୍‌ପିଏସ୍ ଏବଂ ୟୁପିଏସ୍‌କୁ ରଦ୍ଦ କରି ଓପିଏସ୍‌କୁ ଲାଗୁ କରିବା, ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ନିର୍ମାଣ ଏବଂ ବିଡ଼ି ଶ୍ରମିକ କଲ୍ୟାଣ ବୋର୍ଡ଼ ରଦ୍ଦ ପ୍ରସ୍ତାବ ପ୍ରତ୍ୟାହାର, ଆଉଟ୍‌ସୋର୍ସିଂ ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ମନରେଗାରେ କାର୍ଯ୍ୟଦିବସ ସର୍ବନିମ୍ନ ୨୦୦ ଦିନ କରାଯିବା ସହିତ ଦୈନିକ ମଜୁରି ୬ଶହ ଟଙ୍କା କରିବା, ପ୍ରବାସୀ ଶ୍ରମିକ ଆଇନକୁ ଲାଗୁ କରିବା, ରୁଗ୍‌ଣ ହୋଇ ପଡ଼ିଥିବା କାରଖାନା ପୁନଃ ଚାଲୁ କରିବା, ସରକାରୀ ବିଭାଗରେ ଖାଲି ପଡ଼ିଥିବା ପଦ ତୁରନ୍ତ ପୂରଣ କରିବା, ଉତ୍ପାଦିତ କୃଷି ସାମଗ୍ରୀର ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବିପିଏଲ୍ ବର୍ଗରେ ସାମିଲ କରିବା, ମହିଳା ଶ୍ରମିକଙ୍କୁ ସମାନ କାମରେ ସମାନ ଦରମା ଓ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ବନ୍ଦ କରିବା ଦିଗରେ କଡ଼ା ଆଇନ ପ୍ରଣୟନ କରିବା ଭଳି ବହୁ ଦାବି ଉପସ୍ଥାପନ କରାଯାଇଥିଲା। ଆଇଏନଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍, ସେୱା, ୟୁଟିୟୁସି ଓ ସ୍ୱାଧୀନ ଫେଡେରେସନ୍ ସଂଗଠନର ମିଳିତ ଧର୍ମଘଟ ଡାକରାରେ ଭଦ୍ରକର ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ନାରୀନେତ୍ରୀ ଜୟନ୍ତୀ ବିଶ୍ୱାଳ, ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଜିଲ୍ଲା ସମ୍ପାଦିକା ଗାୟତ୍ରୀ ବେହେରା, ନାରୀନେତ୍ରୀ ରଶ୍ମିତା ପଣ୍ଡା, ମାନସୀ ଖଟୁଆ, ସରସ୍ୱତୀ ଜେନା, ଲକ୍ଷ୍ମୀପ୍ରିୟା ରାଉତ, ଝିଲିରାଣୀ ବେହେରା, ଶ୍ରମିକନେତା ଉଦ୍ଧବ ପଣ୍ଡା, ଉତ୍ତମ ଗୋଚ୍ଛାୟତ, ଯତୀନ୍ଦ୍ର ମଲ୍ଲିକ, ଚନ୍ଦନ ସେଠୀ, ଶରତ ପଣ୍ଡା, ଗୋପୀମୋହନ ନାଥ, ରାଜେନ୍ଦ୍ର ତରାଇ, ହେମଲତା ପାଣିଗ୍ରାହୀ, ସବିତ୍ରୀ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଧର୍ମଘଟକାରୀମାନେ ସକାଳ ୬ଟା ଠାରୁ ଜାତୀୟ ରାଜପଥ ୧୬କୁ ବନ୍ଦ ରଖିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ସମ୍ମୁଖରେ ପିକେଟିଂ କରି ବନ୍ଦ କରାଇଥିଲେ। ପରେ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କ ହସ୍ତକ୍ଷେପରେ ଏହି ଧର୍ମଘଟ ଦିବା ୨ ଘଟିକାର ପ୍ରତ୍ୟାହୃତ ହେବା ସହିତ ରାଜପଥରେ ଯାହନ ଚଳାଚଳ କରିଥିଲା।




**ବାଲେଶ୍ୱର:** ବିଭିନ୍ନ କେନ୍ଦ୍ରୀୟ ସଙ୍ଗଠନ ଏବଂ ସ୍ୱାଧୀନ ଫେଡେରେସନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଯାଇଛି। ସୂଚନା ଅନୁସାରେ ସକାଳ ୬ଟାରେ ଆନ୍ଦୋଳନକାରୀମାନେ ବାଲେଶ୍ୱର ଷ୍ଟେସନ୍ ପରିସରରେ ରେଳ ଧାରଣାରେ ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ଏହା ସ୍ୱାଭାବିକ ହୋଇଥିଲା। ଗଣେଶ୍ୱରପୁର ଶିଳ୍ପାଞ୍ଚଳର ଶ୍ରମିକମାନଙ୍କ ଦ୍ୱାରା ଜାତୀୟ ରାଜପଥ ୧୬ ଅବରୋଧ ଯୋଗୁଁ ଶତାଧିକ ମାଲବାହି ଟ୍ରକ ଅଟକିଥିବାର ଦେଖିବାକୁ ମିଳିଛି। ଏନେଇ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ସ୍ୱାଧୀନ କର୍ମଚାରୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରିବାର ଦେଖାଯାଇଛି। ଜିଲ୍ଲା ସଦର ମହକୁମାରେ ପ୍ରାୟତଃ ସମସ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କିନ୍ତୁ ଦୋକାନ ବଜାର ଆଂଶିକ ଖୋଲାଥିବାର ଜଣାପଡ଼ିଛି। ପରିବହନ କର୍ମଚାରୀମାନେ ଧର୍ମଘଟରେ ଯୋଗ ଦେଇଥିବାରୁ ସହଦେବଖୁଣ୍ଟା ବସଷ୍ଟାଣ୍ଡରୁ ଯାତ୍ରୀବାହୀ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଜିଲ୍ଲାର ବିଭିନ୍ନ କାରଖାନାର ଶ୍ରମିକମାନେ ଧର୍ମଘଟରେ ଯୋଗ ଦେବା ଫଳରେ ବିଭିନ୍ନ କାରଖାନା ବନ୍ଦ ରହିଥିଲା। ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଅଙ୍ଗନୱାଡ଼ି ସଙ୍ଗଠନ ପକ୍ଷରୁ ପିକେଟିଂ କରାଯିବାର ଦେଖିବାକୁ ମିଳିଛି। ମୋଟାମୋଟି ଭାବେ ଜିଲ୍ଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିବାର ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ଏକ ପ୍ରେସ ବାର୍ତ୍ତାରେ ସୂଚନା ଦିଆଯାଇଛି। ସେହିଭଳି ରେମୁଣା, ନୀଳଗିରି, ଜଳେଶ୍ୱର, ସିମୁଳିଆ ଆଦି ସ୍ଥାନରେ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ବନ୍ଦ ଥିବାବେଳେ ଦୋକାନ ବଜାର ଆଂଶିକ ବନ୍ଦ ଥିବାର ଦେଖିବାକୁ ମିଳିଛି। ଏଥିରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଜୟନ୍ତ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀ, ସିତାଂଶୁ ସେନାପତି, ଶିଶିର ହୁଇ, ପ୍ରେମରଞ୍ଜନ, ବିଜୟ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା-ଶ୍ରମିକ ଏହି ଧର୍ମଘଟରେ ସାମିଲ ଥିବାର ଦେଖିବାକୁ ମିଳିଛି।



**ସୋର:** ଆଜି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନଗୁଡ଼ିକ ଦ୍ୱାରା ଆହୁତ ସାଧାରଣ ଧର୍ମଘଟ ସୋର ରେ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟମାନେ ସକାଳ ୭ଟାରୁ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ ଫଳରେ ଜରୁରୀକାଳୀନ ଗାଡ଼ିଗୁଡ଼ିକୁ ବାଦ୍ ଦେଇ ଅନ୍ୟ ସମସ୍ତ ଶତାଧିକ ଯାନବାହନ ଅଟକି ରହିଥିଲେ। ସେହିପରି ଆନ୍ଦୋଳନକାରୀମାନେ ପିକେଟିଂ କରି ସମସ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ୍, କୋର୍ଟ, ବ୍ଲକ ଅଫିସକୁ ଅଚଳ କରିଥିଲେ। ଶତାଧିକ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ଆଶ୍ରମ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ସୋର ମ୍ୟୁନିସିପାଲିଟି, କୋର୍ଟ ଦେଇ ବ୍ଲକ ଅଫିସକୁ ଅଚଳ କରି ରଖିଥିଲେ। ମୁଖ୍ୟତଃ ୪୪ଟି ଶ୍ରମ ଆଇନ ପ୍ରଚଳନ ଏବଂ ୪ଟି ଶ୍ରମ କୋଡ୍ ବାତିଲ, ଆକାଶ ଛୁଆଁ ଦରଦାମ ବୃଦ୍ଧି ରୋକିବା, ଶିକ୍ଷିତ ବେକାରୀଙ୍କୁ ନିଯୁକ୍ତି, ନୂତନ କୃଷି ଆଇନ ପ୍ରତ୍ୟାହାର ପ୍ରଭୃତି ୧୭ ଦଫା ଦାବି କାର୍ଯ୍ୟକାରୀ ପାଇଁ ଧର୍ମଘଟ ଡାକରା ଦିଆଯାଇଛି ବୋଲି ଆନ୍ଦୋଳନକାରୀମାନେ ସୂଚନା ଦେଇଥିଲେ। ଏହି ଧର୍ମଘଟର ନେତୃତ୍ୱ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ମାୟାଧର ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ଅନାମ ପ୍ରସାଦ ବାରିକ, ସୋର ଅଞ୍ଚଳ ସମ୍ପାଦକ ଶଶୀକାନ୍ତ ପଣ୍ଡା, ବିପିନ ବିହାରୀ ବାରିକ, ସୀତାରାମ ସାହୁ, ସୁରେନ୍ଦ୍ର ପ୍ରସାଦ ମହାର୍ଣ୍ଣା, ରମେଶ ଚନ୍ଦ୍ର ପୁହାଣ, ଗଙ୍ଗାଧର ସାହୁ, ପ୍ରଶାନ୍ତ ଦାସ, ଆରତୀ ଦାଶ ମହାପାତ୍ର, ପୂର୍ଣ୍ଣିମା ସି, ଅନ୍ନପୂର୍ଣ୍ଣା ପ୍ରଧାନ, ସୁରେନ୍ଦ୍ର ପ୍ରସାଦ ବେହେରା, ଶରତ ଚନ୍ଦ୍ର ମହାରଣା ପ୍ରମୁଖ ନେତୃତ୍ୱ ନେଇଥିଲା ବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଉଠାଜଳସେଚନ ନିଗମ, ଅଙ୍ଗନବାଡ଼ି, ପାଚିକା, ଆଶା କର୍ମୀ ବ୍ୟାଙ୍କ, ପୋଷ୍ଟାଲ କର୍ମଚାରୀମାନେ ସହଯୋଗ କରିଥିଲେ।

**କେନ୍ଦୁଝର :** ସର୍ବ ଭାରତୀୟ ଧର୍ମଘଟ ଡାକରା ଦେଇଛି ଶ୍ରମିକ ସଂଗଠନ ଓ ବାମପନ୍ଥୀ ଦଳ। ବନ୍ଦ ଡାକରାରେ କେନ୍ଦୁଝରରେ ଚକ ଅଖ ବନ୍ଦ ରହିଛି। ବନ୍ଦକୁ ସମର୍ଥନ ଦେଇଛି ବିଜେଡି ଏବଂ କଂଗ୍ରେସ। ଏହି ଧର୍ମଘଟରେ ବ୍ୟାଙ୍କିଙ୍ଗ, ବୀମା କର୍ମଚାରୀ ସଂଘ ସାମିଲ ହୋଇଛନ୍ତି। ବନ୍ଦ ଯୋଗୁଁ କେନ୍ଦୁଝର ଜିଲ୍ଲାରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ହରତାଳ ଯୋଗୁଁ ସାର୍ବଜନୀନ ପରିବହନ ସେବା, ଯେପରିକି ବସ, ଅଟୋ ବାଧାପ୍ରାପ୍ତ ହୋଇଛି। ୧୮ ଦଫା ଦାବି ନେଇ ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ(ଏଆଇଟିୟୁସି) ସମେତ ୫ଟି ବାମପନ୍ଥୀ ଦଳ ଓ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧିନ ସର୍ବଭାରତୀୟ ଫେଡେରେସନ ଏଥିରେ ସାମିଲ ହୋଇଛନ୍ତି। ବିଶେଷ କରି କେନ୍ଦ୍ର ସରକାର ଆଣିଥିବା ୪ଟି ଶ୍ରମିକ ବିରୋଧି ଶ୍ରମିକ କୋଡକୁ ବାତିଲ କରିବାକୁ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ଦାବି କରିଛନ୍ତି। ହରତାଳ ଯୋଗୁଁ ଗାଡି ଚଳାଚଳ ବନ୍ଦ ରହିଥିବାବେଳେ ବ୍ୟାଙ୍କିଙ୍ଗ,ଫାଇନାନ୍ସ,ଡାକ ବିଭାଗ,ଖଣି ଓ କଳକାରଖାନାରେ ପରିବହନ ଉପରେ ପ୍ରଭାବ ପଡ଼ିଛି। ହରତାଳ ପ୍ରଭାବରେ ବୀମା, ଡାକ କାର୍ଯ୍ୟାଳୟ ଏବଂ ବହୁ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ହରତାଳ ଯୋଗୁଁ ଖଣିଜ ପରିବହନ ମଧ୍ୟ ବ୍ୟାଘାତ ହେବା ସହ ଶୁଆକାଟୀ ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ଖଣିଜ ପଥର ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଜାତୀୟ ରାଜପଥ ୨୦ ଓ ୪୯ରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଉଭୟ ଜାତୀୟ ରାଜପଥରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଛି। ବିକ୍ଷୋଭକାରୀମାନେ ଗାନ୍ଧୀଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ସ୍ଥାନଗୁଡିକରେ ପିକେଟିଂ ଓ ରାସ୍ତାରୋକ କରାଯାଇଥିଲା। ତେବେ ବନ୍ଦ ପାଳନରୁ ଅତ୍ୟାବଶ୍ୟକୀୟ ସେବାକୁ ବାଦ୍ ଦିଆଯାଇଛି। କେନ୍ଦୁଝର ସହରରେ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଗାଡି ଯଥା ଆମ୍ବୁଲାନ୍ସ ଗାଡ଼ି, ସ୍ୱାସ୍ଥ୍ୟ ବିଭାଗ ଗାଡ଼ି, ସ୍କୁଲ ବସ ଏବଂ ଭ୍ୟାନ, ପୌରପାଳିକା ଗାଡ଼ି, ଅଗ୍ନିଶମ ଗାଡ଼ି, କ୍ଷୀର ଗାଡ଼ି ସ୍ୱାଭାବିକ ଭାବେ ଚଳପ୍ରଚଳ କରିଥିଲା। କେନ୍ଦୁଝରରେ ବନ୍ଦ ପାଳନରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ଶ୍ରୀହରି ଘଣା, ଶୁଆକାଟୀ ଜୋନ୍ ସମ୍ପାଦକ ହୃଦାନନ୍ଦ ପାତ୍ର, ସହସମ୍ପାଦକ ବିରଞ୍ଚି ନାରାୟଣ ଦେହୁରୀ, ଜିଲ୍ଲା କୋଷାଧ୍ୟକ୍ଷ ରାଜାରାମ ମୁଣ୍ଡା, ଜଗଦୀଶ ଓରାମ, ମାର୍କଣ୍ଡ

**ବାରିପଦା:** ଦେଶର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ଆହୂତ ଦରବୃଦ୍ଧି ନିୟନ୍ତ୍ରଣ, ୪ଟି ବେଆଇନ ଶ୍ରମକୋଡ଼ ବାତିଲ, ଚାଷୀର ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପ୍ରଦାନ ପାଇଁ ଆଇନଗତ ସ୍ୱୀକୃତି ଦେବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ କରିବା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଇତ୍ୟାଦି ୧୭ ଦଫା ଦାବି ନେଇ ଅନୁଷ୍ଠିତ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଅଂଶ ବିଶେଷ ଭାବେ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ ସିପିଆଇ ତଥା ଏଆଇଟିୟୁସି, ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇଏମର ଜିଲ୍ଲା ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସିଆଇଟିୟୁର ରବି ଗୋସ୍ୱାମୀ, ଏଆଇୟୁଟିୟୁସିର ପୀତାମ୍ବର ନାଏକ, କଂଗ୍ରେସର ପୂର୍ବତନ ଟାଉନ ସଭାପତି ଶାନ୍ତନୁ ପାଲ ପ୍ରମୁଖ ୧୭ ଦଫା ଦାବି ଉପରେ ବକ୍ତବ୍ୟ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷ ମାରଣ ନୀତିକୁ ନେଇ ନିନ୍ଦା କରିଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଚଏମ୍‌ଏସ୍‌ର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାରିପଦା ରେଳ ଷ୍ଟେସନରୁ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ପକ୍ଷରୁ କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ସାମଲ, ବୁଧୁ ସିଂ, ଗୋବିନ୍ଦ ବେହେରା,ରୋହିଦାସ ସିଂ, ଶ୍ରୀକାନ୍ତ ବୋଷ, ତେବେ ଆଜି ଧର୍ମଘଟ କାରଣରୁ ଯାତ୍ରୀବାହୀ ବସ, ବିଭିନ୍ନ ମୋଟର ଯାନ, ବ୍ୟାଙ୍କ, ପୋଷ୍ଟଅଫିସ ଆଦି ବନ୍ଦ ରହିଥିବା କାରଣରୁ ସାଧାରଣ ଜନତା ବେଶ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

# ମଡ୍ୟୁଲାର୍ କିଚେନ୍ ସେବା ଉଦ୍‌ଘାଟିତ




**କେନ୍ଦୁଝର,୯।୭/ଏନ୍ଏନ୍ଏସ୍:** କେନ୍ଦୁଝର ସହର କରଞ୍ଜିଆ ବସଷ୍ଟପ ନିକଟରେ ମଡ୍ୟୁଲାର କିଚେନ୍ ସେବା ଉଦ୍‌ଘାଟିତ ହୋଇଯାଇଛି। ଦେଶର ଅନ୍ୟତମ ଶ୍ରେଷ୍ଠ ମଡ୍ୟୁଲାର କିଚେନ୍ ନିର୍ମାତା ସେବା ଯୋଗାଉଥିବା ପ୍ରେଷ୍ଟିଜ୍ କମ୍ପାନୀର ନୂତନ ସୋ'ରୁମ କେନ୍ଦୁଝରରେ ମା' ଏଣ୍ଟରପ୍ରାଇଜର୍ସ ଉଦ୍‌ଘାଟିତ ହୋଇଯାଇଛି। ମା' ଏଣ୍ଟରପ୍ରାଇଜର୍ସ ସତ୍ତ୍ୱାଧିକାରୀ ମୁକୁଲ ଗାଙ୍ଗୁଲିଙ୍କ ଉପସ୍ଥିତିରେ ତାଙ୍କର ଶ୍ୱଶୁର ପୀତାମ୍ବର ଚକ୍ରବର୍ତ୍ତୀ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏହି ସୋ' ରୁମ ଉତ୍କୃଷ୍ଟ ସେବା ଯୋଗାଇବାରେ ସମର୍ଥ ହେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଅଶ୍ୱିନୀ ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, ଡାକ୍ତର ସଞ୍ଜିବ ଓତା, ଆଇନଜୀବୀ ଚତୁର୍ଭୁଜ ହୋତା, ଡକ୍ଟର ସନ୍ଦୀପ ପଟ୍ଟନାୟକ, ମାନସ ରଞ୍ଜନ ତ୍ରିପାଠୀଙ୍କ ସହିତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ସାଧାରଣ ପରିଚାଳକ ସୌରଭ ଗୁପ୍ତା, ଆଞ୍ଚଳିକ ପରିଚାଳକ ପବିତ୍ର ଜେନା ଉପସ୍ଥିତ ଥିଲେ। ଅଲଟ୍ରାଫ୍ରେସ୍ ମଡ୍ୟୁଲାର ସଲ୍ୟୁସନସ୍ ଲିମିଟେଡ୍ ତରଫରୁ ୧୨ଶହ ସ୍କୋୟାର ଫୁଟ୍‌ର ଏକ ମଡ୍ୟୁଲାର କିଚେନ୍ ଷ୍ଟୁଡିଓ କେନ୍ଦୁଝରରେ ସେବା ଯୋଗାଇବ। ଏଥିରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍ ଶୈଳୀ ପ୍ରଦର୍ଶିତ ହୋଇଛି। ଟିଟିକେ ପେଷ୍ଟିଜ୍ କମ୍ପାନୀ, ଅଲଟ୍ରାଫ୍ରେସ୍ କମ୍ପାନୀକୁ ଅଧିଗ୍ରହଣ କରିବା ପରେ ଏହା ହେଉଛି କେନ୍ଦୁଝରରେ ଅଲଟ୍ରାଫ୍ରେସ୍ କମ୍ପାନୀର ପ୍ରଥମ ଷ୍ଟୁଡିଓ। ଏଠାରେ କିପରି ଲୋକମାନେ ଏକ କିଚେନ୍‌କୁ ଉନ୍ନତ, ଅତ୍ୟାଧୁନିକ ଓ ମଡ୍ୟୁଲାର ଢଙ୍ଗରେ କିଚେନ୍ ସଜାଇ ପାରିବେ ତାହା ପ୍ରଦର୍ଶିତ କରାଯାଇଛି। ଏଠାରେ କମ୍ପାନୀ ତରଫରୁ ପ୍ରଦର୍ଶିତ ସମସ୍ତ ପ୍ରକାରର ମଡ୍ୟୁଲାର କିଚେନ୍ ସୁଲଭ ମୂଲ୍ୟରେ ପ୍ରସ୍ତୁତ କରାଯାଇଥାଏ। ମଡ୍ୟୁଲାର କିଚେନ୍ ସେବା କେନ୍ଦୁଝର ସହରରେ ଅପହଞ୍ଚ ଥିଲା। ତେଣୁ ଲୋକେ ଏହି ଅତ୍ୟାଧୁନିକ ସେବା ପାଇଁ ବାହାର ଜିଲ୍ଲା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିଲେ। ନାମୀଦାମୀ କମ୍ପାନୀର ସେବା ମିଳିବା ବଦଳରେ ଅନେକ ସମୟରେ ଠକାମୀର ଶିକାର ହେଉଥିଲେ ଗ୍ରାହକ। ଏହାକୁ ଦୃଷ୍ଟିରେ ରଖି କେନ୍ଦୁଝର କରଞ୍ଜିଆ ବସଷ୍ଟାଣ୍ଡ ନିକଟ ଜାମୁହୋଟା ନିକଟରେ ଏହି ଅତ୍ୟାଧୁନିକ ସୋରୁମ୍ ଲୋକାର୍ପଣ ହୋଇଛି। ନୂତନ ସୋ' ରୁମ୍ ଉଦ୍‌ଘାଟନ ଅବସରରେ ଗ୍ରାହକମାନଙ୍କୁ ରିହାତି ପ୍ରଦାନ କରାଯାଉଛି ବୋଲି ମା' ଏଣ୍ଟର୍‌ପ୍ରାଇଜର୍ସ ସତ୍ତ୍ୱାଧିକାରୀ ମୁକୁଲ ଗାଙ୍ଗୁଲି ସୂଚନା ଦେଇଛନ୍ତି।

# ସ୍ତ୍ରୀକୁ ପିଟିପିଟି ହତ୍ୟାକଲା ସ୍ୱାମୀ

**ଯୋଡ଼ା,୯।୭/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ହାତୀମରା ଛକ ଗ୍ରାମରେ ପାରିବାରିକ କଳହରୁ ପତ୍ନୀକୁ ବାଡ଼ିରେ ପିଟି ପିଟି ସ୍ୱାମୀ ହତ୍ୟା କରିବା ଖବର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ସୁନୀଲ ମୁଣ୍ଡାଙ୍କ ସହ ତାଙ୍କ ପତ୍ନୀ କିତାମାଇ ମୁଣ୍ଡା (୨୩)ଙ୍କ ଆଜି ସକାଳ ସମୟରେ କୌଣସି କାରଣରୁ କଳହ ହୋଇଥିଲା। ଏଥିରେ ସ୍ୱାମୀ ସୁନୀଲ ମୁଣ୍ଡା ଉତ୍‌କ୍ଷିପ୍ତ ହୋଇ ଏକ ବାଡ଼ିରେ ପତ୍ନୀଙ୍କୁ ମାଡ଼ ମାରି ଲହୁ ଲୁହାଣ କରି ପକାଇଥିଲେ। ପରେ ନିଜ ପତ୍ନୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରକୁ ନେଇ ଶୁଆଇ ଦେଇଥିଲେ। ଏହିପରି ଅବସ୍ଥାରେ କୀତାମାଇ ମୁଣ୍ଡାଙ୍କର ମୃତ୍ୟୁ ହୋଇଥିଲା। ଏହା ଜାଣିବା ପରେ ସୁନୀଲ ମୁଣ୍ଡା ବାମେବାରି ଥାନାକୁ ଆତ୍ମସମର୍ପଣ କରିବା ଉଦ୍ଦେଶ୍ୟରେ ଚାଲି ଚାଲି ଆସୁଥିବା ବେଳେ ବାମେବାରି ପୁଲିସ ଖବର ପାଇ ଘଟଣାସ୍ଥଳକୁ ଯିବା ସମୟରେ ଅଭିଯୁକ୍ତ ସୁନିଲଙ୍କୁ ରାସ୍ତାରୁ ଉଠାଇ ନେଇଥିଲା। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏବଂ ବାମେବାରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଖୋଲିଲା ହଳଦିଆ ଡ୍ୟାମ୍‌ର ଦୁଇଟି ଗେଟ୍



**ବାରିପଦା,୯।୭/ଏନ୍ଏନ୍ଏସ୍:** ଜିଲ୍ଲାରେ କିଛିଦିନ ଧରି ଲଗାତର ବର୍ଷା ଜାରି ରହିଥିବାରୁ ଏବଂ ଆଗକୁ ମଧ୍ୟ ବର୍ଷା ହେବାର ସତର୍କ ସୂଚନା ଥିବାରୁ ଜଳ ସେଚନ ବିଭାଗର ନିଷ୍ପତ୍ତି ଅନୁଯାୟୀ ହଳଦିଆ ଡ୍ୟାମ୍‌ର ଆଜି ସକାଳେ ଦୁଇଟି ଗେଟ୍ ଖୋଲାଯାଇଛି। ଦୁଇଟି ଗେଟ ମାଧ୍ୟମରେ ବର୍ତ୍ତମାନ ୫ ସ୍କୋୟାର ମିଟର ଜଳ ନିଷ୍କାସନ ହେଉଥିବା ଏବଂ ଆଗାମୀ ସମୟରେ ଅଧିକ ବର୍ଷା ହେଲେ ଅଧିକ ଗେଟ ମଧ୍ୟ ଖୋଲାଯିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୁରେଶ ବେହେରା ସୂଚନା ଦେଇଛନ୍ତି। ତେବେ ଡ୍ୟାମ୍‌ର ଗେଟ ଖୋଲାଯାଇଥିବାରୁ ନଦୀକୂଳିଆ ଗ୍ରାମଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ଲୋକଙ୍କୁ ନଦୀକୂଳକୁ ନ ଯିବାକୁ ଏବଂ ଗୃହପାଳିତ ପଶୁଙ୍କୁ ନ ଛାଡ଼ିବାକୁ ସଚେତନ କରାଯାଇଛି ଏବଂ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ କହିଛନ୍ତି। ହଳଦିଆ ଡ୍ୟାମ୍‌ର ଗେଟ୍ ଖୋଲିଥିବାରୁ ଚିପଟ ବୁଢ଼ାବଳଙ୍ଗ ଏବଂ ଅନ୍ୟାନ୍ୟ ନାଳଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି।

# ଏଫ୍‌ଏମ୍‌ୟୁ ପ୍ରାକ୍ତନ ଛାତ୍ର ସଂସଦର ପଞ୍ଚମ ବାର୍ଷିକ ସମ୍ମିଳନୀ



**ବାଲେଶ୍ୱର,୯।୭/ଏନ୍ଏନ୍ଏସ୍:** ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପଞ୍ଚମ ବାର୍ଷିକ ମେଗା ସମ୍ମିଳନୀ-୨୦୨୫ ବୁଧବାର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ସହ ସ୍ୱତନ୍ତ୍ର ସମ୍ପର୍କ ଗଢ଼ି ତୋଳିବା ଏବଂ ଏହି ମାଧ୍ୟମରେ ଜ୍ଞାନ, ଅଭିଜ୍ଞତା ଓ ସାଧନାର ଆଦାନ-ପ୍ରଦାନ ସ୍ଥାପିତ କରିବା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଅଧିକନ୍ତୁ ଏଥିରେ 'ଛାତ୍ରଟିଏ ଯ ବହିଟିଏ' ଅଭିଯାନ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଠାଗାରରେ ଏକ ଆଲୁମିନି ଲାଇବ୍ରେରୀର ସ୍ଥାପନା କରାଯାଇଥିଲା। ପ୍ରାକ୍ତନ ଛାତ୍ରଛାତ୍ରୀମାନେ ବିଭିନ୍ନ ପୁସ୍ତକ ଦାନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରାକ୍ତନ ଛାତ୍ର ସଂସଦର ବାର୍ଷିକ ବୈଠକରେ ଆଇଟିଆର-ଡିଆରଡିଓର ଅତିରିକ୍ତ ନିର୍ଦ୍ଦେଶକ ଓ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଡ଼ା. ନୀଳାଦ୍ରି ରାଏ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନିଜ ଉଦ୍‌ବୋଧନରେ ପୁରାତନ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ଉଦ୍ଦେଶ୍ୟରେ ଅନେକ ମୂଲ୍ୟବାନ ମନ୍ତବ୍ୟ ଓ ଉପଦେଶ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସେକ୍ରେଟେରୀ ଡକ୍ଟର ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ 'ବ୍ୟାସ ପ୍ରଜ୍ଞା' ନାମକ ଆଲୁମିନି ନିଉଜଲେଟର ଉନ୍ମୋଚନ କରାଯାଇଥିଲା। ସେହିପରି ୨୭ ଜଣ ଯୋଗ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ସମ୍ମାନପତ୍ର ସହ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆଲୁମିନି ସଂସଦର ଭାଇସ ପ୍ରେସିଡେଣ୍ଟ ଡକ୍ଟର ମିନତୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଜଣାଇଥିଲେ ଯୁଗ୍ମ ସେକ୍ରେଟେରୀ ଡ଼କ୍ଟର ଜଗନ୍ନାଥ ବେହେରା। ଆସନ୍ତା ୧୧ ଜୁଲାଇରେ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହ କୁଳପତି ପ୍ରଫେସର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟର ପୁରୁଣା କ୍ୟାମ୍ପସରୁ ନୂଆପାଢ଼ୀ ପର୍ଯ୍ୟନ୍ତ ଏକ ସାଇକେଲ ରାଲି ଆୟୋଜିତ ହୋଇଥିଲା।

# ସତ୍ୟାନନ୍ଦ ହାଇସ୍କୁଲରେ ଛାତ୍ର ପ୍ରତିଭା ସମ୍ବର୍ଦ୍ଧନା

**ସୋର,୯।୭/ଏନ୍ଏନ୍ଏସ୍:** ସ୍ଥାନୀୟ ସତ୍ୟାନନ୍ଦ ହାଇସ୍କୁଲରେ ଛାତ୍ର ପ୍ରତିଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ତିନି ଜଣ ଛାତ୍ର ଚିତ୍ତରଞ୍ଜନ ବାରିକ, ଦିଗ ବିଜୟ ସାହୁ, କୌଶକ କର ଆମେରିକାର ଟେକ୍ସାସ୍ ସହରରେ ଗ୍ଲୋବାଲ୍ ଜ୍ୟୁନିକର୍ଣ୍ଣ ଆଣ୍ଡ୍ ଏଆଇ ସୁନିଟ୍ ୨୦୨୫, ୟଙ୍ଗ୍ ଟିଙ୍କର୍ ଅର୍ଗାନାଇଜେସନ୍ ସହାୟତାରେ ଆମ ଦେଶରୁ ପ୍ରତିନିଧିତ୍ୱ କରି ଜିଲ୍ଲା ତଥା ରାଜ୍ୟକୁ ଗୌରବାନ୍ୱିତ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉ କି ଭାରତରୁ ୨୮ ଜଣ ମଧ୍ୟରୁ ଓଡ଼ିଶାରୁ ୮ ଜଣ, ସର୍ବୋପରି ସୋରରୁ ୩ ଜଣ ଛାତ୍ରଙ୍କ ଅଂଶଗ୍ରହଣ ବାସ୍ତବ ରେ ପ୍ରଶଂସନୀୟ ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟ ରେ ପ୍ରକାଶ କରିଥିଲେ। ସଭାରେ ଜାତୀୟସ୍ତରରେ ଭାଗ ନେଇଥିବା ଛାତ୍ରୀ ସୁକନ୍ୟା କର, ୨୦୨୫ ମସିହା ହାଇସ୍କୁଲ ବୋର୍ଡ ପରୀକ୍ଷାରେ ଇ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ତୁଷାର ପାତ୍ର ଓ ଅଭିଲିପ୍ସା ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି ଛାତ୍ରଛାତ୍ରୀଙ୍କୁ ବଧାଇ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ସୋର ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅଭୟ କୁମାର ମଲ୍ଲିକ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବା ପାଇଁ ଉପଦେଶ ଦେଇଥିଲେ। ଆଲୁମିନି କମିଟିର ସଭାପତି ଅଶୋକ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ପଣ୍ଡା ସଭାପତିତ୍ୱ କରିଥିଲେ।




# ଦୁର୍ଘଟଣାରେ ଜଣେ ଗୁରୁତର

**ସୋର,୯।୭/ଏନ୍ଏନ୍ଏସ୍:** ଔପଦା ବ୍ଲକ ଈଶ୍ୱରପୁର ଗ୍ରାମର ରଘୁନାଥ ସାହୁ (୨୮) ଆଜି ସକାଳ ଈଶ୍ୱରପୁରରୁ ସୋର ଅଭିମୁଖେ ବାଇକ୍‌ରେ ଯାଉଥିବାବେଳେ ଏକ ଟ୍ରାକ୍ଟର ନାୟକ ବନ୍ଧ ଗଳାପୋଲ ନିକଟରେ ତାଙ୍କୁ ଧକ୍କା ଦେବାରୁ ତାଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସନ୍ଥ ଅରକ୍ଷିତଙ୍କ ଜନ୍ମତିଥିରେ ଇଂରାଜୀ ପୁସ୍ତକ ଉନ୍ମୋଚିତ

# 'ମହୀମଣ୍ଡଳ ଗୀତା'ରେ ଥିଲା ସମାଜ ସଂସ୍କାରକ ବାର୍ତ୍ତା

**ବାଲିଚନ୍ଦ୍ରପୁର,୯।୭/ଏନ୍ଏନ୍ଏସ୍:** ଆଲୋକ ଓ ଆନନ୍ଦର ଏକ ମହାକାବ୍ୟ ହେଉଛି 'ମହୀମଣ୍ଡଳ ଗୀତା'। ଜଣେ ଏହି ଦିବ୍ୟ ଭାବନାର ଯେତେ ଗଭୀରତା ଭିତରକୁ ପ୍ରବେଶ କରିବ- ସେତେ ଆନନ୍ଦ ଏବଂ ଅମୃତତ୍ୱକୁ ଅନୁଭବ କରିପାରିବ। ସମଗ୍ର ଜଗତକୁ ନିଜ ଆତ୍ମଚରିତର ଏଇ ଅସାଧାରଣ କୃତି ଜରିଆରେ ମହାପୁରୁଷ ଅରକ୍ଷିତ ଦାସ ଏକ ସୁନ୍ଦର ବାର୍ତ୍ତା ଦେଇଯାଇଛନ୍ତି ବୋଲି କହିଛନ୍ତି ବିଶିଷ୍ଟ ସାହିତ୍ୟିକ ପ୍ରଫେସର ମନୋରଞ୍ଜନ ମହାନ୍ତି। ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଅଷ୍ଟାଦଶ ଶତାବ୍ଦୀର ସନ୍ଥସାଧକ ଅରକ୍ଷିତ ଦାସଙ୍କ ପୁଣ୍ୟ ଆବିର୍ଭାବ ଦିବସ ମା' ଓଲାଶୁଣୀ ପୀଠଠାରେ ପାଳିତ ହୋଇଥିଲା। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବରେଣ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ମହାନ୍ତି କହିଥିଲେ ଯେ ଜୀବ ଭିତରେ ପରମ ରହିଛନ୍ତି। ସେହି ପରମକୁ ଅତି ଅନ୍ତରଙ୍ଗ ଭାବେ ଗ୍ରହଣ କରି ହିରଣ୍ୟଗର୍ଭ ଭିତରୁ ଅକ୍ଷର ବ୍ରହ୍ମକୁ ଚିହ୍ନି ସନ୍ଥ ଅରକ୍ଷିତ ମାନବ ଜୀବନର କଲ୍ୟାଣ ପାଇଁ ମାର୍ଗ ନିର୍ଦ୍ଦେଶିତ କରିଯାଇଛନ୍ତି।

ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ ତଥା ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ ଓ ଅଧ୍ୟାପକ ଡ. ଯଚିନ୍ଦ୍ର କୁମାର ରାଉତ କହିଥିଲେ ଯେ ଓଡ଼ିଆ ଭକ୍ତି ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସନ୍ଥ ଅରକ୍ଷିତଙ୍କ ଆଧ୍ୟାତ୍ମିକ ରଚନା ସମାଜ ପାଇଁ ଆଲୋକବର୍ତ୍ତିକା ହୋଇଛି। ପ୍ରାରମ୍ଭରେ ମା' ଓଲାଶୁଣୀ ଓ ସନ୍ଥ ଅରକ୍ଷିତଙ୍କ ପ୍ରତିକୃତି ନିକଟରେ ଦୀପ ପ୍ରଜ୍ୱଳନ ସହିତ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ କହିଥିଲେ ଯେ, ମହାପୁରୁଷଜୀଙ୍କ ଆର୍ବିଭାବ ଦିବସର ଶୁଭାବସରରେ ଓଲାଶୁଣୀ ପୀଠରୁ ଶତାଧିକ ବର୍ଷ ତଳର ଶିଳାଲେଖ ମିଳିବା ଏକ ଅପୂର୍ବ ସଂଯୋଗ। ମହାପୁରୁଷଜୀ ଓ ପୁଣ୍ୟପୀଠ ଓଲାଶୁଣୀର କୀର୍ତ୍ତି ଓ କୃତିକୁ ସମ୍ପ୍ରସାରିତ କରିବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏହି ଅବସରରେ ମହୀମଣ୍ଡଳ ଗୀତା ପାଠ କରାଯାଇଥିଲା। ଅତିଥିମାନଙ୍କ ସମେତ ଶିଳାଲେଖକୁ ଲୋକଲୋଚନକୁ ଆଣିଥିବା ଐତିହ୍ୟପ୍ରେମୀ ଛାତ୍ର ଶିବଜ୍ୟୋତି ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା ଡେରାବିଶ ବ୍ଲକର ପ୍ରାକ୍ତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମହେଶ୍ୱର ବଳ, ଉମେଶ ଚନ୍ଦ୍ର ସାମଲ, ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ଉମାକାନ୍ତ ବଳ, ବିପିନ ବିହାରୀ ଜେନା, ଶୈଳେନ୍ଦ୍ର ନାରାୟଣ ରାୟ, ଫଣିନ୍ଦ୍ର ନାଥ ପଣ୍ଡା, ବସନ୍ତରାଜ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟାପକ ଯଚିନ୍ଦ୍ର ରାଉତଙ୍କ ଦ୍ୱାରା ସନ୍ଥ ଅରକ୍ଷିତଙ୍କ ବିରଚିତ ମହୀମଣ୍ଡଳ ଗୀତା ଓ ଗୁପ୍ତଗୀତାର ଇଂରାଜୀ ଗୀତାନୁବାଦ 'ଆର୍କ ଅଫ୍ ଆନ୍ଥେମ୍' ଉନ୍ମୋଚିତ ହୋଇଥିଲା। ଓଲାଶୁଣୀ ପୀଠରେ ସନ୍ଥ ସମାଧି ଦର୍ଶନ ସହିତ ମହାପୁରୁଷଙ୍କ ପବିତ୍ର କେଶସ୍ମୃତି ପୂଜା ପାଉଥିବା ଭୋଲି ମହାରଣାଙ୍କ ବାସଭବନରେ କେଶପେଟିକାକୁ ପୂଜାର୍ଚ୍ଚନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଦାମୋଦର ସ୍ୱାଇଁ, ଭାଗିରଥୀ ସିଂହ, ପୂଜକ ତପନ କୁମାର ପଣ୍ଡା ଓ ଶ୍ରୀମତୀ ପ୍ରମିଳା ମହାରଣା ପ୍ରମୁଖ କେଶପେଟିକା ସ୍ମାରକୀରେ ନବବସ୍ତ୍ର, ନୈବେଦ୍ୟ, ୧୦୮ ତୁଳସୀମାଳ ଓ ମହାପୁରୁଷଙ୍କ ପ୍ରିୟଭୋଗ ଦୁଧ ଗଇଁଠା ଅର୍ପଣ କରିଥିଲେ। ଶେଷରେ ଶ୍ରୀକାନ୍ତ କୁମାର ସାମଲ କୃତଜ୍ଞତା ଜ୍ଞାପନ କରିଥିଲେ।



## ଆଜିଠାରୁ ଲର୍ଡ୍ସ ଟେଷ୍ଟ: ଇଂଲଣ୍ଡ ଏକାଦଶ ଘୋଷିତ

# ଗୋଟିଏ ପରିବର୍ତ୍ତନ ସହ ଖେଳିବ ଭାରତ



**ଲଣ୍ଡନ,୯।୭/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟେଷ୍ଟ ସିରିଜ୍ ବିଶିଷ୍ଟ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ମ୍ୟାଚ୍ ଗୁରୁବାରଠାରୁ ପ୍ରସିଦ୍ଧ ଲର୍ଡ୍ସ ଷ୍ଟାଡିୟମ୍‌ରେ ଖେଳାଯିବ। ବର୍ମିଂହାମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ ସହ ସିରିଜ୍‌କୁ ୧-୧ ସମାନ ସ୍ଥିତିରେ ପହଞ୍ଚାଇଥିବା ଭାରତୀୟ ଟିମ୍ କେବଳ ଗୋଟିଏ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇବ। ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଦୃଷ୍ଟିରୁ ବାହାରେ ଥିବା ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଚୂଡ଼ାନ୍ତ ଏକାଦଶକୁ ପ୍ରତ୍ୟାବର୍ତ୍ତନ କରିବେ। ଅନ୍ୟପକ୍ଷରେ କରୁଣ ନାୟରଙ୍କ ସ୍ଥାନରେ କୁଲଦୀପ୍ ଯାଦବଙ୍କୁ ସାମିଲ କରିବାକୁ ନେଇ ଆଲୋଚନା ଜୋର୍ ଧରିଥିଲେ ମଧ୍ୟ ଲର୍ଡ୍ସର ସବୁଜ ପିଚ୍ ଏ ସବୁ ପ୍ରଶ୍ନ ଉପରେ

**ସମୟ: ଅପରାହ୍ଣ ୩.୩୦**
**ଭେନ୍ୟୁ: ଦ ଲର୍ଡ୍ସ**
**ପ୍ରସାରଣ: ଟେନ୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

ବିରାମ ଲଗାଇଛି। ରିପୋର୍ଟ ଅନୁସାରେ କରୁଣ ନାୟରଙ୍କ ସମେତ ବାକି ସ୍କ୍ୱାଡ୍‌ରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏହାର ଅର୍ଥ ଟିମ୍ ମ୍ୟାନେଜମେଣ୍ଟ ବିଶେଷକରି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବର୍ତ୍ତମାନର ଟିମ୍ ଉପରେ ଭରସା ରଖିଛନ୍ତି। ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଶାଣିତ ଥିବା ଭାରତୀୟ ବୋଲିଂ ଆକ୍ରମଣ ଆହୁରି ଘାତକ ହେବ। ବର୍ମିଂହାମ୍‌ରେ ଆକାଶ ଦୀପ୍ ପ୍ରଥମ ଥର ଟେଷ୍ଟରେ ପାଞ୍ଚ ୱିକେଟ୍ ନେଇଥିବା ବେଳେ ଲମ୍ବା ସ୍ପେଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ମହମ୍ମଦ ସିରାଜ୍ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ସଫଳତା ହାସଲ କରିଥିଲେ।

କରୁଣ ନାୟରଙ୍କ ଉପସ୍ଥିତିକୁ ନେଇ ନିଶ୍ଚିତ ଚର୍ଚ୍ଚା ଜାରୀ ରହିବ। ଭାରତର ଶୀର୍ଷ ୭ ବ୍ୟାଟରଙ୍କ ମଧ୍ୟରେ ସେ ଏକମାତ୍ର ଖେଳାଳି ଯିଏ ବର୍ତ୍ତମାନ ସୁଦ୍ଧା ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ସେ ଦୁଇଟି ଫ୍ଲାଟ୍ ପିଚ୍‌ରେ ମାତ୍ର ୭୭ ରନ୍ କରିଛନ୍ତି ଏବଂ ପ୍ରତ୍ୟେକ ଥର କ୍ୟାଚ୍ ଆଉଟ୍ ହୋଇଛନ୍ତି। ଏହା ସତ୍ତ୍ୱେ ଗମ୍ଭୀର ତାଙ୍କୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଲଣ୍ଡନରେ ପହଞ୍ଚିବା ପରେ ଶୁଭମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ୍ ଓ କେଏଲ୍ ରାହୁଲଙ୍କ ପରି ସିନିୟର୍ ବ୍ୟାଟର୍ ବିଶ୍ରାମ କରିଥିବା ବେଳେ ନାୟର୍ ବୈକଳ୍ପିକ ନେଟ୍ ସେସନ୍‌ରେ ଭାଗ ନେଇଥିଲେ। ନେଟ୍ସରେ ସେ ରବୀନ୍ଦ୍ର ଜାଡ଼େଜା ଓ କୁଲଦୀପ୍ ଯାଦବଙ୍କ ବୋଲିଂକୁ ଦୃଢ଼ତାର ସହ ସାମ୍ନା କରିଥିଲେ।

### ଇଂଲଣ୍ଡ ଏକାଦଶରେ ଜୋଫ୍ରା ଆର୍ଚର୍



ଲର୍ଡ୍ସରେ ଗୁରୁବାରଠାରୁ ଖେଳାଯିବାକୁ ଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍ ପାଇଁ ଫାଷ୍ଟ ବୋଲର୍ ଜୋଫ୍ରା ଆର୍ଚର୍‌ଙ୍କୁ ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଆର୍ଚର୍ ୪ ବର୍ଷ ୪ ମାସ ୧୫ ଦିନ ପରେ ଟେଷ୍ଟ ମ୍ୟାଚ୍ ଖେଳିବେ। ଆର୍ଚର୍ ୨୦୨୧ରେ ଅହମ୍ମଦବାଦାରେ ଭାରତ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ତାଙ୍କୁ ଜୋଶ୍ ଟଙ୍ଗଙ୍କ ସ୍ଥାନରେ ଟିମ୍‌ରେ ସାମିଲ କରାଯାଇଛି। ଟଙ୍ଗ୍ ଏହି ସିରିଜ୍‌ରେ ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ୧୧ ୱିକେଟ୍ ନେଇଥିଲେ। ୩୦ ବର୍ଷୀୟ ଆର୍ଚର୍ ଦୀର୍ଘଦିନ ଧରି କହୁଣୀ ଏବଂ ପିଠି ଆଘାତ ସହ ସଂଘର୍ଷ କରୁଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏକ୍ସ' ହ୍ୟାଣ୍ଡଲ୍‌ରେ ଆର୍ଚର୍‌ଙ୍କ ପ୍ରତ୍ୟାବର୍ତ୍ତନ ସୂଚନା ଦେଇଛି।


**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ:** ବେନ୍ ଷ୍ଟୋକ୍ସ (କ୍ୟାପ୍‌ଟେନ୍), ଜ୍ୟାକ୍ କ୍ରଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଜେମି ସ୍ମିଥ୍ (ୱିକେଟ୍‌କିପର୍), କ୍ରିସ୍ ୱୋକ୍ସ, ବ୍ରାୟଡନ୍ କାର୍ସ, ଜୋଫ୍ରା ଆର୍ଚର୍ ଓ ଶୋଏବ୍ ବଶୀର।

ଲର୍ଡ୍ସରେ ଗତ ତିନିଟି ମ୍ୟାଚ୍ ମଧ୍ୟରୁ ଭାରତ ଦୁଇଟି ଟେଷ୍ଟ ଜିତିଛି। ଏହା ମଧ୍ୟରେ ୨୦୨୧ରେ ବିରାଟ କୋହଲିଙ୍କ ନେତୃତ୍ୱରେ ଐତିହାସିକ ବିଜୟ ସାମିଲ। ଏପରି ସ୍ଥିତିରେ ଗମ୍ଭୀର ଓ ଗିଲ୍ ସିରିଜ୍‌ରେ ୨-୧ର ଅଗ୍ରଣୀ ଲାଭ ନିମନ୍ତେ ଏକ ଆଦର୍ଶ ସଂଯୋଜନ ସହ ଓହ୍ଲାଇବାକୁ ଚାହିଁବେ।

**ସମ୍ଭାବ୍ୟ ଭାରତୀୟ ଏକାଦଶ:** ଯଶସ୍ୱୀ ଜୟସ୍ୱାଲ୍, କେଏଲ୍ ରାହୁଲ, କରୁଣ ନାୟର୍, ଶୁଭମନ ଗିଲ୍ (କ୍ୟାପ୍‌ଟେନ୍), ଋଷଭ ପନ୍ତ (ୱିକେଟ୍‌କିପର୍), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡ଼େଜା, ୱାଶିଂଟନ୍ ସୁନ୍ଦର, ଆକାଶ ଦୀପ୍, ମହମ୍ମଦ ସିରାଜ୍ ଓ ଜସ୍‌ପ୍ରୀତ୍ ବୁମ୍‌ରା।

## ଆଇପିଏଲ୍ ଟିକେଟ୍ ଆବଣ୍ଟନରେ ଅନିୟମିତତା

# ଏଚ୍‌ସିଏ ସଭାପତି ଗିରଫ



**ହାଇଦ୍ରାବାଦ,୯।୭/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ୨୦୨୫ ଟିକେଟ୍ ଆବଣ୍ଟନ୍ ଏବଂ ପ୍ରବନ୍ଧନ ସହ ଜଡ଼ିତ ଅନିୟମିତତା ଅଭିଯୋଗରେ ତେଲେଙ୍ଗାନା ସିଆଇଡି ବୁଧବାର ହାଇଦ୍ରାବାଦ କ୍ରିକେଟ୍ ସଂଘ (ଏଚ୍‌ସିଏ) ସଭାପତି ଜଗନ ମୋହନ ରାଓଙ୍କୁ ଗିରଫ କରିଛି। ଅନିୟମିତତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ଓ ପ୍ରବର୍ତ୍ତନ ୱିଙ୍ଗ୍‌ର ରିପୋର୍ଟ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ପକ୍ଷରୁ ଏଚ୍‌ସିଏ ବିରୋଧରେ କରାଯାଇଥିବା ଗୁରୁତର ଅଭିଯୋଗ ପ୍ରାଥମିକ ରିପୋର୍ଟରେ ବୈଧ ହୋଇଥିଲା। ଅଭିଯୋଗରେ କମ୍ପ୍ଲିମେଣ୍ଟାରୀ ଟିକେଟ୍ ଏବଂ କର୍ପୋରେଟ୍ ବକ୍ସକୁ ନେଇ ଧମକ, ବଳ ପ୍ରୟୋଗ ଏବଂ ବ୍ଲାକ୍‌ମେଲ୍ ଅନ୍ତର୍ଭୁକ୍ତ ଥିଲା। ଫ୍ରାଞ୍ଚାଇଜି ଅଭିଯୋଗ କରିଥିଲା ଯେ ମାର୍ଚ୍ଚ ୨୭ରେ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ରାଓ ଏକ କର୍ପୋରେଟ୍ ବକ୍ସ ବନ୍ଦ କରିଦେବା ସହ ୨୦ ଅତିରିକ୍ତ କମ୍ପ୍ଲିମେଣ୍ଟାରୀ ଟିକେଟ୍ ଦାବି କରିଥିଲେ। ରାଓଙ୍କ ଏହି କାର୍ଯ୍ୟ ଏସ୍‌ଆର୍‌ଏଚ୍, ଏଚ୍‌ସିଏ ଏବଂ ବିସିସିଆଇ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ଚୁକ୍ତିନାମାକୁ ଉଲ୍ଲଂଘନ କରିଥିବା ଏଥିରେ ଅଭିଯୋଗ ହୋଇଛି। ଏହି ଚୁକ୍ତି ଅନୁସାରେ ସଂଘକୁ ୩୯୦୦ କମ୍ପ୍ଲିମେଣ୍ଟାରୀ ଟିକେଟ୍ (ଷ୍ଟାଡିୟମ୍ କ୍ଷମତାର ୧୦ ପ୍ରତିଶତ) ଆବଣ୍ଟିତ ହୋଇଥାଏ।

## ସଟ୍ ପୁଟର୍ ଜସ୍ମିନ୍ କୌର୍ ସାମୟିକ ନିଲମ୍ବିତ


**ନୂଆଦିଲ୍ଲୀ,୯।୭/ଏଜେନ୍ସି:** ଡୋପ୍ ଟେଷ୍ଟରେ ବିଫଳ ହେବାପରେ ପଞ୍ଜାବ ସଟ୍ ପୁଟର୍ ଜସ୍ମିନ୍ କୌର୍‌ଙ୍କୁ ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି (ନାଡା) ବୁଧବାର ଅସ୍ଥାୟୀ ଭାବେ ନିଲମ୍ବିତ କରିଛି। ଜସ୍ମିନ୍‌ଙ୍କ ନମୁନା ପରୀକ୍ଷାରୁ ଉତ୍ତେଜକ ଟର୍ବୁଲାଟାଇନ୍ ପଦାର୍ଥ ମିଳିଥିଲା। ୨୨ ବର୍ଷୀୟା ଆଥ୍‌ଲେଟ୍ ଚଳିତ ବର୍ଷ ଡେରାଡୁନ୍‌ରେ ଆୟୋଜିତ ଜାତୀୟ କ୍ରୀଡ଼ାରେ ୧୫.୯୭ ମିଟର୍ ସର୍ବଶ୍ରେଷ୍ଠ ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗତବର୍ଷ ଆନ୍ତଃ-ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ମଧ୍ୟ ସେ ୧୪.୭୫ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ।

### ଆଇସିସି ଟେଷ୍ଟ ର୍‍ୟାଙ୍କିଂ: ବୋଲିଂ ଶୀର୍ଷରେ ବୁମ୍‌ରା ସ୍ଥିର

# ବ୍ୟାଟିଂ ଶୀର୍ଷ-୬ରେ ପ୍ରଥମ ଥର ଗିଲ୍

**ଦୁବାଇ,୯।୭/ଏଜେନ୍ସି:** ଭାରତୀୟ ଟେଷ୍ଟ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ପ୍ରଥମ ଥର ଟେଷ୍ଟ ବ୍ୟାଟର୍ସ ର୍‍ୟାଙ୍କିଂର ଶୀର୍ଷ-୬ରେ ପହଞ୍ଚିଛନ୍ତି। ବୁଧବାର ଜାରୀ ଆଇସିସି ର୍‍ୟାଙ୍କିଂରେ ସେ ୧୫ ସ୍ଥାନର ଲମ୍ଫ ପ୍ରଦାନ କରିଛନ୍ତି। ଏହା ଟେଷ୍ଟରେ ଗିଲ୍‌ଙ୍କ ସର୍ବଶ୍ରେଷ୍ଠ ର୍‍ୟାଙ୍କିଂ। ଏଜ୍‌ବାଷ୍ଟନ୍ ଟେଷ୍ଟରେ ୨୬୯ ଏବଂ ୧୬୧ ରନ୍‌ର ଇନିଂସ୍‌ର ଲାଭ ଗିଲ୍‌ଙ୍କୁ ମିଳିଛି। ଗିଲ୍‌ଙ୍କ ବ୍ୟତୀତ ଶୀର୍ଷ ୧୦ ବ୍ୟାଟରଙ୍କ ମଧ୍ୟରେ ଅନ୍ୟ ଦୁଇଜଣ ଭାରତୀୟ ଯଶସ୍ୱୀ ଜୟସ୍ୱାଲ୍ (୪ର୍ଥ) ଏବଂ ଋଷଭ ପନ୍ତ (ସପ୍ତମ) ରହିଛନ୍ତି। ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଲିଷ୍ଟର ପଞ୍ଚମ ସ୍ଥାନରେ ରହିଛନ୍ତି। ଏଜ୍‌ବାଷ୍ଟନ୍ ଟେଷ୍ଟରେ ଭାରତ ବିପକ୍ଷରେ ୧୮୪* ଓ ୮୮ ରନ୍‌ର ଇନିଂସ୍ ଖେଳିଥିବା ୱିକେଟ୍‌କିପର୍ ବ୍ୟାଟର୍ ଜେମି ସ୍ମିଥ୍ ୧୬ ସ୍ଥାନର ଉନ୍ନତି ସହିତ ଦଶମରେ ପହଞ୍ଚିଛନ୍ତି। ଜିମ୍ବାୱେ ବିପକ୍ଷରେ ଅପରାଜିତ ୩୬୭ ରନ୍‌ର ଇନିଂସ୍ ଖେଳିଥିବା ସାଉଥ୍ ଆଫ୍ରିକାର ୱିଆନ୍ ମୁଲ୍ଡର୍ ୩୪ ସ୍ଥାନର ଉନ୍ନତି ସହ ୨୨ଶ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ର୍‍ୟାଙ୍କିଂ ଭାରତୀୟ ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ଲଗାତାର ୩୨ ସପ୍ତାହ ଧରି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଏଜ୍‌ବାଷ୍ଟନ୍‌ରେ ପ୍ରଥମ ଇନିଂସ୍‌ରେ ୬ ୱିକେଟ୍ ନେଇଥିବା ମହମ୍ମଦ ସିରାଜ୍ ଛଅ ସ୍ଥାନର ଲାଭ ସହିତ ୨୨ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଂରେ ଭାରତୀୟ ସ୍ପିନର୍ ରବୀନ୍ଦ୍ର ଜାଡ଼େଜା ଲଗାତାର ୧୭୪ ସପ୍ତାହ ଧରି ଶୀର୍ଷରେ ବଜାୟ ରହିଛନ୍ତି। ସାଉଥ୍ ଆଫ୍ରିକାର ୱିଆନ୍ ମୁଲ୍ଡର୍ ୧୨ ସ୍ଥାନର ଉନ୍ନତି ସହ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶର ମେହଦୀ ହସନ୍ ମିରାଜ୍ ଦ୍ୱିତୀୟରେ ଅଛନ୍ତି।

## ଡୋପିଂ: ପହେଲମାନ ରୀତିକା ହୁଡ୍ଡା ନିଲମ୍ବିତ



**ନୂଆଦିଲ୍ଲୀ,୯।୭/ଏଜେନ୍ସି:** ଭାରତର ପ୍ରଥମ ଅଣ୍ଡର-୨୩ ବିଶ୍ୱ ଚାମ୍ପିଅନ୍ ପହେଲମାନ ରୀତିକା ହୁଡ୍ଡାଙ୍କୁ ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି (ନାଡା) ଅସ୍ଥାୟୀ ଭାବେ ନିଲମ୍ବିତ କରିଛି ଏବଂ ତାଙ୍କୁ ୪ ବର୍ଷ ପାଇଁ ବାସନ୍ଦ କରାଯାଇପାରେ। ହେଭିୱେଟ୍ ୬୪ କିଗ୍ରା ବର୍ଗରେ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରଥମ ମହିଳା ପହେଲମାନ ୨୨ ବର୍ଷୀୟା ରୀତିକାଙ୍କ ମୂତ୍ର ନମୁନା ମାର୍ଚ୍ଚ ୧୫ରେ ଏସିଆନ୍ ଚାମ୍ପିଅନ୍‌ଶିପ୍ ପାଇଁ ଟ୍ରାଏଲ୍ ଅବସରରେ ପରୀକ୍ଷଣ କରାଯାଇଥିଲା। ଏଥିରେ ପ୍ରତିବନ୍ଧିତ ପଦାର୍ଥ ଏସ୍୧.୧ ଆନାବୋଲିକ୍ ଏଣ୍ଡ୍ରୋଜେନିକ ଷ୍ଟେରଏଡ୍‌ର ଅଂଶ ମିଳିଥିଲା। ଅଲିମ୍ପିକ୍‌ରେ ପଦକ ଜିତିବାରେ ବିଫଳ ହେବାପରେ ରୀତିକା ମାର୍ଚ୍ଚରେ ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ ରୌପ୍ୟ ପଦକ ଜିତିଥିଲେ। ଏହାପରେ ମଙ୍ଗୋଲିଆରେ ଆୟୋଜିତ ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‍ୟାଙ୍କିଂ ସିରିଜ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚଳିତ ବର୍ଷ ଶେଷରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ସେ ପଦକର ପ୍ରବଳ ଦାବିଦାର ଥିଲେ। ଚଳିତ ବର୍ଷ ତିନିଟି ପ୍ରତିଯୋଗିତାରୁ ସେ କେବଳ ଗୋଟିଏରେ ପରାଜିତ ହୋଇଛନ୍ତି।

## ଭାରତ-ଏ' ହକି ଟିମ୍‌ର ବିଜୟୀ ଅଭିଯାନ

**ଆଇଣ୍ଡହୋଭନ୍ (ନେଦରଲାଣ୍ଡ), ୯।୭/ଏଜେନ୍ସି:** ଭାରତ-ଏ ପୁରୁଷ ହକି ଟିମ୍ ମଙ୍ଗଳବାର ରାତିରେ ସ୍ଥାନୀୟ ଓରାଞ୍ଜେ-ରୁଡ୍‌ରେ ଆୟର୍ଲାଣ୍ଡକୁ ୬-୧ ଗୋଲ୍‌ରେ ହରାଇ ନିଜ ୟୁରୋପ ଗସ୍ତର ଚମତ୍କାର ଆରମ୍ଭ କରିଛି। ଭାରତ ପକ୍ଷରୁ ଉତ୍ତମ ସିଂହ, ଅମନଦୀପ୍ ଲାକ୍ରା, ଆଦିତ୍ୟା ଲାଲଗେ, ସେଲ୍‌ଭମ୍ କାର୍ଥି ଓ ବବି ସିଂହ ଧାମି ଗୋଲ୍ ସ୍କୋର୍ କରିଥିଲେ। ଭାରତ ମ୍ୟାଚ୍‌ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ଜାହିର କରି ଆୟର୍ଲାଣ୍ଡକୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇନଥିଲା। ଉତ୍ତମ ଭାରତୀୟ ପାଇଁ ପ୍ରଥମ ଗୋଲ୍ ସ୍କୋର୍ କରିବା ପରେ ଅମନଦୀପ୍ ଟିମ୍‌ର ଅଗ୍ରଣୀକୁ ଆହୁରି ମଜଭୁତ କରିଥିଲେ। ଏହାପରେ ଆଦିତ୍ୟ ଚମତ୍କାର ପ୍ରଦର୍ଶନ କରି ଲଗାତାର ଦୁଇଟି ଗୋଲ୍ ସ୍କୋର୍ କରି ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଫରୱାର୍ଡ୍ ସେଲ୍‌ଭାମ୍ କାର୍ତ୍ତି ଓ ବବି ସିଂହ ଧାମି ମଧ୍ୟ ୧-୧ ଗୋଲ୍ କରିଥିଲେ। ଭାରତୀୟ ଡିଫେନ୍ସ ଉନ୍ନତ ଖେଳ ପ୍ରଦର୍ଶନ କରି ଆୟର୍ଲାଣ୍ଡ ପ୍ରୟାସକୁ ବିଫଳ କରିଥିଲା। ଫଳରେ ଆୟର୍ଲାଣ୍ଡ ଟିମ୍ କେବଳ ଗୋଟିଏ ଗୋଲ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ଏବେ ବୁଧବାର ପୁଣିଥରେ ଆୟର୍ଲାଣ୍ଡକୁ ଭେଟିବ। ଏହାପରେ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଫ୍ରାନ୍ସ, ଇଂଲଣ୍ଡ, ବେଲ୍‌ଜିୟମ୍ ଓ ଆୟୋଜିତ ନେଦରଲାଣ୍ଡ ବିପକ୍ଷରେ ଖେଳିବ।

**ଆୟର୍ଲାଣ୍ଡକୁ ୬-୧ରେ ହରାଇଲା**

## ଦେଶ ବିଦେଶ

### ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନର ନବୀକରଣ କାର୍ଯ୍ୟ ବନ୍ଦ

# କେବଳ ବୈଦ୍ୟୁତିକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥାନ୍ତା ୬୦ ଲକ୍ଷ



**ନୂଆଦିଲ୍ଲୀ,୯।୭/ଏଜେନ୍ସି:** ୬୦ ଲକ୍ଷ ଟଙ୍କା ବ୍ୟୟବରାଦିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସରକାରୀ ବାସଭବନର ନବୀକରଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ସୂଚନାନୁସାରେ ଏହି କାର୍ଯ୍ୟ ପାଇଁ ଆରମ୍ଭ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ 'ପ୍ରଶାସନିକ କାରଣ' ଯୋଗୁଁ ବାତିଲ କରାଯାଇଛି। ସହରର ପବ୍ଲିକ୍ ୱାର୍କସ୍ ବିଭାଗ ପକ୍ଷରୁ ଦିଲ୍ଲୀ ସରକାରଙ୍କୁ ଏହି ବାତିଲ ବିଷୟରେ ସୂଚନା ଦେଇଛି। ଟେଣ୍ଡର ବିଜ୍ଞପ୍ତି ଅନୁସାରେ ଏହି ସରକାରୀ ବାସଭବନରେ କେବଳ ବୈଦ୍ୟୁତିକ କାର୍ଯ୍ୟ ପାଇଁ ୬୦ ଲକ୍ଷ ଟଙ୍କାର ଟେଣ୍ଡର ମୂଲ୍ୟ ରଖାଯାଇଥିଲା। ଏଥିରେ ୧୪ଟି ଏୟାର କଣ୍ଡିସନର, ୯ ଲକ୍ଷ ଟଙ୍କାର ଟିଭି ଏବଂ ୬ ଲକ୍ଷ ଟଙ୍କାର ଅତିରିକ୍ତ ଲାଇଟ୍ ଫିଟିଂ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ କୌଣସି କାରଣ ପାଇଁ ଏବେ ଏହାକୁ ବାତିଲ କରାଯାଇଛି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ନିଜ ସରକାରୀ ବାସଭବନର ନବୀକରଣ କରାଇବା ଆଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ଯୋଗୁ ବିଜେପି ଏହାକୁ ପ୍ରସଙ୍ଗ କରିଥିଲା। ଏବେ ଯଦି କେବଳ ବୈଦ୍ୟୁତିକ କାର୍ଯ୍ୟ ପାଇଁ ୬୦ ଲକ୍ଷ ଟଙ୍କାର ଖର୍ଚ୍ଚ କରାଯାଏ ତେବେ ବିରୋଧୀ ଭୂମିକା ତୁଲାଉଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାକୁ ପ୍ରସଙ୍ଗ କରିପାରେ ବୋଲି ବିଜେପି ହୁଏତ ଆଶଙ୍କା କରୁଛି। କେଜ୍ରିୱାଲ୍‌ଙ୍କ ଦ୍ୱାରା ନବୀକରଣ କରାଯାଇଥିବା ଉକ୍ତ ବାସଭବନରେ ରହିବାକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମନା କରିଦେଇଥିଲେ ଏବଂ ଏହାକୁ 'ସଂଗ୍ରହାଳୟ'ରେ ପରିଣତ କରାଯିବ ବୋଲି ସେ କହିଥିଲେ।

### ହସିନାଙ୍କ ସମସ୍ୟା ବଢ଼ାଇଲା ଲିକ୍ ଅଡିଓ କ୍ଲିପ୍

## ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଥିଲେ ହସିନା

### 'ଯେଉଁଠି ପ୍ରଦର୍ଶନକାରୀଙ୍କୁ ଦେଖୁଛ ସେଇଠି ଗୁଳିକର'




**ଢାକା,୯।୭/ଏଜେନ୍ସି:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ଉପୁନ୍ନ ହୋଇଛି। ତାଙ୍କର ସ୍ୱର ଥିବା ଏକ ଅଡିଓ କ୍ଲିପ୍ ଏବେ ଲିକ୍ ହୋଇଛି, ଯେଉଁଥିରେ ସେ ଗତ ବର୍ଷର ବିଶାଳ ଛାତ୍ର ପ୍ରତିବାଦ ସମୟରେ ସୁରକ୍ଷା ବାହିନୀକୁ ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଉଥିବାର ସ୍ପଷ୍ଟଭାବେ ଶୁଣିବାକୁ ମିଳୁଛି। ପ୍ରକାଶ, ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ବିରୁଦ୍ଧରେ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା। କିନ୍ତୁ କିଛି ଦିନ ମଧ୍ୟରେ ଏହା ଦେଶବ୍ୟାପୀ ଏକ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଏହି ପ୍ରତିବାଦ ଶେଷରେ ଶେଖ ହାସିନାଙ୍କୁ ଗାଦିଚ୍ୟୁତ କରିଦେଇଥିଲା। ଜାତିସଂଘର ଏକ ତଦନ୍ତ ଅନୁଯାୟୀ, ଏହି ଦମନରେ ପ୍ରାୟ ୧,୪୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା, ଯାହା ୧୯୭୧ ଯୁଦ୍ଧ ପରେ ସବୁଠାରୁ ଖରାପ ରାଜନୈତିକ ହିଂସା ଥିଲା। ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧୀ ଅପରାଧ, ଉସୁକାଇବା, ଷଡ଼ଯନ୍ତ୍ର ଏବଂ ଗଣହତ୍ୟା ନିର୍ଦ୍ଦେଶ ଦେବା ଭଳି ଗମ୍ଭୀର ଅଭିଯୋଗ ଅଛି। ବାଂଲାଦେଶରେ ତାଙ୍କ ନେତୃତ୍ୱାଧୀନ ସରକାରର ପତନ ପୂର୍ବରୁ ସେ ଭାରତ ପଳାଇ ଆସିଥିଲେ। ଢାକା ତାଙ୍କୁ ପ୍ରତ୍ୟର୍ପଣ ଦାବି କରିଛି କିନ୍ତୁ ଭାରତ ଏପର୍ଯ୍ୟନ୍ତ ତାଙ୍କୁ ହସ୍ତାନ୍ତର କରିନାହିଁ। ତାଙ୍କ ଫେରିବାର ସମ୍ଭାବନା ବହୁତ କମ ବୋଲି ବିବେଚନା କରାଯାଉଛି।

### ମୋଦୀଙ୍କୁ ନାମ୍ବିଆର ସର୍ବୋଚ୍ଚ ନାଗରିକ ପୁରସ୍କାର

# ଭାରତ-ନାମ୍ବିଆ ୪ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ

**ନାମ୍ବିଆ, ନୂଆଦିଲ୍ଲୀ, ୯।୭/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୯ ଜୁଲାଇ, ୨୦୨୫ରେ ନାମ୍ବିଆର ୱିଣ୍ଡହୋକ୍ ଠାରେ ନାମ୍ବିଆର ରାଷ୍ଟ୍ରପତି ନେଟୁମ୍ବୋ ନନ୍ଦୀ-ନଦାଇତୱାହ ନିଜ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର, 'ଅର୍ଡର ଅଫ୍ ଦି ମୋଷ୍ଟ ଆନ୍‌ସିଆଣ୍ଟ ୱେଲୱିଟସଚିଆ ମିରାବିଲିସ୍' ପ୍ରଦାନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପ୍ରତି ନାମ୍ବିଆ ଗସ୍ତରେ ଅଛନ୍ତି। ତେବେ ଏହି ଅବସରରେ ଭାରତ, ନାମ୍ବିଆ ମଧ୍ୟରେ ୪ଟି ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସେହିପରି ଭାରତ ନାମ୍ବିଆରେ ଏକ ଉଦ୍ୟୋଗ ବିକାଶ କେନ୍ଦ୍ର ସ୍ଥାପନ କରିବା ନେଇ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନାମ୍ବିଆ ରାଷ୍ଟ୍ରପତି ନେଟୁମ୍ବୋ ନନ୍ଦୀ-ନଦୈତୱାଙ୍କ ଉପସ୍ଥିତିରେ ଉଭୟ ଦେଶର ବିଦେଶ ମନ୍ତ୍ରୀ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଉଭୟ ଦେଶ ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ସହଯୋଗ ପାଇଁ ମଧ୍ୟ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ




ହୋଇଛି। କେନ୍ଦ୍ରୀୟ ଔଷଧ ଗବେଷଣା ପ୍ରତିଷ୍ଠାନ ଏବଂ ଗ୍ଲୋବାଲ୍ ବାୟୋଫ୍ୟୁଏଲ୍ସ ଆଲାଏନ୍ସରେ ନାମ୍ବିଆର ଯୋଗଦାନ ପାଇଁ ସ୍ୱୀକୃତି ପତ୍ର ମଧ୍ୟ ଉପସ୍ଥାପନ କରାଯାଇଛି। ନାମ୍ବିଆର ରାଜଧାନୀ ୱିଣ୍ଡହୋକ୍‌ର ଷ୍ଟେଟ୍ ହାଉସ୍‌ରେ ଦ୍ୱିପାକ୍ଷିକ ପ୍ରତିନିଧିମଣ୍ଡଳସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗର ନୂତନ କ୍ଷେତ୍ର ଅନୁସନ୍ଧାନ କରି ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଭାଗୀତାକୁ ଆହୁରି ଘନିଷ୍ଠ କରିବା ପାଇଁ ଆଲୋଚନା ହୋଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ୱିଣ୍ଡହୋକ୍‌ର ଜାତୀୟ ସ୍ମାରକୀ ହିରୋସ୍ ଏକର ଠାରେ ନାମ୍ବିଆର ପ୍ରତିଷ୍ଠାତା ପିତା ସାମ୍ ନୁଜୋମାଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ପାଇଁ ଶ୍ରୀ ମୋଦୀଙ୍କୁ ନାମ୍ବିଆର ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରାଯାଇଛି।

### ଟ୍ରାକ୍‌ରେ ରହିଛି ବୁଲେଟ୍ ଟ୍ରେନ୍ ପ୍ରକଳ୍ପ: କେନ୍ଦ୍ର ରେଳମନ୍ତ୍ରୀ

# ଆଗାମୀ ୫ବର୍ଷରେ ଚାଲିବ ୧୦୦୦ ନୂଆ ଟ୍ରେନ୍



**ନୂଆଦିଲ୍ଲୀ,୯।୭/ଏଜେନ୍ସି:** ଭାରତୀୟ ରେଳବାଇ ନେଟ୍‌ୱାର୍କ ଏକ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତୁତ। କ୍ଷମତା ବୃଦ୍ଧି, ଖର୍ଚ୍ଚ ହ୍ରାସ ଏବଂ ଯାତ୍ରୀ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ଏକ ମହତ୍ୱାକାଂକ୍ଷୀ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନାକୁ ଉନ୍ମୋଚନ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ଏସମ୍ପର୍କରେ ସୂଚନା ଦେଇଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର ସରକାର ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୦୦୦ ନୂତନ ଟ୍ରେନ୍ ପ୍ରଚଳନ କରିବାକୁ ଏବଂ ୨୦୨୭ ସୁଦ୍ଧା ବୁଲେଟ୍ ଟ୍ରେନ୍‌ର ବାଣିଜ୍ୟିକ ପରିଚାଳନା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏକ ପ୍ରମୁଖ ହାଇ-ସ୍ପିଡ୍ ରେଳ ପଦକ୍ଷେପ, ବୁଲେଟ୍ ଟ୍ରେନ୍ ପ୍ରକଳ୍ପ, ଜାପାନୀ ସହଯୋଗରେ ଆଗକୁ ବଢୁଛି। ପ୍ରଥମ ପ୍ରୋଟୋଟାଇପ୍ ୨୦୨୬ ରେ ଚାଲିବ ବୋଲି ଆଶା କରାଯାଉଛି। ଏହି ଅବସରରେ ବୈଷ୍ଣବ ଭାରତୀୟ ରେଳବାଇର ସମ୍ପୂର୍ଣ୍ଣ ଘରୋଇକରଣ ସମ୍ଭାବନାକୁ ମଧ୍ୟ ଖାରଜ କରିଥିଲେ ଏବଂ ଏକ ସମନ୍ୱିତ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଷ୍ଣବ କହିଛନ୍ତି ଯେ, 'ରେଳୱେରେ ତିନୋଟି ପ୍ରତିବନ୍ଧକ ଥିଲା - କ୍ଷମତା, ପ୍ରଯୁକ୍ତିବିଦ୍ୟା ଏବଂ ନିବେଶ। ଏଗୁଡିକ ଏବେ ସମାଧାନ ହୋଇଛି,' ସେ କହିଛନ୍ତି। ସେ ଏକ ଭବିଷ୍ୟତର କଳ୍ପନା କରିଥିଲେ ଯେଉଁଠାରେ ଭାରତ କେବଳ ନିଜ ପାଇଁ ଉତ୍ପାଦନ କରିବ ନାହିଁ ବରଂ ରେଳ କ୍ଷେତ୍ରରେ ଏକ ପ୍ରମୁଖ ବିଶ୍ୱ ଯୋଗାଣକାରୀ ହେବ।

ବୈଷ୍ଣବଙ୍କ ଅନୁଯାୟୀ, ଭାରତ ଗତ ୧୧ ବର୍ଷ ମଧ୍ୟରେ ୩୫,୦୦୦ କିଲୋମିଟର ଟ୍ରାକ୍ ଯୋଡିଛି, ଯାହା ଜର୍ମାନୀର ସମଗ୍ର ନେଟ୍‌ୱାର୍କର ଆକାର ସହିତ ସମାନ। 'କେବଳ ଗୋଟିଏ ବର୍ଷ ମଧ୍ୟରେ, ରେଲୱେ ଟ୍ରାକ୍‌ରେ ପ୍ରାୟ ୫,୩୦୦ କିଲୋମିଟର ଯୋଡାଯାଇଛି। ବାର୍ଷିକ ୩୦,୦୦୦ ୱାଗନ ଏବଂ ୧୫୦୦ ଲୋକୋମୋଟିଭ୍ ତିଆରି ହେଉଛି, ଯାହା ଉତ୍ତର ଆମେରିକା ଏବଂ ୟୁରୋପର ମିଳିତ ଉତ୍ପାଦନ ଅପେକ୍ଷା ଅଧିକ। ଭାରତୀୟ ରେଳବାଇରେ ନିବେଶ ୨୫,୦୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨.୫୨ ଲକ୍ଷ କୋଟି ଟଙ୍କା ହୋଇଛି, ଯେଉଁଥିରେ ପିପିପିରୁ ଅତିରିକ୍ତ ୨୦,୦୦୦ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଗତ ଦଶନ୍ଧିରେ ମାଲ ପରିବହନରେ ରେଳର ଅଂଶ ୨୬% ରୁ ୨୯% କୁ ବୃଦ୍ଧି ପାଇଛି, ଏବଂ ଏହାକୁ ୩୦% ରୁ ୩୫% କୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ସେହିପରି ରେଳ ସୁରକ୍ଷା ସମ୍ପର୍କରେ ବୈଷ୍ଣବ କହିଛନ୍ତି ଯେ ରେଳ ଲାଇନଚ୍ୟୁତ ଘଟଣା ବାର୍ଷିକ ୧୭୦ରୁ ହ୍ରାସ ପାଇ ୩୦ରୁ ମଧ୍ୟ କମ୍ ହୋଇଛି, ଯେତେବେଳେ ଗତ ଦଶନ୍ଧିରେ ସାମଗ୍ରିକ ରେଳ ଦୁର୍ଘଟଣା ୮୦% ହ୍ରାସ ପାଇଛି। ଏହାର କାରଣ ଦୈନିକ ସୁରକ୍ଷା ସମୀକ୍ଷା ଏବଂ ଟ୍ରାକ୍, ପଏଣ୍ଟ ଏବଂ ସିଗନାଲିଂ ସିଷ୍ଟମରେ ଉନ୍ନତି ବୋଲି ସେ କହିଛନ୍ତି।

### ୟୁକ୍ରେନ୍ ଉପରେ ଆଉ ଏକ ଭୟାବହ ଆକ୍ରମଣ

# ୭୨୮ ଡ୍ରୋନ୍, ୧୩ କ୍ଷେପଣାସ୍ତ୍ର ମାଡ଼କଲା ରୁଷ୍



**କିଭ, ମସ୍କୋ, ୯।୭/ଏଜେନ୍ସି:** ୟୁକ୍ରେନ୍ ଉପରେ ରୁଷ୍ ପକ୍ଷରୁ ଆଉ ଏକ ଭୟାବହ ଆକ୍ରମଣ କରାଯାଇଛି। ରିପୋର୍ଟ ଅନୁସାରେ ରୁଷ୍ ପ୍ରାୟ ୭୨୮ ଡ୍ରୋନ୍ ଏବଂ ୧୩ କ୍ଷେପଣାସ୍ତ୍ର ସହ ୟୁକ୍ରେନ୍‌ର ଅଧିକାଂଶ ସହରଗୁଡ଼ିକ ଉପରେ ଆକ୍ରମଣ କରିଛି। ତେବେ ୟୁକ୍ରେନ୍ ସେନା ପକ୍ଷରୁ କରାଯାଇଥିବା ଦାବି ଅନୁସାରେ ରୁଷ୍‌ର ଅଧିକାଂଶ ଡ୍ରୋନ୍ ଏବଂ ମିସାଇଲ୍‌କୁ ପ୍ରତିହତ କରାଯାଇଛି। ଏସବୁ ମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସକି ଆକ୍ରମଣ ପରବର୍ତ୍ତୀ ଭିଡିଓ ସେୟାର କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ରୁଷ୍ ଏହି ଆକ୍ରମଣ କରିଛି। ୟୁକ୍ରେନ ବୁଧବାର ଦିନ ଦୁଇ ଦେଶ ମଧ୍ୟରେ ତିନି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧରେ ରୁଷକୁ 'ସବୁଠାରୁ ବଡ଼' କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଥିବା ଅଭିଯୋଗ କରିଛି। ୟୁକ୍ରେନର ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ୭୧୮ଟିକୁ ଅଟକାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଣ ବୃଦ୍ଧି ଘୋଷଣା କରିବା ପରେ ଏହି ଆକ୍ରମଣ ହୋଇଛି, ଯାହା ଆମେରିକାର ପୂର୍ବ ନୀତି ଘୋଷଣାର ସମ୍ପୂର୍ଣ୍ଣ ବିପରୀତ। ଏହି ସମୟରେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି କ୍ରେମଲିନକୁ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ପ୍ରୟାସକୁ 'ନିରନ୍ତର ପ୍ରତ୍ୟାଖ୍ୟାନ' କରୁଥିବା ଅଭିଯୋଗ କରିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra